


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-319 ◆BHUBANESWAR ◆SUNDAY ◆18 MAY 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୨ ◆ସଂଖ୍ୟା-୩୧୯ ◆ଭୁବନେଶ୍ୱର ◆ରବିବାର ◆୧୮ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଆମ୍ ଆଦ୍‌ମୀ ପାର୍ଟି ଛାଡ଼ିଲେ ୧୫ କର୍ପୋରେଟର

### ଗଠନ କଲେ ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି

■ ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): କିଛି ଦିନର ବ୍ୟବଧାନରେ ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଶକ୍ତ ଝଟକା ଲାଗିଛି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ସେତେବେଳେ କେଜ୍ରିୱାଲଙ୍କ ପାଇଁ ବଡ଼ ସଙ୍କଟ ଆଣିଥିଲା ବେଳେ ବର୍ତ୍ତମାନ ଦଳର ୧୫ ପାର୍ଷଦ ଦଳ ଛାଡିଛନ୍ତି। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ (ଏମସିଡି)ରେ ଦଳର ମୁଖିଆ ରହିଥିବା ମୁକେଶ ଗୋଏଲଙ୍କ ନେତୃତ୍ୱରେ ଅନ୍ୟ ୧୪ ବିଦ୍ରୋହୀ ଆପ୍ ପାର୍ଷଦ ଦଳ ଛାଡି ନୂଆ ଦଳ ଗଠନ ଘୋଷଣା କରିଛନ୍ତି। ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି ନାଁରେ ନୂଆ ଦଳ ଗଠନ କରାଯାଇଥିଲା ବେଳେ ଏହି ଦଳ ବର୍ତ୍ତମାନ ଏମସିଡିରେ ତୃତୀୟ ସାମ୍ମୁଖ୍ୟ ହେବ ଏବଂ ଏହା ମୁକେଶ ଗୋୟଲଙ୍କ ନେତୃତ୍ୱରେ କାର୍ଯ୍ୟ କରିବ ବୋଲି କୁହାଯାଇଛି। ମୁକେଶ ଗତ ଫେବୃଆରୀରେ ହୋଇଥିବା ବିଧାନସଭା ନିର୍ବାଚନରେ ଆଦର୍ଶ ନଗର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଏମସିଡି ମେୟର ନିର୍ବାଚନରେ ବିଜେପି କାଉନସିଲର ରାଜା ଇକବାଲ ସିଂହ ନୂଆ ମେୟର ହୋଇଥିଲେ। ତାଙ୍କୁ ୧୩୩ଟି ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ମନଦୀପଙ୍କୁ ମାତ୍ର ୮ଟି ଭୋଟ ମିଳିଥିଲା। ଆପ ମେୟର ନିର୍ବାଚନ ବର୍ଜନ କରିଥିଲା। ▶ପୃଷ୍ଠା-୭

## ଗାଜା ଉପରେ ଇସ୍ରାଏଲର ପୁଣି ଜୋରଦାର ଆକ୍ରମଣ

### ୩ ଦିନରେ ୨୭୦ ମୃତ, ଶତାଧିକ ଆହତ

■ ତେଲ୍ ଆଭିଭ୍, ୧୭।୫ (ଏଜେନ୍ସି): ଇତିମଧ୍ୟରେ ଇସ୍ରାଏଲ ସେନା ଗାଜା ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିଛି। ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଆକ୍ରମଣରେ ଅନ୍ୟୁନ ୨୭୦ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ଶତାଧିକ ଲୋକ ଆହତ ହୋଇଛନ୍ତି। ଇସ୍ରାଏଲ ବାୟୁସେନା ପକ୍ଷରୁ ଗାଜାର ବିଭିନ୍ନ ଅଞ୍ଚଳରେ ଘନ ଘନ ବୋମାମାଡ଼ କରାଯିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ୧୪୬ ଜଣଙ୍କ ମୃତ୍ୟୁ ହୋଇଥିବା ପାଲେଷ୍ଟାଇନ ସରକାରଙ୍କ ପକ୍ଷରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟପ୍ରାଚ୍ୟ ଗସ୍ତ ଶେଷ ହେବା ପରେ ଇସ୍ରାଏଲ ଆକ୍ରମଣକୁ ଜୋରଦାର କରିଥିବା କୁହାଯାଇଛି। ଅନ୍ୟପକ୍ଷରେ ଆମେରିକା ଗାଜାରୁ ୧୦ ଲକ୍ଷ ପାଲେଷ୍ଟାଇନ ନାଗରିକଙ୍କୁ ଲିବ୍ୟା ସ୍ଥାନାନ୍ତର କରିବାକୁ ଯୋଜନା ପ୍ରସ୍ତୁତ କରୁଥିବା ଖବର ସାମ୍ନାକୁ ଆସିଛି। ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଏଥିପାଇଁ ବଡ଼ ଯୋଜନା କରିଛନ୍ତି ଏବଂ ଖୁବଶୀଘ୍ର ଏହି ସଂଖ୍ୟକ ଗାଜାବାସୀ ସ୍ଥାନାନ୍ତର ହେବେ ବୋଲି କୁହାଯାଇଛି। ୧୦ଲକ୍ଷ ପାଲେଷ୍ଟାଇନ ନାଗରିକଙ୍କୁ ଲିବ୍ୟାକୁ ସ୍ଥାୟୀ ଭାବେ ସ୍ଥାନାନ୍ତର କରିବା ଯୋଜନା ନେଇ ବିଚାର ବିମର୍ଶ କରାଯାଉଥିବା ବେଳେ ଏଥିପାଇଁ ଲିବିୟାକୁ ବିଲିୟନ ଡଲାରର ଅଫର ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ଟ୍ରମ୍ପ ▶ପୃଷ୍ଠା-୭

# ନଦୀ ଜଳରେ ଜହର

## ସହରୀ ବର୍ଜ୍ୟ ପାଇଁ ବିପଦରେ ପ୍ରାକୃତିକ ଜଳ ଉତ୍ସ



### ସହର ତଳି ଉପକଣ୍ଠ ଲୋକଙ୍କ ପାଇଁ ସତର୍କ ଘଣ୍ଟି

■ ଭୁବନେଶ୍ୱର, ୧୭।୫ (ସମିସ): ନଦୀ ଜଳ ପ୍ରଦୂଷଣ ଏବେ ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ବିନା ଟ୍ରିଟ୍‌ମେଣ୍ଟରେ ସ୍ୱେରେଜ ଓ ଡ୍ରେନ୍ ପାଣି ନଦୀରେ ମିଶୁଥିବାରୁ ଏହାର ଜଳ ବିଷାକ୍ତ ହେଉଛି। ଏଥିଯୋଗୁଁ ରାଜଧାନୀ ଉପକଣ୍ଠରେ ପ୍ରବାହିତ ଐତିହାସିକ ଦୟାନଦୀ ଓ ବିଭିନ୍ନ ସହର ଉପକଣ୍ଠରେ ଥିବା ନଦୀ ଗୁଡ଼ିକର ଅବସ୍ଥା ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ଚାଷ ।।ହେଉକି ପିଇବା ପାଇଁ ହେଉ, କଉଥିପାଇଁ ବ୍ୟବହାର ଉପଯୋଗୀ ହେଉନାହିଁ। ରାଜ୍ୟରେ ଥିବା ମହାନଗର ନିଗମ, ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଯେତିକି ପରିମାଣର ବର୍ଜ୍ୟ ଜଳ ବାହାରୁଛି, ତା'ର ଦୁଇ ପ୍ରତିଶତରୁ କମ୍ ପରିଚାଳନା ହେଉଛି। ଏହା ସିଧାସଳଖ ନଦୀରେ ମିଶୁଥିବାରୁ ନଦୀ ପ୍ରଦୂଷଣ ଦ୍ରୁତ ବେଗରେ ବୃଦ୍ଧି ପାଉଛି। ୧୦ ବର୍ଷ ପୂର୍ବେ ଯେଉଁ ନଦୀ ଗୁଡ଼ିକରେ କାଚ କେନ୍ଦୁ ଭଳି ପାଣି ପ୍ରବାହିତ ହେଉଥିଲା, ସେଠି ଏବେ ଦୁର୍ଗନ୍ଧଯୁକ୍ତ କଳା ପାଣି ବୋହୁଛି। ଏହାକୁ ରୋକିବା ଦିଗରେ ସରକାର ଏବେଠୁ ପଦକ୍ଷେପ ନ ନେଲେ, ଆଗାମୀ ଦିନରେ ଅବସ୍ଥା ଭୟଙ୍କର ହେବ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଲେଣି।

ସୂଚନାନୁସାରେ, ରାଜଧାନୀ ଭୁବନେଶ୍ୱରରେ ପାଖାପାଖି ୨୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ରାଜଧାନୀର ବର୍ଜ୍ୟଜଳ ସିଧାସଳଖ ଦୟା ନଦୀରେ ମିଶୁଛି। ଏଥିପାଇଁ ୬ଟି ଜାଗାରେ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ ନିର୍ମାଣ ହୋଇଥିଲେ ହେଁ ଏହା ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ଏବେ ବି ଘରୋଇ ବ୍ୟବହାର, ଶିଳ୍ପାଞ୍ଚଳ ଓ ବିଭିନ୍ନ ସଂସ୍ଥାରୁ ବାହାରୁଥିବା ଜଳ ଦୟା ପ୍ରଦୂଷଣର ପ୍ରମୁଖ କାରଣ ଭାବେ ଉଭା ହୋଇଛି। ଏଥିସହ ଗଙ୍ଗୁଆ ଓ କୁଆଖାଇ ନଦୀରେ ମଧ୍ୟ ପ୍ରଦୂଷଣ ମାତ୍ରା ଗତ କିଛି ବର୍ଷ ମଧ୍ୟରେ ଢେର୍ ବଢ଼ିଯାଇଛି। ଫଳରେ ଏସବୁ ନଦୀର ଜଳ ଚିଲିକାରେ ମିଶୁଥିବାରୁ ଏହି ବୃହତ୍ ହ୍ରଦର ଜୈବ ବିବିଧତା ନଷ୍ଟ ହେବାରେ ଲାଗିଛି। ସହରାଞ୍ଚଳରେ ପାଖାପାଖି ୫୦ ଲକ୍ଷ ଲୋକ ବସବାସ କରୁଛନ୍ତି। ଏହି ▶ପୃଷ୍ଠା-୭

## ପାକିସ୍ତାନ ପାଇଁ ଗୁଇନ୍ଦାଗିରି

### ମହିଳା ୟୁଟ୍ୟୁବର ସମେତ ୬ ଗିରଫ



■ ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ପାକିସ୍ତାନ ପାଇଁ ଗୁଇନ୍ଦିଗାରି କରୁଥିବା ଅଭିଯୋଗରେ ଗିରଫ ହୋଇଛନ୍ତି ଜଣେ ମହିଳା ୟୁଟ୍ୟୁବର। ସେ ହେଉଛନ୍ତି ହରିଆଣା ହିସାରର ଜ୍ୟୋତି ମାଲହୋତ୍ରା। ସେ ପାକିସ୍ତାନର ଗୁଇନ୍ଦା ଅଧିକାରୀକାନଙ୍କ ସହିତ ସଂପର୍କରେ ଥିଲେ ଏବଂ ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ ଓ ସ୍ନାପଚାଟ୍ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଉଥିଲେ। ୨୦୨୩ରେ ସେ ଦୁଇଥର ପାକିସ୍ତାନ ଗସ୍ତରେ ଯାଇଥିଲେ। 'ଟ୍ରାଭେଲ ଉଇଥ୍ ଜୋ' ନାମରେ ତାଙ୍କର ଏକ ୟୁଟ୍ୟୁବ୍ ଚାନେଲ ଅଛି ଏବଂ ଏହାର ୩ ଲକ୍ଷ ୭୭ ହଜାର ସବସ୍କ୍ରାଇବର ଥିବା ସେ ଦାବି କରନ୍ତି। ଜ୍ୟୋତିଙ୍କ ସମେତ ଆଉ ୫ ଜଣ ମଧ୍ୟ ସମାନ ଅଭିଯୋଗରେ ଗିରଫ ହୋଇଛନ୍ତି।

ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ଜ୍ୟୋତିଙ୍କୁ ଗିରଫ କରାଯାଇଥିବା ବେଳେ ▶ପୃଷ୍ଠା-୭

### ଟ୍ରେନ୍ ଆଗକୁ ଡେଇଁ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ନୂଆ ମୋଡ଼

## ନିର୍ଯାତନାରୁ ଚରମ ପଦକ୍ଷେପ

### ଡାକ୍ତର ଓ ୨ ଷ୍ଟାଫ୍‌ନର୍ସଙ୍କ ବିରୋଧରେ ଏତଲା

### ଜିଲ୍ଲା ପ୍ରଶାସନର ତଦନ୍ତ



■ ଭଦ୍ରକ, ୧୭।୫ (ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ମହିଳା ଷ୍ଟାଫ୍‌ନର୍ସ ସନ୍ତୋଷିନୀ ପଲାଇ ଗତକାଲି ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ନୂଆ ମୋଡ଼ ନେଇଛି। ହସ୍ପିଟାଲରେ ତାଙ୍କ ପ୍ରତି ଆକ୍ରୋଶମୂଳକ ବ୍ୟବହାର ପ୍ରଦର୍ଶନ ଏବଂ ବାରମ୍ବାର ମାନସିକ ନିର୍ଯାତନା ଦିଆଯାଉଥିବାରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା ତାଙ୍କ ସ୍ୱାମୀ ନିକୁଞ୍ଜ ବିହାରୀ ନାୟକ ଆଜି ଅଭିଯୋଗ କରିବା ପରେ ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏନେଇ ନିକୁଞ୍ଜ ଭଦ୍ରକ ଟାଉନ୍ ଥାନାରେ ▶ପୃଷ୍ଠା-୭

### ଦଳିତ ଯୁବତୀ ଦୁଷ୍କର୍ମ, ହତ୍ୟା ମାମଲା

## ମହାରାଷ୍ଟ୍ରରୁ ଅଭିଯୁକ୍ତ ଅଟୋଚାଳକ ଗିରଫ



■ ଅନୁଗୋଳ, ୧୭।୫(ସମିସ): କଣିହାଁ ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଦଳିତ ଯୁବତୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅନୁଗୋଳ ପୁଲିସ୍‌କୁ ସଫଳତା ମିଳିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଟୋ ଚାଳକ ବିଶୁ ଗୋଚ୍ଛାୟତକୁ ପୁଲିସ୍ ମହାରାଷ୍ଟ୍ରର ରାୟଗଡ଼ରୁ ଗିରଫ କରିଛି। ତା' ଘର ଅନୁଗୋଳ ସଦର ଥାନା ଅନ୍ତର୍ଗତ ସକୋସିଂହା ଗ୍ରାମରେ। ଏଥିସହ ଫେରାର୍ ହେବାରେ ତାକୁ ସହଯୋଗ କରିଥିବା ବାପା ତ୍ରିପୁର ଗୋଚ୍ଛାୟତ, ମାମୁ ବିପିନ ଗୋଚ୍ଛାୟତ ଓ ଅଜା ଜୀବନ ଗୋଚ୍ଛାୟତଙ୍କୁ ମଧ୍ୟ ପୁଲିସ୍ ଗିରଫ କରିଛି। ଶନିବାର ବିଶୁକୁ କୋର୍ଟଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ତାକୁ ରିମାଣ୍ଡରେ ଅଣାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି। ଜିଲ୍ଲା ପୁଲିସ୍‌ର ୬ ତଦନ୍ତକାରୀ ଦଳକୁ ନେଇ 'ଅପରେସନ୍ କୁକୁନ୍' ଜରିଆରେ ଏହି ସଫଳତା ମିଳିଛି ବୋଲି ଏସ୍‌ପି କହିଛନ୍ତି।

ଏସ୍‌ପି ଶ୍ରୀ ଜୈନଙ୍କ ସୂଚନାନୁଯାୟୀ, ବିଶୁ ନିଶାସକ୍ତ ଅବସ୍ଥାରେ ଏକାକୀ ଉକ୍ତ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଥିଲା। ପରେ ଏ ସଂପର୍କରେ ତା' ବାପା ▶ପୃଷ୍ଠା-୭

### ପିଏସି ବୈଠକରେ ଦିଶା ଦେଲେ ନବୀନ


## ତୃଣମୂଳ ସ୍ତରରେ ସକ୍ରିୟ ହେବ ଦଳ

- ଜାତୀୟ ସୁରକ୍ଷା, ରାଜ୍ୟର ରାଜନୈତିକ ସ୍ଥିତି ସମ୍ପର୍କରେ ବୈଠକରେ ଆଲୋଚନା
- ଶିଳ୍ପ ବିକାଶ ପାଇଁ ନବୀନଙ୍କ ଦୂରଦର୍ଶୀ ନୀତିକୁ ପ୍ରଶଂସା କଲେ ପିଏସି ସଦସ୍ୟ
- ସମ୍ପ୍ରତି ଶିଳ୍ପ ବିକାଶର ବେଗ ନିମ୍ନମୁଖୀ ହୋଇଥିବା ନେଇ ବୈଠକରେ ଉଦ୍‌ବେଗ



■ ଭୁବନେଶ୍ୱର, ୧୭।୫ (ସମିସ): ଭବିଷ୍ୟତର ରାଜନୈତିକ ଆହ୍ୱାନକୁ ଦୃଢ଼ ମୁକାବିଲା କରିବା ପାଇଁ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ଦିଶା ଦେଖାଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଦଳର ବିଭିନ୍ନ ଶାଖାକୁ ମଜଭୂତ କରିବା ସହିତ ତୃଣମୂଳ ସ୍ତରରେ ଦଳକୁ ଅଧିକ ସକ୍ରିୟ ରଖିବା ପାଇଁ ରାଜନୈତିକ ବ୍ୟାପାର କମିଟି କାର୍ଯ୍ୟ କରିବ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଛନ୍ତି। ଗତ ୫ ତାରିଖରେ ଗଠିତ ବିଜେଡି ରାଜନୈତିକ ବ୍ୟାପାର କମିଟି(ପିଏସି)ର ପ୍ରଥମ ବୈଠକ ଶନିବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜାତୀୟ ସୁରକ୍ଷା, ରାଜ୍ୟର ରାଜନୈତିକ ପରିସ୍ଥିତି ଓ ଦଳର ସାଂଗଠନିକ ବ୍ୟାପାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଗତ ୨୨ ତାରିଖରେ ପହଲ୍‌ଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ବ୍ୟକ୍ତିମାନଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା।


ବୈଠକରେ 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ଭାରତୀୟ ସେନାବାହିନୀର ଅତୁଳନୀୟ ଦକ୍ଷତା, ସାହସ ଓ ପରାକ୍ରମର ଉଚ୍ଚ ▶ପୃଷ୍ଠା-୭



# ବଜ୍ରପାତ ମୃତ୍ୟୁ ପରେ 'ଗୋଟମା' ଚିନ୍ତା

## ତାଳଗଛ ଲଗାଇବାକୁ ସରକାର ଖର୍ଚ୍ଚ କରିବେ ୬ କୋଟି



- ଗତବର୍ଷ ରାଜ୍ୟରେ ଲାଗିଥିଲା ୧୯ ଲକ୍ଷ ତାଳଗଛ
- ୧୧ ବର୍ଷରେ ଗଲାଣି ପ୍ରାୟ ୩୮୦୦ ଲୋକଙ୍କ ଜୀବନ
- ବଜ୍ରପାତକୁ 'ବିପର୍ଯ୍ୟୟ' ଘୋଷଣା ଦାବିକୁ ବାରମ୍ବାର ଅଗ୍ରାହ୍ୟ କରୁଛି କେନ୍ଦ୍ର
- ୨୦୧୫ରୁ ଓଡ଼ିଶା ଅନୁକମ୍ପା ମୂଳକ ଭାବେ ଦେଉଛି ୪ ଲକ୍ଷର ସହାୟତା ରାଶି

■ ଭୁବନେଶ୍ୱର, ୧୭।୫ (ସମିସ): ରାଜ୍ୟରେ ବଜ୍ରପାତ ଜନିତ କ୍ରମବର୍ଦ୍ଧିଷ୍ଣୁ ମୃତ୍ୟୁସଂଖ୍ୟା ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଶୁକ୍ରବାର ବଜ୍ରପାତରେ ୧୩ ଜଣ ଲୋକଙ୍କ ଜୀବନ ଯାଇଥିବାବେଳେ ଗତ ୩ ମାସ ମଧ୍ୟରେ ବଜ୍ରପାତରେ ୪୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ଏହା ରାଜ୍ୟ ପାଇଁ ଏକ ସଙ୍କଟମୟ ସ୍ଥିତି ଉତ୍ପନ୍ନ କରିଛି। ବଜ୍ରପାତ ମୃତ୍ୟୁ ବଢ଼ିବା ପରେ ଏବେ ରାଜ୍ୟ ସରକାରଙ୍କୁ ଘାରିଛି 'ଗୋଟମା' ଚିନ୍ତା। ଏହାର ମୁକାବିଲା ଲାଗି ତାଳଗଛ ଲଗାଇବାକୁ ଯୋଜନା କରିଛନ୍ତି। ଚଳିତ ବର୍ଷ ଏ ବାବଦରେ ସରକାର ୬ କୋଟି ଟଙ୍କା ଖର୍ଚ୍ଚ କରିବେ। ଗତବର୍ଷ ରାଜ୍ୟର ୫୧ ବନଖଣ୍ଡରେ ୧୯ ଲକ୍ଷ ତାଳଗଛ ଲଗାଯାଇଥିଲା।

ସୂଚନାଯୋଗ୍ୟ ଯେ ବଜ୍ରପାତରେ ଦେଶରେ ସର୍ବାଧିକ ମୃତ୍ୟୁ ଓଡ଼ିଶାରେ ହେଉଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟ ପାଇଁ ବଜ୍ରପାତ ମୃତ୍ୟୁ ବଡ଼ ବିପତ୍ତି ଆଣୁଥିବା ବେଳେ ଏହାକୁ ଜାତୀୟ ବିପର୍ଯ୍ୟୟ ତାଲିକାରେ ସାମିଲ କରାଯାଉ ନାହିଁ। ଅତୀତରେ ସରକାରରେ ବିଜେଡି ଥିବା ସମୟରେ କେନ୍ଦ୍ର ନିକଟରେ ଏନେଇ ବହୁବାର ବିଧିବଦ୍ଧ ଭାବେ ଦାବି କରାଯାଇଥିଲା। ଅନ୍ୟ ରାଜ୍ୟମାନେ ମଧ୍ୟ ବଜ୍ରପାତକୁ ଏକ ବିପର୍ଯ୍ୟୟ ଭାବେ ବିଜ୍ଞପିତ କରିବାକୁ ଦାବି କରିଛନ୍ତି। ମାତ୍ର ପ୍ରତିଥର କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରି ଆସିଛନ୍ତି। ଫଳସ୍ୱରୂପ ୨୦୧୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ▶ପୃଷ୍ଠା-୭

## ଆଜି ଇସ୍ରୋର ଇଓଏସ୍- ୯ ମିଶନ

ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ)ର ପିଏସ୍ଏଲ୍ଭି-ସି୬୧/ଇଓଏସ୍-୦୯ ମିଶନ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଛି। ଆସନ୍ତାକାଲି ସକାଳ ୫ଟା ୫୯ ମିନିଟ୍‌ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହାକୁ ଉତକ୍ଷେପଣ କରାଯିବ। ଯାହାକି ମହାକାଶକୁ ଇସ୍ରୋର ୧୦୧ତମ ଉତ୍କ୍ଷେପଣ ହେବ। ମିଳିଥିବା ସୂଚନା ଅନୁସାରେ ପିଏସ୍ଏଲ୍ଭି-ସି୬୧ ମିଶନ ଇଓଏସ୍-୯ (ରିସାଟ୍-୧ବି)ଉପଗ୍ରହକୁ ନେଇ ମହାକାଶ ଯାତ୍ରା ଯିବ । ଏହା ଏକ ଉନ୍ନତ ରାଡାର ଇମେଜିଂ ଉପଗ୍ରହ । ଏହାର ଓଜନ ୧,୭୧୦ କିଲୋ ରହିଥିବା ବେଳେ ସି-ବ୍ୟାଣ୍ଡ ସିନ୍ଥେଟିକ୍ ଅପର୍ଚର ରାଡାର (ଏସ୍ଏଆର୍) ଏହାକୁ ଦିନ- ରାତି ଏବଂ ଯେକୌଣସି ପାଣିପାଗରେ ହାଇ-ରିଜୋଲ୍ୟୁସନ ଚିତ୍ର ନେବାରେ ସାହାଯ୍ୟ କରିବ। କୃଷି, ଜଙ୍ଗଲ ଉପରେ ନଜର, ବିପର୍ଯ୍ୟୟ ପ୍ରବନ୍ଧନ, ସହରୀ ଯୋଜନା ଓ ରାଷ୍ଟ୍ରୀୟ ସୁରକ୍ଷା ଭଳି କ୍ଷେତ୍ରରେ ତଥ୍ୟ ସହାୟତା କରିବା ଇଓଏସ୍-୯ର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହାଛଡ଼ା ସମ୍ବେଦନଶୀଳ ସୀମା ଓ ତଟୀୟ କ୍ଷେତ୍ର ସୁରକ୍ଷାକୁ ଆହୁରି ମଜବୁତ କରିବା ଲାଗି ଉପଗ୍ରହ ତଥ୍ୟ ଯୋଗାଇବ ବୋଲି କୁହାଯାଇଛି।

### ଜଷ୍ଟିସ୍ ବେଲା ତ୍ରିବେଦୀଙ୍କୁ ଦିଆଗଲାନି ଅବସରକାଳୀନ ସମ୍ବର୍ଦ୍ଧନା

## ସୁପ୍ରିମକୋର୍ଟ ଓକିଲ ସଂଘକୁ ସିଜେଆଇଙ୍କ ସମାଲୋଚନା

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ସୁପ୍ରିମକୋର୍ଟ ମହିଳା ବିଚାରପତି ଜଷ୍ଟିସ୍ ବେଲା ତ୍ରିବେଦୀ ଶୁକ୍ରବାର ଅବସର ନେଇଛନ୍ତି। ସୁପ୍ରିମକୋର୍ଟର ୭୫ ବର୍ଷ ଇତିହାସରେ ସେ



୧୧ତମ ମହିଳା ବିଚାରପତି ଭାବେ ପ୍ରାୟ ସାଢେ ତିନି ବର୍ଷ ଧରି କାର୍ଯ୍ୟକରି ଅବସର ନେଇଛନ୍ତି। ୧୯୯୫ରେ ଗୁଜରାଟର ଏକ ଟ୍ରାଏଲ କୋର୍ଟରେ ବିଚାରପତି ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଜଷ୍ଟିସ୍ ତ୍ରିବେଦୀ ଉଲ୍ଲେଖନୀୟ ସୋପାନ ଅତିକ୍ରମ କରି ସୁପ୍ରିମକୋର୍ଟ ବିଚାରପତି ଭାବେ ୨୦୨୧ ଅଗଷ୍ଟରେ ଯୋଗ ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ଭିତରେ ସେ କେତେକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତେବେ ତାଙ୍କୁ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇ ନଥିବାରୁ ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇ ସଂଘକୁ ସମାଲୋଚନା କରିଛନ୍ତି। ଜଷ୍ଟିସ୍ ତ୍ରିବେଦୀଙ୍କ ସମ୍ମାନାର୍ଥେ ସୁପ୍ରିମକୋର୍ଟ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବେଳେ ଏଥିରେ ଯୋଗ ଦେଇ ସିଜେଆଇ ଓକିଲ ସଂଘର ଆଚରଣକୁ ତୀବ୍ର ସମାଲୋଚନା କରିଛନ୍ତି।

## ରାହୁଲଙ୍କ ଅଭିଯୋଗକୁ ନେଇ କେନ୍ଦ୍ର ସରକାରଙ୍କ ସ୍ପଷ୍ଟୀକରଣ

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ଅପରେସନ ସିନ୍ଦୁର ସଂପର୍କରେ କଂଗ୍ରେସ ଏବଂ ଦଳୀୟ ସାଂସଦ ରାହୁଲ ଗାନ୍ଧୀ ଭୁଲ ତଥ୍ୟ ଉପସ୍ଥାପନ କରୁଥିବା ଅଭିଯୋଗ ଆଣିଛି ବୈଦେଶିକ ମନ୍ତ୍ରାଳୟ। ଅର୍ସେନ ସିନ୍ଦୂର ପୂର୍ବରୁ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ପାକିସ୍ତାନକୁ ଆଗୁଆ ସୂଚନା ଦେଇଥିବା ରାହୁଲ ଅଭିଯୋଗ ଆଣି ତାଙ୍କ ଇସ୍ତଫା ଦାବି କରିଥିଲା ବେଳେ ଏବେ ବୈଦେଶିକ ମନ୍ତ୍ରାଳୟ ଏହାର ଜବାବ ରଖିଛି। ମନ୍ତ୍ରାଳୟ କହିଛି ଯେ, ଅପରେସନ ସିନ୍ଦୂର ସମ୍ପର୍କିତ ତଥ୍ୟଗୁଡ଼ିକୁ ସୋସିଆଲ ମିଡିଆରେ ସମ୍ପୂର୍ଣ୍ଣ ଭୁଲ ଭାବରେ ଉପସ୍ଥାପନ କରାଯାଉଛି। ଗଣମାଧ୍ୟମକୁ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ,ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଥିଲେ ଯେ ଆମେ ଆରମ୍ଭରୁ ହିଁ ପାକିସ୍ତାନକୁ ଚେତାବନୀ ଦେଇଥିଲୁ। ଯାହା ଅପରେସନ ସିନ୍ଦୂରର ପୂର୍ବାଭାସ ଥିଲା। କିନ୍ତୁ ଅପରେସନ ସିନ୍ଦୁର ଆରମ୍ଭ ହେବା ପୂର୍ବରୁ ଏହାକୁ ସତର୍କତା ଭାବେ ପାକିସ୍ତାନକୁ ଅବଗତ କରାଯିବା ଭାବିବା ଭୁଲ।


● ପରୀକ୍ଷା ବେଳେ ବିଦ୍ୟୁତ୍ ବିଭ୍ରାଟ

## ଏନ୍‌ଟିଏ ନିଷ୍ପତ୍ତି ବିନା ଫଳ ପ୍ରକାଶ କର ନାହିଁ : ହାଇକୋର୍ଟ

ଚେନ୍ନାଇ,୧୭।୫(ଏଜେନ୍ସି): ଗତ ୪ ତାରିଖରେ ନିଟ୍-ୟୁଜି ପ୍ରବେଶିକା ଆୟୋଜନ କରାଯାଇଥିଲା ବେଳେ ପରୀକ୍ଷା ସମୟରେ ବେଳେ ଚେନ୍ନାଇ ନିକଟସ୍ଥ ଆଭାଡୀ କେନ୍ଦ୍ରରେ ବିଦ୍ୟୁତ ବିଭ୍ରାଟ ଦେଖାଯିବାରୁ ବହୁ ପରୀକ୍ଷାର୍ଥୀ ପ୍ରଭାବିତ ହୋଇଛନ୍ତି ।ପରୀକ୍ଷା ଦିନ ୨ଟା ବେଳେ ଆରମ୍ଭ ହୋଇ ୫ଟାରେ ଶେଷ ହେବା କଥା। କିନ୍ତୁ ପରୀକ୍ଷା ଆରମ୍ଭ ହେବାର ଘଣ୍ଟାକ ପରେ ପ୍ରାୟ ୩ଟା ବେଳେ ପ୍ରବଳ ବର୍ଷା ସହିତ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଯାଇଥିଲା। ୪.୧୫ ପରେ ବିଦ୍ୟୁତ ସଂଯୋଗ ହୋଇଥିଲେ ହେଁ ବହୁ ପରୀକ୍ଷାର୍ଥୀ ଠିକଣା ଭାବେ ପରୀକ୍ଷା ଦେଇ ପାରି ନଥିଲେ। ପରୀକ୍ଷା କେନ୍ଦ୍ରରେ ଜେନେରେଟର କିମ୍ବା ଇନଭର୍ଟର ବ୍ୟବସ୍ଥା ନଥିଲା। ମିଞ୍ଜିମିଞ୍ଜିଆ ଆଲୁଅରେ ବହୁ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏହାକୁ ନେଇ ୧୩ ପରୀକ୍ଷାର୍ଥୀ ମାଡ୍ରାସ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଆବେଦନ ଶୁଣାଣି କରି ହାଇକୋର୍ଟ ଆଭାଡୀ କେନ୍ଦ୍ରର ସ୍ଥିତି କ'ଣ ଥିଲା ତାହା ଜଣାଇବାକୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ) କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏନଟିଏ ପକ୍ଷରୁ ଜବାବ ନ ଆସିବା ପର୍ଯ୍ୟନ୍ତ ନିଟ୍ ପରୀକ୍ଷା ଫଳ ପ୍ରକାଶ କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

# ପାକିସ୍ତାନକୁ 'ବ୍ରହ୍ମୋସ୍ ' ଭୟ

## ଇସଲାମାବାଦ୍‌କୁ ସ୍ଥାନାନ୍ତର ହେବ ସେନା ମୁଖ୍ୟାଳୟ



ଇସଲାମାବାଦ,୧୭।୫(ଏଜେନ୍ସି): ପାକିସ୍ତାନ ଉପରେ ଭାରତର 'ଅପରେସନ ସିନ୍ଦୂର'ରେ ସୁପରସୋନିକ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍'ର ସଫଳତାକୁ ନେଇ ଏବେ ସବୁଆଡେ ଚର୍ଚ୍ଚା ଚାଲିଛି। ଏପରିକି ଆମେରିକା ଠାରୁ ପାଶ୍ଚାତ୍ୟ ରାଷ୍ଟ୍ର ସମସ୍ତେ ଏହି କ୍ଷେପଣାସ୍ତ୍ରର ଆକ୍ରମଣ କ୍ଷମତାକୁ ନେଇ ଜୋରଦାରଚର୍ଚ୍ଚା କରୁଛନ୍ତି। ଭାରତୀୟ ସେନା ବ୍ରହ୍ମୋସ୍ ନିକ୍ଷେପ କରି ପାକିସ୍ତାନର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ଉଡାଇ ଦେଇଥିଲା ବେଳେ ଏହାକୁ ପାକିସ୍ତାନ ମଧ୍ୟ ସ୍ୱୀକାର କରିଛି। ତେଣୁ ବ୍ରହ୍ମୋସ୍‌କୁ ନେଇ ଏବେ ପାକିସ୍ତାନ ଭୟଭୀତ ହୋଇପଡ଼ିଛି। ଏହିକ୍ରମରେ ପାକିସ୍ତାନ ସେନା ନିଜର ମୁଖ୍ୟାଳୟକୁ ରାୱଲପିଣ୍ଡିର ଚକଲାଲାରୁ ଇସଲାମାବାଦ ସ୍ଥାନାନ୍ତର କରିବାକୁ ବିଚାର କରୁଥିବା କୁହାଯାଉଛି। ଗତ ୧୦ ତାରିଖରେ ଭାରତୀୟ ବାୟୁସେନା ନୁର ଖାନ୍ ଏୟାରବେସ୍ ଉପରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଦ୍ୱାରା ପ୍ରଚଣ୍ଡ ଆକ୍ରମଣ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଚର୍ଚ୍ଚା ହେଉଛି। ଭାରତ ବର୍ତ୍ତମାନ ଅପରେସନ ସିନ୍ଦୂର ସାମୟିକ ସ୍ଥଗିତ ରଖିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ନ୍ଦ କରି ନାହିଁ। ଆଗକୁ ଯଦି ବିବାଦ ବଢେ ତେବେ ପାକିସ୍ତାନ ଉପରେ ଆକ୍ରମଣକୁ ଏଠାକାର ସେନା ଏଡାଇ ଦେଇପାରୁନି। ତେଣୁ ସୁରକ୍ଷା ଦୃଷ୍ଟିରୁ ସେନା ମୁଖ୍ୟାଳୟକୁ ଇସଲାମାବାଦ ସ୍ଥାନାନ୍ତର କରିବାକୁ ପାକ୍ ସରକାର ଯୋଜନା କରିଛନ୍ତି।

## ନୂରଖାନ୍ ଏୟାରବେସ୍ କ୍ଷତି ସ୍ୱୀକାର କଲେ ଶେହବାଜ୍



● ଭାରତର ଆକ୍ରମଣ ବେଳେ ସ୍ୱିମିଙ୍ଗପୁଲ୍‌ରେ ଥିଲେ
● ରାତି ୨ଟା ୩୦ରେ ଫୋନ୍ କରିଥିଲେ ସେନାଧ୍ୟକ୍ଷ


ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ସେଭଳି କିଛି କ୍ଷୟକ୍ଷତି ହୋଇ ନଥିବା ପାକିସ୍ତାନ ଏବେ ଗୋଟିଏ ପରେ ଗୋଟିଏ ସତ ମାନିବାରେ ଲାଗିଛି। ଭାରତର ଆକ୍ରମଣରେ ପାକିସ୍ତାନର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ନଷ୍ଟ ହେବା ସହିତ ଅନ୍ୟ ବହୁ ଆତଙ୍କବାଦୀ ଆଡ୍ଡା ନଷ୍ଟ ହୋଇଥିବା ପ୍ରମାଣ ଉପଗ୍ରହ ଚିତ୍ର ସମେତ ଅନ୍ୟାନ୍ୟ ସୂତ୍ରରୁ ସ୍ପଷ୍ଟ ହୋଇଛି। ତେଣୁ ପାକିସ୍ତାନର ମିଛ ଆଉ ଲୁଚି ରହିବ ନାହିଁ ଜାଣିଲା ପରେ ଏଠାକାର ବହୁ ନେତା ଏବେ ସତ ଓଗାଳିବାକୁ ବାଧ ହେଉଛନ୍ତି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ ମଧ୍ୟ ସତ କହିବାକୁ ବାଧ ହୋଇଛନ୍ତି। ଭାରତ ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ନୂରଖାନ୍ ଏୟାରବେସ୍ ଉପରେ ଆକ୍ରମଣ କରି ଏହାକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି ବୋଲି ଶେହବାଜ୍ ସ୍ୱୀକାର କରିଛନ୍ତି। ଶୁକ୍ରବାର ପାକିସ୍ତାନର ସ୍ମାରକୀ ଦିବସ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସରିଫ କହିଛନ୍ତି, ଗତ ୧୦ ତାରିଖ ରାତି ୨ଟା ୩୦ରେ ତାଙ୍କ ନିକଟକୁ ଏକ ଫୋନ କଲ ଆସିଥିଲା। ଏହାପରେ ସେ 'ଫଜର୍(ନମାଜ)' ଶେଷ କରି ସ୍ୱିମିଙ୍ଗ ପୁଲ୍‌ରେ ଥିଲା ବେଳେ ପୁଣି ଏକ କଲ୍ ଆସିଥିଲା ଏବଂ ଏହା ସେନା ମୁଖ୍ୟ ଅସିମ ମୁନିରଙ୍କ ଥିଲା। ଏହି ସମୟରେ ନୂରଖାନ ଏୟାରବେସ୍ ଉପରେ ଭାରତ କ୍ଷେପଣାସ୍ତ୍ର ମାଡ଼ କରିଛି ବୋଲି ମୁନିର ସୂଚନା ଦେଇଥିଲେ ବୋଲି ଶେହବାଜ୍ କହିଛନ୍ତି। ଶେହବାଜ୍‌ଙ୍କ ଏହି ସ୍ୱୀକାରୋକ୍ତିକୁ ନେଇ ଏବେ ପାକିସ୍ତାନର ବିଭିନ୍ନ ମହଲରେ ଚର୍ଚ୍ଚା ବଢିଛି। ଭାରତ ଅପରେସନ ସିନ୍ଦୂରରେ ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ସ୍ଥଳ ଉପରେ କିଭଳି ଆକ୍ରମଣ କରିଥିଲା ତାହା ସ୍ପଷ୍ଟ ହୋଇଛି ବୋଲି ସାଧରଣରେ ଆଲୋଚନା ବଢିଛି। ଏହାପୂର୍ବରୁ ପାକିସ୍ତାନର କୌଣସି ଏୟାରବେସ୍ ଉପରେ ଭାରତର ଆକ୍ରମଣକୁ ପାକିସ୍ତାନ ସ୍ୱୀକାର କରି ନଥିଲା। ହେଲେ ଯେତେବେଳେ ଖୋଦ୍ ପ୍ରଧାନମନ୍ତ୍ରୀ ସତ ମାନିଛନ୍ତି ଏବେ ଆଉ ମିଛ ଲୁଚି ରହି ନାହିଁ ବୋଲି ପାକିସ୍ତାନର ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି।

## 'ବ୍ରହ୍ମୋସ୍', 'ଆକାଶତୀର' ପାଲଟିଥିଲା ଅମୋଘ ଅସ୍ତ୍ର

**ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇଥିଲା ୬୦୦ରୁ ଅଧିକ ଡ୍ରୋନ୍**

**ସେନା ପାଇଁ ଉପଗ୍ରହ ବି ନିଭାଇଥିଲା ପ୍ରମୁଖ ଭୂମିକା**

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂରରେ ଭାରତୀୟ ସେନା ବିଭିନ୍ନ ଶ୍ରେଣୀର ଯୁଦ୍ଧ ବିମାନ ସହିତ କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିଥିଲା। ତେବେ ସବୁ ଭିତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସୁପରସୋନିକ କ୍ଷେପଣାସ୍ତ୍ର ବ୍ରହ୍ମୋସ୍ ଏବଂ ଆକାଶତୀର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଭାରତୀୟ ସେନା ପକ୍ଷରୁ ପାକିସ୍ତାନର ବହୁ ପ୍ରମୁଖ ସାମରିକ ଘାଟି ଉପରେ ଆକ୍ରମଣ କରାଯାଇ ସେଗୁଡିକୁ ନଷ୍ଟ କରି ଦିଆଯାଇଥିଲା ବେଳେ ସେଥିରେ ଏହି ଦୁଇଟି ଶ୍ରେଣୀର କ୍ଷେପଣାସ୍ତ୍ର ବଡ଼ ଭୂମିକା ନିଭାଇଥିଲା। ଏହାଛଡ଼ା ଶତ୍ରୁପକ୍ଷର ପ୍ରାୟ ୬୦୦ରୁ ଅଧିକ ଡ୍ରୋନକୁ ନିଷ୍କ୍ରିୟ କରି ଖସାଇ ଦେବାରେ ଭାରତୀୟ ମଲ୍ଟି-ଲେୟାର୍ଡ ଏୟାର ଡିଫେନ୍ସ ସିଷ୍ଟମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ସେହିପରି ଭାରତର ଡମି ବିମାନ ପାକିସ୍ତାନ ସେନାର ରାଡାରକୁ ମଧ୍ୟ ଚକମା ଦେଇଥିଲା। ଏହିକ୍ରମରେ ଭାରତୀୟ ବାୟୁସେନା ପାକିସ୍ତାନକୁ ନିଜ ରଣନୈତିକ ଚାଲ୍‌ରେ ଫସାଇଥିଲା । ପ୍ରଥମେ ଯୁଦ୍ଧ ବିମାନ ଭଳି ଦେଖାଯାଇଥିବା ମାନବ ବିହୀନ ଡମି




ଜେଟ୍ ପଠାଯାଇଥିଲା । ଏହା ଚୀନ୍ ନିର୍ମିତ ଏଚକ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମକୁ ଜାମ୍ କରିଦେଇଥିଲା । ପରେ ବାୟୁସେନା ପାକ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉପରେ ମିସାଇଲ୍ ମାଡ଼ ଧ୍ୱସ୍ତ କରି ନଷ୍ଟ କରିଦେଥିଲା। ଭାରତୀୟ ସେନା ପାଇଁ ଉପଗ୍ରହ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ଶତ୍ରୁପକ୍ଷ ଅସ୍ତ୍ରକୁ ସୂଚିତ କରିବା ଏବଂ ଏହାର ଗତି ସମ୍ପର୍କରେ ସୂଚନା ଦେବା ଲାଗି ଭାରତୀୟ ଉପଗ୍ରହ ସେନା ପାଇଁ ଉପଯୋଗୀ ହୋଇଥିଲା।

## 'ଅପରେସନ୍ ସିନ୍ଦୂର' ଆଉଟ୍‌ରିଚ୍‌କୁ ନେଇ ରାଜନୀତି



■ କଂଗ୍ରେସର ବିନା ଅନୁମତିରେ ଟିମ୍‌ରେ ଥରୁର
■ ଆପତ୍ତି ଜଣାଇଲା କଂଗ୍ରେସ

ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି): ଭାରତର ଆତଙ୍କବାଦ ବିରୋଧୀ ଲଢେଇରେ ପାକିସ୍ତାନକୁ ଆନ୍ତର୍ଜାତିକ ମହଲରେ ଘେରିବାକୁ ଭାରତ ସରକାର ' ଅପରେସନ ସିନ୍ଦୂର ଆଉଟ୍‌ରିଚ୍' ଭଳି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ' ଅପରେସନ ସିନ୍ଦୂର'କୁ ନେଇ ଭାରତ ପାକିସ୍ତାନ ବିପକ୍ଷରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୂଟନୈତିକ ସ୍ତରରେ ପାକିସ୍ତାନକୁ ଘେରିବା ଲାଗି ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତିକ ମଞ୍ଚରେ ପାକିସ୍ତାନର ଅସଲ ମୁଖା ଖୋଲିବାକୁ କେନ୍ଦ୍ର ସରକାର ସବୁ ରାଜନୈତିକ ଦଳର ସାଂସଦମାନଙ୍କୁ ନେଇ ପ୍ରତିନିଧି ଦଳ ଗଠନ କରିବା ସହିତ ପର୍ଯ୍ୟାୟକ୍ରମେ ବିଭିନ୍ନ ଦେଶକୁ ଏହି ପ୍ରତିନିଧି ଦଳ ଗସ୍ତ କରିବେ ।ସେମାନେ ଏପ୍ରିଲ ୨୦ ପହଲଗାମ ଆତଙ୍କୀ ହମଲା ଠାରୁ ଆରମ୍ଭ କରି ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂର' ପର୍ଯ୍ୟନ୍ତ ସବୁକଥା ବିଶ୍ୱର ପ୍ରମୁଖ ଦେଶକୁ ଯାଇ ବଖାଣିବେ। ଏହି କୂଟନୈତିକ ଅଭିଯାନ ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜନୈତିକ ଦଳର ପ୍ରାୟ ୪୦ ସାଂସଦଙ୍କ ଏକ ପ୍ରତିନିଧି ମଣ୍ଡଳ ସ୍ଥିର କରିଛନ୍ତି।

ତେବେ ଯେଉଁ କଥାଟି ଆଜି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି ତାହା ହେଲା କଂଗ୍ରେସ ସାଂସଦ ଶଶି ଥରୁରଙ୍କୁ ନେଇ। ବିଦେଶ ପଠାଇବା ଲାଗି କେନ୍ଦ୍ର ସରକାର ଯେଉଁ ସାତ ଜଣିଆ ସାଂସଦ ଟିମ୍ ଘୋଷଣା କରିଛନ୍ତି, ତାହାର ନେତୃତ୍ୱ ଦିଆଯାଇଛି କଂଗ୍ରେସ ସାଂସଦ ଥରୁରଙ୍କୁ। ଏହାକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି। କାରଣ ଏହି ପ୍ରତିନିଧି ଦଳ ପାଇଁ କଂଗ୍ରେସ ଯେଉଁ ୪ ଜଣଙ୍କ ନାମର ସୁପରିସ କରିଥିଲେ ସେଥିଲେ ଥରୁରଙ୍କ ନାମ ନଥିଲା। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ମୋଦୀ ସରକାର ନାରଦ ମୁନି ରାଜନୀତି କରୁଛନ୍ତି। କଂଗ୍ରେସ ପକ୍ଷରୁ ଏହାର ପ୍ରତିନିଧି କିଏ ହେବ, ତାହା ଦଳ ସ୍ଥିର କରିବ। କିନ୍ତୁ କେନ୍ଦ୍ର ସରକାର ଏହାକୁ ଖାତିର ନକରି ନିଜ ମନମୁତାବକ ସାଂସଦ ବାଛିବା ଦୁର୍ଭାଗ୍ୟଜନକ। ସେ କହିଲେ ଯେ କଂଗ୍ରେସ ନେତା ସଲମାନ ଖୁର୍ସିଦଙ୍କୁ ମଧ୍ୟ କେନ୍ଦ୍ର ସରକାର ସଂପର୍କ କରିଥିଲେ। କିନ୍ତୁ ସଲମାନ ସ୍ପଷ୍ଟ କରିଦେଇଥିଲେ ଯେ ଏହା ଦଳ ହିଁ ସ୍ଥିର କରିବ। ଥରୁରଙ୍କ ସଂପର୍କରେ ସେ କହିଲେ, 'କଂଗ୍ରେସରେ ରହିବା ଏବଂ କଂଗ୍ରେସର ହେବା' ମଧ୍ୟରେ ଆକାଶ ପାତାଳ ଫରକ ରହିଛି।

ଅନ୍ୟପଟେ ଶଶି ଥରୁର ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରି ପ୍ରତିନିଧି ମଣ୍ଡଳର ନେତୃତ୍ୱ ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଉପରେ କେନ୍ଦ୍ର ସରକାର ଭରସା କରି ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ କଂଗ୍ରେସ ଏହି ପ୍ରିନିଧି ଦଳ ପାଇଁ ଆନନ୍ଦ ଶର୍ମା, ଗୌରବ ଗୋଗୋଇ, ସୈୟଦ ନସିର ଏବଂ ଓ ରାଜା ବରାରଙ୍କ ତାଲିକା ଦେଇଥିଲା। ହେଲେ କେନ୍ଦ୍ର ସରକାର ଶଶି ଥରୁରଙ୍କୁ ମୁଖ୍ୟ ଦାୟିତ୍ୱ ଦେଇଥିବାରୁ ଦଳରେ ବିବାଦ ବଢିଛି। ଶଶି ଥରୁରଙ୍କ ବ୍ୟତୀତ ଏହି ପ୍ରତିନିଧି ମଣ୍ଡଳରେ ବିଜେପି ସାଂସଦ ରବିଶଙ୍କର ପ୍ରସାଦ, ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା, ବିଜେପି ସାଂସଦ ବୈଜୟନ୍ତ ପଣ୍ଡା, ଡିଏମକେ ସାଂସଦ କାନିମୋଝି, ଏନସିପି ସାଂସଦ ସୁପ୍ରିୟା ସୁଲେ ଏବଂ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ ରହିଛନ୍ତି।

କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ଅନୁସାରେ ବିଭିନ୍ନ ଦଳର ମୋଟ ୫୦ ଜଣ ସଦସ୍ୟ ୭ଟି ପ୍ରତିନିଧି ମଣ୍ଡଳରେ ସାମିଲ ହୋଇ ବିଭିନ୍ନ ଦେଶ ଗସ୍ତ କରିବେ। ପ୍ରତି ପ୍ରତିନିଧି ମଣ୍ଡଳୀରେ ୫ରୁ ୭ ଜଣ ସାଂସଦ ରହିବା ସହିତ ସେମାନେ ଆମେରିକା, ବ୍ରିଟେନ, ଦକ୍ଷିଣ ଆଫ୍ରିକା, କତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ବିଭିନ୍ନ ଦେଶ ଗସ୍ତ କରିବେ ବୋଲି ଜଣାପଡ଼ିଛି।

## ପାଦ୍ରୀଙ୍କୁ ଭେଟିବାକୁ ସୀମା ଡେଇଁ ପାକିସ୍ତାନ ପଳାଇଲେ ନାଗପୁର ମହିଳା

ନୂଆଦିଲ୍ଲୀ,୧୭।୫(ଏଜେନ୍ସି): ଅନଲାଇନରେ ଦେଖା ସାକ୍ଷାତ ହୋଇଥିବା ଜଣେ ପାଦ୍ରୀଙ୍କୁ ଭେଟିବାକୁ ନାଗପୁରର ଜଣେ ୪୩ ବର୍ଷୀୟା ମହିଳା ନିୟନ୍ତ୍ରଣ ରେଖା ଡେଇଁ ପାକିସ୍ତାନରେ ପହଞ୍ଚିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମହାରାଷ୍ଟ୍ରର ନାଗପୁର ସହରରେ ପୂର୍ବରୁ ନର୍ସ ଭାବେ କାର୍ଯ୍ୟ କରୁଥିବା ସୁନୀତା ନାମ୍ନୀ ଏହି ମହିଳା ଲଦାଖର କାର୍ଗିଲ ଜିଲ୍ଲାର ଶେଷ ଗ୍ରାମରେ ସୁରକ୍ଷାବଳକୁ ଚକମାଦ୍ଇ ନ୍ରିନ୍ତ୍ରଣ ରେଖା ପାର୍ କରି ଗତ ବୁଧବାର ପାକିସ୍ତାନରେ ପହଞ୍ଚିଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ ସୁନୀତାଙ୍କ ସହ ପାକିସ୍ତାନର ଜଣେ ପାଦ୍ରୀଙ୍କ ସହ ଅନଲାଇନରେ ପରିଚୟ ହୋଇଥିଲା। ଏହାପରେ ସୁନୀତା ତାଙ୍କୁ ବହୁବାର ଭେଟିବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ପଞ୍ଜାବର ଅଟ୍ଟାରୀ ସୀମା ଡେଇଁ ପାକିସ୍ତାନକୁ ଯିବା ଲାଗି ଦୁଇ ଥର ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷାକର୍ମୀଙ୍କ ହାତରେ ପଡ଼ି ଯାଇ ପାରି ନଥିଲେ। ହେଲେ ଗତ ୧୪ ତାରିଖରେ ସେ ନିଜର ୧୫ ବର୍ଷର ପୁଅ ସହିତ କାର୍ଗିଲ ଜିଲ୍ଲାସ୍ଥିତ ସୀମାନ୍ତ ଗ୍ରାମ ହୁନ୍ଦମନ୍‌ରେ ପହଞ୍ଚିଥିଲେ। ସେହି ଗ୍ରାମରେ ସେ ପୁଅକୁ ଛାଡି ଦେଇ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହି କୁଆଡେ ପଳାଇଥିଲେ। ଏହାପରେ ସେ ସୀମା ଡେଇଁ ପାକିସ୍ତାନ ପଳାଇଥିବା ଜଣାପଡ଼ିଛି।

**ଏକ ଦେଶ, ଏକ ନିର୍ବାଚନ**
**ମୁମ୍ବାଇରେ ଜେପିସିର ମାରାଥନ ବୈଠକ**

## ସହମତ ହେଉନାହାନ୍ତି ଆଞ୍ଚଳିକ ଦଳ

ମୁମ୍ବାଇ, ୧୭।୫: 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ଜେପିସିର ଆଜି ଏଠାରେ ମାରଥନ ବୈଠକ ହୋଇଛି। ପିପି ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଦଳ, ବ୍ୟାଙ୍କ, ଆର୍ଥିକ ସଂସ୍ଥା ଓ ସରକାରୀ ଅଧିକାରୀ ଯୋଗଦେଇ ସେମାନଙ୍କର ମତାମତ ଉପସ୍ଥାପିତ କରିଛନ୍ତି। ତେବେ ଆଞ୍ଚଳିକ ଦଳ ଏହି ଯୋଜନାର ଦୃଢ଼ ବିରୋଧ କରୁଥିବା ଜଣାପଡ଼ିଛି।

ଆଜି ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ବୈଠକ ସନ୍ଧ୍ୟା ୭ଟା ଯାଏଁ ଚାଲିଥିଲା। ପ୍ରଥମ ପର୍ଯ୍ୟାୟରେ ମହାରାଷ୍ଟ୍ର ସରକାରଙ୍କର ମୁଖ୍ୟ ସଚିବ, ପୁଲିସ ଡିଜି ସମେତ ଗୃହ, ଅର୍ଥ, ଆଇନ ଓ ଶିକ୍ଷା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଉପସ୍ଥିତ ରହି ନିଜନିଜର ମତାମତ ଦେଇଥିଲେ। ଗତବର୍ଷ ଅନୁଷ୍ଠିତ ଲୋକସଭା ଓ ବିଧାନସଭା ନିର୍ବାଚନ ସଂପର୍କରେ ହୋଇଥିବା ପ୍ରସ୍ତୁତି ସଂପର୍କରେ ତଥ୍ୟ ରଖିବା ସହିତ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଲେ ଆହୁରି କଣ କଣ ଆବଶ୍ୟକତା ରହିଛି ତାହା ଜଣାଇଥିଲେ। ଜେପିସି ସଭ୍ୟମାନେ ମଧ୍ୟ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ କରିବା ସହିତ ଅନେକ ତଥ୍ୟ ଲୋଡ଼ିଥିଲେ।

ଏହାପରେ ଜେପିସି ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କୁ ଭେଟିଥିଲେ। ବୈଠକରେ ଯୋଗ ଦେଇଥିଲେ ଅନେକ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଭିନ୍ନ ଜାତୀୟ ଦଳର ରାଜ୍ୟ ସଭାପତି ଏବଂ ଆଞ୍ଚଳିକ ଦଳର ପ୍ରତିନିଧି। ମିଳିଥିବା ସୂଚନା ଅନୁଯାୟୀ ଆଞ୍ଚଳିକ ଦଳର ପ୍ରତିନିଧିମାନେ ଏକ ଦେଶ, ଏକ ନିର୍ବାଚନ ବିରୋଧରେ ମତ ରଖିବା ସହିତ ଏଭଳି ଯୋଜନାର ଘୋର ବିରୋଧ କରିଥିଲେ। ଏଭଳି ନିର୍ବାଚନ ହେଲେ ସଂଘୀୟ ଢାଞ୍ଚା ପ୍ରତି ବିପଦ ସୃଷ୍ଟି ହେବ ବୋଲି ସେମାନେ ଯୁକ୍ତି କରିଥିବା ଜଣାପଡ଼ିଛି। ସେମାନଙ୍କ ସହିତ ଅ।ଢେଇ ଘଣ୍ଟା ଧରି ଆଲୋଚନା ହୋଇଥିଲା।

ଅପରାହ୍ନ ୪ଟା୩୦ରୁ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାର ଅଧିକାରୀ ଜେପିସି ବୈଠକରେ ଉପସ୍ଥିତ ହୋଇଥିଲେ। ପ୍ରଥମେ ରିଜର୍ଭ ବ୍ୟାଙ୍କର ଇଡି ଓ ଅନ୍ୟ ଅଧିକାରୀ ଜେପିସି ସଭ୍ୟଙ୍କୁ ଆର୍ଥିକ ପରିଚାଳନା ନେଇ ଅବଗତ କରାଇଥିଲେ।

**ତଥ୍ୟ ଦେଲେ ବ୍ୟାଙ୍କ, ସରକାରୀ ଅଧିକାରୀ**

ସେମାନେ ଯେଉଁ ମତାମତ ଦେଇଥିଲେ, ତାହା ଉପରେ ଅଧିକ ତଥ୍ୟ ଲୋଡ଼ିଥିଲେ ଜେପିସି ସଭ୍ୟ। ଏଥିପାଇଁ ରିଜର୍ଭ ବ୍ୟାଙ୍କ ଅଧିକାରୀ ଅଧିକ ସମୟ ଲୋଡ଼ିଥିଲେ। ଏହାପରେ ଷ୍ଟେଟ ବ୍ୟାଙ୍କ, ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ, ସେଂଟ୍ରାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଲଆଇସି, ଜିଆଇସି ଏବଂ ନାବାର୍ଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜେପିସି ସଭ୍ୟମାନଙ୍କୁ ଭେଟି ଏକ ସଙ୍ଗରେ ନିର୍ବାଚନ ହେଲେ ଆର୍ଥିକ ସ୍ଥିତି କଣ ହେବ, ସେଂପର୍କରେ ଅବଗତ କରାଇଥିଲେ। ବୈଠକରେ ବିଶେଷ କରି ଗ୍ରାମାଞ୍ଚଳ ବ୍ୟାଙ୍କ ଉପରେ ଅଧିକ ଆଲୋଚନା ହୋଇଥିଲା।

ଜେପିସି ବୈଠକରେ ମୁମ୍ବାଇ ଆଉ ଦୁଇ ଦିନ ସୋମବାର ଓ ମଙ୍ଗଳବାର ଅନୁଷ୍ଠିତ ହେବ। ଜେପିସିର ପରବର୍ତ୍ତୀ ବୈଠକ ଡେରାଡୁନରେ ହେବ ବୋଲି ଜଣାପଡ଼ିଛି। ବୈଠକ ପରେ ଜେପିସି ଅଧ୍ୟକ୍ଷ ପିପି ଚୌଧୁରୀ କହିଲେ ।।ଯେ ବିଭିନ୍ନ ରାଜ୍ୟ ଗସ୍ତ କରି ବିଭିନ୍ନ ବର୍ଗ ଓ ବିଶେଷଜ୍ଞମାନଙ୍କ ମତାମତ ନିଆଯିବ। ଏହି ଯୋଜନାକୁ ବିରୋଧ କରାଯାଉଛି କି ବୋଲି ପ୍ରଶ୍ନ ହେବାରୁ ସେ କହିଲେ, ଗଣତନ୍ତ୍ରରେ ବିଭିନ୍ନ ଲୋକଙ୍କର ବିଭିନ୍ନ ମତ ରହିଛି। କିଛି ସମର୍ଥନ କରିବେ ଏବଂ ଆଉ କେତେକ ବିରୋଧ କରିବେ। ସେମାନେ ଯେଉଁ ମତଦେବେ, ସେଥିରେ ଯାହା ଶ୍ରେଷ୍ଠ ଥିବ ତାହା ରିପୋର୍ଟରେ ସ୍ଥାନ ପାଇବ। ବୈଠକ ଫଳପ୍ରଦ ହେଉଥିବା ସେ କହିଛନ୍ତି।

■ ରଥଖଳାରୁ...

## ପନ୍ଦାରୀ ଚାବି ନିର୍ମାଣ ଶେଷ



ପୁରୀ,୧୭।୫(ସମିସ): ରଥଯାତ୍ରା ପାଇଁ ରଥଖଳା ସମ୍ପୂର୍ଣ୍ଣ ଚଳଚଞ୍ଚଳ। ବିଧି ମୁତାବକ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆସନ୍ତା ସୋମବାର ଭଉଁରୀ। ପରମ୍ପରା ଅନୁଯାୟୀ, ଭଉଁରୀ ତିଥିରେ ତିନିରଥର ଚକଡେରା କାର୍ଯ୍ୟ ସମ୍ପନ୍ନ ହେବ। ଏହାକୁ ନଜରରେ ରଖି ମହାରଣା ସେବକମାନେ ପ୍ରସ୍ତୁତ ହୋଇଯାଇଛନ୍ତି। ଶନିବାର ସୁଦ୍ଧା ତିନିରଥର ୨୦ଟି ଚକ ନିର୍ମାଣ ଶେଷ ହୋଇଛି। ଅନ୍ୟ ଚକଗୁଡ଼ିକରେ ପଇ ପିନ୍ଧା କାର୍ଯ୍ୟ ଜାରି ରହିଛି। ଭୋଇ ସେବକ ସିଙ୍ଗଡ଼ାବାଡ଼ିଆ କାମ ଜାରି ରଖିଛନ୍ତି। ସେହିପରି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ନାହାକା ଅଖ ନିର୍ମାଣ ସରିଥିବାବେଳେ ଭଉଁରୀରେ ଏଥିରେ ଚକ ଡେରା ଯିବ। ତିନି ରଥର ପ୍ରଭା ଅପ୍‌ସରା ଏବଂ ବେଦୀ ସିଂହାସନ ନିର୍ମାଣ ନିମନ୍ତେ ଭୋଇସେବକ ଯୋଗାଇ ଦେଇଥିବା କାଠକୁ ମହାରଣା ସେବକମାନେ ଚଉପଟ କରୁଛନ୍ତି। ରୂପକାର ସେବକମାନେ ସାଲଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ତିନିରଥର ୫ଟି ଲେଖାଏଁ ମୋଟ ୧୫ଟି ଗୁଜରେ ରୂପ ଖୋଦେଇ କରାଯାଉଛି। ଦୋଳବେଦୀ କୋଣ କମାରଶାଳରେ କମାର ସେବକମାନେ ୩୦ଟି ଚକର ପନ୍ଦାରି, ୨୦ଟି ଚକର ବଳା ତିଆରି କରିସାରିଛନ୍ତି। ସେହିପରି ୪୨ଟି ଯାକ ଚକର ପନ୍ଦାରି ଚାବି ନିର୍ମାଣ ଶେଷ କରିଥିବାବେଳେ ୩୦ ଚକର ଅରକଣ୍ଟା ମଧ୍ୟ ସାରିଛନ୍ତି। ଏବେ ବଳକା ପନ୍ଦାରି, ବଳା ଏବଂ ଅରକଣ୍ଟା ତିଆରି କରୁଛନ୍ତି।

# ଶ୍ରୀକ୍ଷେତ୍ରର ପବିତ୍ରତା ନଷ୍ଟ କରିଦେଲେ

ପୁରୀ, ୧୭।୫ (ସମିସ): ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟନିବାସ ବୈକୁଣ୍ଠ ଧାମ ହେଉଛି ପୁରୀ। କେବଳ ମହାପ୍ରଭୁଙ୍କ ସାନ୍ନିଧ୍ୟ ପାଇବା ପାଇଁ ଏହି ମାଟିକୁ ଛୁଟି ଆସିଥିଲେ ଦେଶବିଦେଶର ବହୁ ସାଧୁସନ୍ଥ। କୁହାଯାଏ, ଶ୍ରୀକ୍ଷେତ୍ରର ମାଟି, ପାଣି, ପବନ ସବୁଥିରେ ପବିତ୍ରତା ଭରି ରହିଛି। ଯେଉଁଥିପାଇଁ ପ୍ରତିଦିନ ପୁରୀକୁ ଦେଶ ବିଦେଶର ଭକ୍ତ, ଶ୍ରଦ୍ଧାଳୁ ଛୁଟି ଆସିଥା'ନ୍ତି। ହେଲେ ପୁରୀର ପବିତ୍ରତା ଏବେ ବିଭିନ୍ନ ବାଟରେ ନଷ୍ଟ ହେବାରେ ଲାଗିଛି। ସେ ମହାପ୍ରଭୁଙ୍କ ପ୍ରିୟ ମହାପ୍ରସାଦକୁ ଡାଇନିଂ ଟେବୁଲ୍ ଉପରେ ସେବନ କରିବା ହେଉ ଅବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିତରେ ଆମିଷ ପଶିବା। ଏଭଳି ଚିତ୍ର ଏବେ ଭକ୍ତ ସମାଜକୁ ବ୍ୟଥିତ କରିଛି।

ପରିକ୍ରମା ପ୍ରକଳ୍ପ ପରିସରରେ ପଶିଛି ଆମିଷ। ଜଣେ ଯୁବକ ସିଂହଦ୍ୱାର ପାର୍ଶ୍ୱରେ ବସି ଆମିଷ ଖାଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ କେଉଁ ଦିନ ଯୁବକଜଣଙ୍କ ପରିକ୍ରମା ପ୍ରକଳ୍ପ ଭିତରେ ବସି ଆମିଷ ଖାଉଛନ୍ତି, ତାହା ସ୍ପଷ୍ଟ ଜଣାପଡ଼ି ନଥିଲେ ମଧ୍ୟ ଏହାକୁ ନେଇ ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଜଣେ ନାସ୍ତିକ କିମ୍ବା ନିଶାସକ୍ତ ଏପରି କରିପାରେ ବୋଲି ଶ୍ରଦ୍ଧାଳୁମାନେ ମତ ଦେଇଛନ୍ତି।

କୋଟିକୋଟି ହିନ୍ଦୁଙ୍କ ଆରାଧ୍ୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଗଭୀର ଭକ୍ତି ଓ ବିଶ୍ୱାସକୁ ପାଥେୟ କରି ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦାରୁବିଗ୍ରହଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କୁ ମୌଳିକ ସୁବିଧା ପ୍ରଦାନ ନିମନ୍ତେ ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତିଆରି କରିଥିଲେ। ଫଳସ୍ୱରୂପ, ମେଘନାଦ ପାଚେରୀ କଡ଼ରୁ ୭୫ମିଟର ପରିଧି ମଧ୍ୟରେ ଶୋଭାବର୍ଦ୍ଧନ କରୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହା ଭକ୍ତଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏହି ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ପାଇଁ ଦିନଦିନ ଧରି ହୋମଯଜ୍ଞାଦି ହୋଇଥିବା ବେଳେ ଚାରିଦ୍ୱାରରେ ବେଦ ପାଠ କରାଯାଇଥିଲା। ଶହଶହ ସାଧୁସନ୍ଥ ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରି ଏହାର ଆଧ୍ୟାତ୍ମିକତାକୁ ପ୍ରତିପାଦନ କରିଥିଲେ। ଏହି ପରିକ୍ରମା ପ୍ରକଳ୍ପ ମଧ୍ୟ



ଦେଇ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା, ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଏବେ ନରେନ୍ଦ୍ରକୁ ଜଳକ୍ରୀଡ଼ା କରିବାକୁ ଯାଉଛନ୍ତି। ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ବାହାରି ଅମାବାସ୍ୟା ନାରାୟଣ ମହୋଦଧିକୁ ବିଜେ କରୁଛନ୍ତି। ଏମିତି ଭକ୍ତି, ବିଶ୍ୱାସ ଓ ପରମ୍ପରା ସହ ଜଡ଼ିତ ପରିକ୍ରମା ପ୍ରକଳ୍ପର ପବିତ୍ରତା ନଷ୍ଟ ହେବାରେ ଲାଗିଛି। ଏବେ ପରିସର ମଧ୍ୟରେ ଜଣେ ଯୁବକ ଆମିଷ ସେବନ କରୁଥିବା ନଜରକୁ ଆସିଛି। ସମ୍ପୃକ୍ତ ଯୁବକର ପରିଚୟ ଜଣା ପଡ଼ିନଥିଲେ ହେଁ ଭାଇରାଲ ଭିଡିଓ ଏହାର ସତ୍ୟତା ପ୍ରତିପାଦିତ କରୁଛି।

ଭାଇରଲ୍ ଭିଡିଓରେ ଯାହା ଦେଖାଯାଉଛି, ଯୁବକଜଣଙ୍କ ଆମିଷ ଖାଉଛନ୍ତି। ହାଫ୍-ପ୍ୟାଣ୍ଟ ଏବଂ ଗଞ୍ଜି ପରିଧାନ କରିଥିବା ଏହି ଯୁବକ ତଳେ ବସିଥିବା ବେଳେ ପତ୍ରରେ ଖାଇବା ବଢ଼ାଯାଇଛି। ଅନ୍ୟ ଶ୍ରଦ୍ଧାଳୁମାନେ ଏହା ଦେଖିବା ପରେ ତାକୁ ଘେରିଯାଇ ଧମକଚମକ ଦେବା ସହ ଖାଦ୍ୟ ମଧ୍ୟ ଫୋପାଡ଼ି ଦେଇଛନ୍ତି। ଆଧ୍ୟାତ୍ମିକ ପରିବେଶକୁ ଏଭଳି ନଷ୍ଟ କରିବା କେଉଁ ମାନସିକ ବିକୃତ, ନାସ୍ତିକ କିମ୍ବା ନିଶାସକ୍ତ ହିଁ କରିପାରେ। ତେବେ ମହାପ୍ରଭୁଙ୍କ ପବିତ୍ର କ୍ଷେତ୍ରରେ ଏଭଳି ଭୁଲ୍ କ୍ଷମଣୀୟ ନୁହେଁ ବୋଲି କହିଛନ୍ତି ଶ୍ରଦ୍ଧାଳୁ।

■ ପରିକ୍ରମା ପ୍ରକଳ୍ପ ଭିତରେ ପଶିଲା ଆମିଷ
■ ଡାଇନିଂ ଟେବୁଲ ଉପରେ ମହାପ୍ରସାଦ ସେବନ

ସେହିପରି ମହାପ୍ରଭୁଙ୍କ ପ୍ରିୟ ମହାପ୍ରସାଦ ପ୍ରତି ମଧ୍ୟ ଅସମ୍ମାନ କରାଯାଇଛି। ପୁରୀର ଏକ ପ୍ରତିଷ୍ଠିତ ହୋଟେଲରେ କିଛି ବ୍ୟକ୍ତି ଡାଇନିଂ ଟେବୁଲରେ ମହାପ୍ରସାଦ ଖାଉଛନ୍ତି। ଏହାର ଫଟୋ ଏବଂ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ତଳେ ବସି କଦଳୀପତ୍ରରେ ମହାପ୍ରସାଦ ସେବନ କରିବାର ବିଧି ରହିଥିବା ବେଳେ କେଉଁ ପରିସ୍ଥିତିରେ ଡାଇନିଂ ଟେବୁଲରେ ଯାତ୍ରୀ ଖାଉଛନ୍ତି, ତାହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ତେବେ ଏସବୁ ପାଇଁ ଦାୟୀ କିଏ? ଶ୍ରୀମନ୍ଦିର ସୁରକ୍ଷାରେ ମାଳମାଳ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଜଣେ ଯୁବକ ଆମିଷ ଭୋଜନ ଧରି ପରିକ୍ରମା ପ୍ରକଳ୍ପ ଭିତରକୁ ପ୍ରବେଶ କରିବା ସମୟରେ କେହି ଜାଣିପାରିଲେ ନାହିଁ କେମିତି? ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି।

ଶ୍ରୀମନ୍ଦିର ପ୍ରଶାସନର ପ୍ରତିକ୍ରିୟା

## ଟେବୁଲରେ ମହାପ୍ରସାଦ ସେବନ ପରମ୍ପରା ବିରୋଧୀ

ପୁରୀ,୧୭।୫(ସମିସ): ଟେବୁଲରେ ବସି ମହାପ୍ରସାଦ ସେବନ କରିବା ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। କୁହାଯାଇଛି, ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ। ଭୂମିରେ ବସି ମହାପ୍ରସାଦ ସେବନର ବିଧି ପରମ୍ପରା ଅନାଦି କାଳରୁ ରହି ଆସିଛି। ତେଣୁ ଏଭଳି ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରିବା ଭଳି ପରମ୍ପରାବିରୋଧୀ କାର୍ଯ୍ୟରୁ ବିରତ ରହିବାକୁ ସମସ୍ତ ଭକ୍ତ ସମାଜକୁ ନିବେଦନ କରାଯାଇଛି। ହୋଟେଲଗୁଡ଼ିକ ମଧ୍ୟ ଏଥିପାଇଁ ଦୃଷ୍ଟି ଦେବା ସହ ନିଜ ଅତିଥିଙ୍କୁ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ସଚେତନ କରିବା ଲାଗି ଅନୁରୋଧ କରାଯାଇଛି।

ସୂଚନାଥାଉ କି, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଅର୍ପିତ ହେଉଥିବା ପ୍ରସାଦକୁ ଶ୍ରୀମହାପ୍ରସାଦ କୁହାଯାଏ। ଷଡ଼ଙ୍ଗ ସଂସ୍କାର ମାଧ୍ୟମରେ ମହାପ୍ରସାଦ ଠାକୁରଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଯେଉଁ ମହାପ୍ରସାଦ ପ୍ରସ୍ତୁତ କରାଯାଏ, ଶାସ୍ତ୍ରାନୁସାରେ ତାହାକୁ ମହାଲକ୍ଷ୍ମୀ ନିଜେ ପ୍ରସ୍ତୁତ କରିଥା'ନ୍ତି। ଏହି ମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତିଲାଭ କରେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ଲାଗି ଚାହିଁ ରହିଥାନ୍ତି। ମହାପ୍ରସାଦ ପ୍ରତି ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ରହିଛି। ମହାପ୍ରସାଦକୁ ଅନ୍ନବ୍ରହ୍ମ ବୋଲି କୁହାଯାଇଥାଏ। କୁହାଯାଇଛି ଭଗବାନଙ୍କୁ ନିନ୍ଦିଲେ ଚଳିବ, କିନ୍ତୁ ତାଙ୍କ କୈବଲ୍ୟକୁ ନିନ୍ଦା କରିବା ଉଚିତ ନୁହେଁ। ଏହିଭଳି ବିଶ୍ୱାସ ଏବଂ ପରମ୍ପରା ସହ ସାମିଲ ମହାପ୍ରସାଦ ପ୍ରତି ଏଭଳି ଅସମ୍ମାନ ଭକ୍ତ ସମାଜକୁ ଗଭୀର ଆଘାତ ପହଞ୍ଚାଇଛି।

## ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

ଭଦ୍ରକ/ବାସୁଦେବପୁର, ୧୭।୫(ସମିସ): ଭିଜିଲାନ୍ସ ଜାଲରେ ବାସୁଦେବପୁର ବ୍ଲକ୍ କନିଷ୍ଠ ଯନ୍ତ୍ରୀ (ଜେଇ) ଅଶୋକ କୁମାର ଦାସ। ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କାମର ବିଲ୍ କରାଇଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ସେ ନିଜର ଭଡ଼ାଘରେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି। ତାଙ୍କଠାରୁ ରାସାୟନିକ ପ୍ରଲୋପ ବୋଳା ଟଙ୍କା ଜବତ କରିବା ସହ ଭିଜିଲାନ୍ସ ତାଙ୍କୁ ଗିରଫ କରି



୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ

କୋର୍ଟଚାଲାଣ କରିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ନମ୍ବର ୪/୨୫ରେ ଏକ ମାମଲା ରୁଜୁ କରିଛି। ଏହାସହ, ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ୪ଟି ସ୍ଥାନରେ ଚଢ଼ଉ କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଚଢ଼ଉ ଜାରି ରହିଥିଲା। ଏଡ଼ତାଳ ପଞ୍ଚାୟତରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଆସିଥିଲା। ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଗ୍ରେଡବିମ୍ ପଡ଼ିବା ପରେ ୨ଲକ୍ଷ ୧୭ହଜାର ବିଲ୍ ପାଇଥିଲେ। କନିଷ୍ଠ ଯନ୍ତ୍ରୀ ଅଶୋକ ବିଲ୍ ଅର୍ଥରୁ ପିସି ବାବଦକୁ ଠିକାଦାର ଅକ୍ଷୟ ନାୟକଙ୍କୁ ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଅକ୍ଷୟ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଅକ୍ଷୟ ଆଜି କନିଷ୍ଠ ଯନ୍ତ୍ରୀ ଶ୍ରୀ ଦାସଙ୍କ ବାସୁଦେବପୁର ପୌରପାଳିକାର ନିଉଇଣ୍ଡିଆ ସାହି ଭଡ଼ାଘରେ ତାଙ୍କୁ ଲାଞ୍ଚ ଟଙ୍କା ଦେଉଥିବା ବେଳେ ସେଠାରେ ଡେରା ପକାଇଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ।

ଟାଟା ପାୱାରକୁ ଓଇଆର୍‌ସିଙ୍କ ତାଗିଦ୍

## ଟ୍ରାନ୍ସଫର୍ମର, ଫିଡର୍ ଲାଇନ୍‌ରେ ଲାଗିବ ଡିଟି ମିଟର

ଭୁବନେଶ୍ୱର,୧୭।୫(ସମିସ): ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ଫିଡର୍ ଲାଇନ୍‌ଗୁଡ଼ିକର ଡିଟି ମିଟରିଂକୁ ପ୍ରାଥମିକତା ଦେବାକୁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଟାଟା ପାୱାରର ୪ଟି ଯାକ ବିତରକ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ଟାଟା ପାୱାରର ୪ଟି ଯାକ ବିତରକ ସଂସ୍ଥା ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ ଏବଂ ଟିପିଡବ୍ଲ୍ୟୁଓଡିଏଲର କାର୍ଯ୍ୟଦକ୍ଷତା ଏବଂ ପ୍ରଦର୍ଶନର ସମୀକ୍ଷା ବେଳେ ଓଇଆର୍‌ସି ଉପରୋକ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ସମୀକ୍ଷା ବୈଠକରେ ଟାଟା ପାୱାର ୪ ବିତରକ ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା, ବୈଷୟିକ ଏବଂ ବାଣିଜ୍ୟିକ କ୍ଷତି ହ୍ରାସ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସମୀକ୍ଷାରୁ ଜଣାପଡ଼ିଛି ଯେ ବିଦ୍ୟୁତ୍ ବିତରକ ଟ୍ରାନ୍ସଫର୍ମର, ୩୩ କେଭି ଓ ୧୧ କେଭି ଫିଡର୍ ଲାଇନଗୁଡ଼ିକରେ ଡିଟି(ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମିଟର) ମିଟର ଲଗାଇବା ପ୍ରକ୍ରିୟା ଅତ୍ୟନ୍ତ ଧୀମା ଗତିରେ ଚାଲିଛି। ଟ୍ରାନ୍ସଫର୍ମର ଏବଂ ଫିଡର୍ ଲାଇନ୍‌ରେ ଡିଟି ମିଟର ଲଗାଇବା ଫଳରେ ଏକାଧିକ ଫାଇଦା ମିଳିଥାଏ। ଡିଟି ମିଟର ଲାଗିବା ଫଳରେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ପ୍ରବାହକୁ ମାପିବାରେ

■ ଜଣାପଡ଼ିବ ବିଦ୍ୟୁତ୍ ବିତରଣର ସବିଶେଷ ସୂଚନା
■ ଲୋ-ଭୋଲ୍‌ଟେଜ୍, ବିଜୁଳି କାଟ୍‌ରୁ ମିଳିବ ମୁକ୍ତି
■ ମିଟରିଂକୁ ନେଇ ଟାଟା ପାୱାରର ପ୍ରଦର୍ଶନ ଧୀମା

ସହାୟକ ହୋଇଥାଏ। ବିଶେଷକରି କେଉଁ ଅଞ୍ଚଳରେ କେଉଁ ଟ୍ରାନ୍ସଫର୍ମର ଉପରେ କେତେ ଲୋଡ୍ ରହିଛି, କେତେ ଅତିରିକ୍ତ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି, ତାହା ଡିଟି ମିଟରରୁ ସହଜରେ ଜାଣିହୁଏ। ଏପରିକି କେଉଁ ଅଞ୍ଚଳରେ ଯଦି ଉପଭୋକ୍ତା ଅବୈଧ ଭାବରେ ବିଦ୍ୟୁତ୍ ସଂଯୋଗ ନେଇଥା'ନ୍ତି, ତାହା ମଧ୍ୟ ଏହି ଡିଟି ମିଟରରୁ ସହଜରେ ଧରି ହୁଏ। ନିର୍ଦ୍ଦିଷ୍ଟ ଅଞ୍ଚଳକୁ କେତେ ପରିମାଣର ବିଦ୍ୟୁତ୍ ଦିଆଯାଇଛି, କେତେ ବିଦ୍ୟୁତ୍ ଚୋରି ହେଉଛି, ତାହା ଏଥିରୁ ସହଜରେ ଜଣାପଡ଼ିଥାଏ। ଫଳରେ ଉକ୍ତ ଅଞ୍ଚଳର ଶକ୍ତି ଆବଶ୍ୟକତା ଅନୁସାରେ ଲୋଡ୍ ଦିଆଯାଇଥାଏ। ଏହା ଦ୍ୱାରା ଲୋ-ଭୋଲଟେଜ ଏବଂ ବିଜୁଳି କାଟ୍‌ରୁ ମଧ୍ୟ ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିପାରିବ ବୋଲି ଜଣାପଡ଼ିଛି।

ଅର୍ଥାତ୍ ଉପରୋକ୍ତ ମିଟରିଂ ଦ୍ୱାରା ଗ୍ରାହକ ସିଧାସଳଖ ଭାବେ ଉପକୃତ ହେବାର ଥିବାବେଳେ ଟାଟା ପାୱାର ଏହି ମିଟର ଲଗାଇବାକୁ କାହିଁକି ବିଳମ୍ବ କରୁଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଡିଟି ମିଟର ଲଗାଇବା ପରିବର୍ତ୍ତେ ଟାଟା ପାୱାର ପକ୍ଷରୁ ସ୍ମାର୍ଟ ମିଟର ଲଗାଇବା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଟାଟା ପାୱାରର ଏହି ୪ ବିତରକ ସଂସ୍ଥା ୨୦୨୫-୨୬ରୁ ୨୦୩୧-୩୨ ପର୍ଯ୍ୟନ୍ତ ଉପଭୋକ୍ତା ସ୍ମାର୍ଟ ମିଟର ଲଗାଇବାକୁ ନିଜର ପୁଞ୍ଜିନିବେଶ ପ୍ଲାନକୁ ଅନୁମୋଦନ ଦେବାକୁ ଆବେଦନ କରିଛି। ତେବେ ଏହି ଆବେଦନ ଓଇଆର୍‌ସିଙ୍କ ନିକଟରେ ବିଚାରାଧୀନ ଥିବା ଜଣାପଡ଼ିଛି।

## ପୁଣି ଘାରିଲା କରୋନା ଚିନ୍ତା

■ ଭୟଭୀତ ହେବାର ଆବଶ୍ୟକତା ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ
■ ହଂକଂ ଓ ସିଙ୍ଗାପୁରରେ ମାଡୁଛି କରୋନା

ଭୁବନେଶ୍ୱର, ୧୭।୫ (ସମିସ): ହଂକଂ ଓ ସିଙ୍ଗାପୁରରେ ପୁଣିଥରେ କରୋନା ବ୍ୟାପିବାରେ ଲାଗିଛି। ଏହି ଦେଶଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ନିୟମିତ ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚ୍‌ଓ) ସହ ଆଲୋଚନା କରୁଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଗଣମାଧ୍ୟମରେ ବିବୃତ୍ତି ରଖି କହିଛନ୍ତି, ବର୍ତ୍ତମାନ ବାହାର ଦେଶରେ ଚିହ୍ନଟ ହୋଇଥିବା କରୋନା ଭୂତାଣୁ ପ୍ରଜାତି ନୂଆ ନୁହେଁ। ସେହି କୋଭିଡ୍-୧୯ ଭୂତାଣୁ। ଲୋକଙ୍କର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ, ତାଙ୍କୁ ଆକ୍ରାନ୍ତ କରୁଛି। ଆମ ରାଜ୍ୟରେ ସ୍ଥିତି ଏକଦମ୍ ଭଲ ଅଛି। ଏଥିପାଇଁ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା କରାଯାଉଛି। ଭୟଭୀତ ହେବାର କୌଣସି କାରଣ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ରାଜ୍ୟ ସରକାର ଯୋଗାଯୋଗରେ ଅଛନ୍ତି। କେନ୍ଦ୍ର ସରକାରଙ୍କ ସହ ମଧ୍ୟ କୋଭିଡ୍ ନେଇ ରାଜ୍ୟ ସରକାର ଯୋଗାଯୋଗ କରୁଛନ୍ତି। କୌଣସି ଗାଇଡଲାଇନ୍ ଆସିଲେ, ତାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।



## ପ୍ରଦେଶ କଂଗ୍ରେସ କମିଟି ପୁନର୍ଗଠିତ

ଭୁବନେଶ୍ୱର,୧୭।୫(ସମିସ): ସଭାପତି ନିଯୁକ୍ତି ହେବାର ପ୍ରାୟ ୩ମାସ ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ୍ କମିଟି (ଓପିସିସି) ପୁନର୍ଗଠନ କରିଛି ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି)। ଓପିସିସରେ ୭ ଉପସଭାପତିଙ୍କ ସମେତ ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ, କୋଷାଧ୍ୟକ୍ଷ ଓ ୨ଜଣିଆ ସାମାଜିକ ଗଣମାଧ୍ୟମ କମିଟି ତାଲିକାରେ ସ୍ଥାନ ପାଇଛନ୍ତି। ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ବିଧାୟକ ସିଏସ୍ ରାଜନ ଏକ୍କା, ଲଲାଟେନ୍ଦୁ ମହାପାତ୍ର ଏବଂ ଏକମାତ୍ର ମହିଳା ଭାବେ ସସ୍ମିତା ବେହେରା ପ୍ରମୁଖ ଉପସଭାପତି ଭାବେ କମିଟିରେ ସ୍ଥାନ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଅଶୋକ ଦାସ, ଅପ୍ପଲ୍ ସ୍ୱାମୀ କଡ୍ରକା, ପ୍ରଫୁଲ୍ଲ ପ୍ରଧାନ, ବିଧାୟକ ମଙ୍ଗୁ ଖିଲ୍ଲ, ବିଧାୟକ ପବିତ୍ର ସାଉଁଟା, ନୀଳମାଧବ ହିକକା, ସୁବର୍ଣ୍ଣ ନାୟକ, ସୟଦ ୟାସିର ନୱାଜ୍, ବିଜୟାନନ୍ଦ ଚାଉଳିଆ ଏବଂ ଏକମାତ୍ର ମହିଳା ଭାବେ ମଧୁସ୍ମିତା ସେଠୀ ସ୍ଥାନ ପାଇଛନ୍ତି। ସେହିପରି ୧୨ ଜଣିଆ ସମ୍ପାଦକ ତାଲିକାରେ ୫ଜଣ ମହିଳା ସ୍ଥାନ ପାଇଛନ୍ତି। ତାଲିକାରେ ତୁଳେଶ୍ୱର ନାଏକ, ସସ୍ମିତା ପଣ୍ଡା, ଶିଳ୍ପୀଶ୍ରୀ ହରିଚନ୍ଦନ, ଦେବଶ୍ରୀତା ଶର୍ମା, ଲକ୍ଷ୍ମୀଧର ସିଂ, ଦିଲ୍ଲୀପ ଦୂରିଆ, ରୂପକ ତୁରୁକ୍, ସିମାଞ୍ଚଳ ଗିରି ଉଲାକା, ମନିଷା ତ୍ରିପାଠୀ, ସାକ୍ସା ସୁଜିତ୍, ମହୋନ ହେମ୍ରମ୍ ଓ ଅନିମା ମିଞ୍ଜ ପ୍ରମୁଖ ରହିଛନ୍ତି। କୋଷାଧ୍ୟକ୍ଷ ଭାବେ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କୁ ନିଯୁକ୍ତ କରାଯାଇଛି। ଅପରପକ୍ଷରେ ୨ଜଣିଆ ସାମାଜିକ ଗଣମାଧ୍ୟମ କମିଟିରେ ବିଧାୟକ ସତ୍ୟଜିତ୍ ଗମାଙ୍ଗ ଅଧ୍ୟକ୍ଷ ଭାବେ ସ୍ଥାନ ପାଇଥିବାବେଳେ ସନ୍ତୋଷ ପ୍ରଧାନ ଉପାଧ୍ୟକ୍ଷ ହୋଇଛନ୍ତି।

## ତପସ୍ୱିନୀ ଏକ୍ସପ୍ରେସ୍‌କୁ ପଥରମାଡ଼

ସମ୍ବଲପୁର, ୧୭।୫ (ସମିସ): ତପସ୍ୱିନୀ ଏକ୍ସପ୍ରେସ୍‌କୁ ପଥର ମାଡ଼ ହୋଇଛି। ଆଜି ଭୋର୍ ପ୍ରାୟ ୫ଟା ୪୫ରେ ଏକ୍ସପ୍ରେସ୍‌ଟି ଭୁବନେଶ୍ୱରରୁ ଝାରସୁଗୁଡ଼ା

କାଚ ଭାଙ୍ଗିଲା, ଯାତ୍ରୀ ଭୟଭୀତ

ଅଭିମୁଖେ ଯାଉଥିବା ବେଳେ ରେଙ୍ଗାଲି ଲପଙ୍ଗା ଷ୍ଟେସନ ନିକଟରେ ୭ ନମ୍ବର ଏସି କୋଚ୍ ଉପରକୁ କେହି ଦୁର୍ବୃତ୍ତ ପଥରମାଡ଼ କରିଥିଲା। ଏଥିରେ କୋଚ୍‌ର କାଚ ଭାଙ୍ଗିଯିବା ସହ ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଏନେଇ ଝାରସୁଗୁଡ଼ା ଆରପିଏଫ୍‌ରେ ଏକ ମାମଲା ରୁଜୁ ହୋଇଛି।



ପୁଣି ଇସ୍କନର ମନମାନୀ

## ଲଣ୍ଡନରେ ହେବ ଅଦିନିଆ ରଥଯାତ୍ରା

ଭୁବନେଶ୍ୱର,୧୭।୫(ସମିସ): ପୁଣି ଇସ୍କନ ଆରମ୍ଭ କରିଛି ନିଜର ମନମାନୀ। ଚଳିତ ମାସ ୧୮ ତାରିଖରେ ଲଣ୍ଡନରେ ଆୟୋଜିତ ହେବାକୁ ଯାଉଛି ଅଦିନିଆ ରଥଯାତ୍ରା। ଇସ୍କନ ଅନୁଗାମୀ ଏବଂ ଜଗନ୍ନାଥ ପ୍ରେମୀ ଯୋଗଦେବା ପାଇଁ ଅନଲାଇନ ମାଧ୍ୟମରେ ସୂଚନା ଦେଇଛି ଇସ୍କନ। ଏଥିରେ ୟୁଟ୍ୟୁବର ଗୋବିନ୍ଦ କ୍ରୀଷ୍ଣ ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବା ନେଇ ମଧ୍ୟ ସୂଚନା ରହିଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, କୀର୍ତ୍ତନ, ଯୋଗ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେବ। ତେବେ ଏହି ଘଟଣାକୁ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନ ଏପରି ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଥିବାକୁ ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏମିତିକି ବଳଭଦ୍ରଙ୍କ ବାଡ଼ଗ୍ରାହୀ ଏହାକୁ ତୀବ୍ର ବିରୋଧ କରିଥିବାବେଳେ ରଥଯାତ୍ରା ବନ୍ଦ କରିବା ନେଇ ସରକାର ପଦକ୍ଷେପ ନେବାକୁ ମତ ରଖିଛନ୍ତି।

### ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି କାର୍ଯ୍ୟସୂଚୀ

ଇସ୍କନ ପକ୍ଷରୁ ଜଗନ୍ନାଥ ସଂସ୍କୃତିର ଅଭ୍ୟାସଗତ ଉଲଙ୍ଘନ କରାଯାଇ ବିଭିନ୍ନ ଜାଗାରେ ଅଦିନିଆ ରଥଯାତ୍ରା କରିବାକୁ ପ୍ରଚାର ଓ ପ୍ରସାର କରାଯାଉଛି। ଅଦିନିଆ ରଥଯାତ୍ରା ନ କରିବାକୁ ଗଜପତି ମହାରାଜ ଓ ପୁରୀ ଶ୍ରୀମନ୍ଦିରର ପରିଚାଳନା କମିଟି ପ୍ରମୁଖଙ୍କ ଅନୁରୋଧକୁ ଇସ୍କନ କର୍ତ୍ତୃପକ୍ଷ ଗ୍ରହଣ ନ କରି ବାରମ୍ବାର ଅଦିନରେ ରଥଯାତ୍ରା କରି ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି ବୋଲି ଜଗନ୍ନାଥପ୍ରେମୀମାନେ ମତ ଦେଇଛନ୍ତି।

ଚଳିତ ୨୦୨୫ ବର୍ଷରେ ଇସ୍କନ ପକ୍ଷରୁ ମେ ୧୮ ତାରିଖରେ ଇଂଲଣ୍ଡ, ମେ ୩୧ରେ ବଲ୍ଟିମୋର, ଜୁନ୍ ୭ ତାରିଖରେ ସିଟାଡେଲ ହାଲିଫକ୍ସ, ଜୁନ୍ ୧୫ରେ ହଲିଉଡ୍ ପାର୍କ, ଜୁନ୍ ୨୨ରେ ଲିଲେଷ୍ଟର, ଜୁଲାଇ୫ ରେ ଲୁଣ୍ଡ, ଜୁଲାଇ ୨୬ରେ ବେଲଫାଷ୍ଟ, ଅଗଷ୍ଟ ୨ରେ କୃକସିଟିରେ ଅଦିନିଆ ରଥଯାତ୍ରା କରିବାକୁ ବିଜ୍ଞାପନ ଦେଇ ଆସନ୍ତା କାଲି ଠାରୁ ଶୁଭାରମ୍ଭ କରାଯାଉଥିବା ସୂଚନା ରହିଛି। ଶ୍ରୀ ଜଗନ୍ନାଥଙ୍କ ପ୍ରଚାର ସାରା ବିଶ୍ୱରେ ହେଉଛି ବୋଲି କହି ଏହି ବିଶୃଙ୍ଖଳାକୁ ଅନେକ ନିୟମ ଉଲଙ୍ଘନକାରୀ ବଢ଼ାଇ ଚାଲିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକ ବୈଠକରେ ଡ. ନାରାୟଣ ମହାପାତ୍ର, ଉମାନାଥ ମିଶ୍ର ସୁରେଶ ମିଶ୍ର, ମଳୟ ରଞ୍ଜନ ମହାପାତ୍ର, ତ୍ରିଲୋଚନ ନାୟକ, ବଂଶୀଧର ନାୟକ, ଭଗବାନ ଦାଶ ପ୍ରମୁଖ ଏ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ହାଜିରା ପାଇଁ ଓଏଚ୍‌ଆରସିର ବାରମ୍ବାର ସମନ ପ୍ରସଂଗ

## ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

କଟକ,୧୭।୫(ସମିସ): ଏକ ସାଇବର ଠକେଇ ଘଟଣାର ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ମାମଲାରେ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ(ଓଏଚଆରସି)ର ସମନ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଅଧିକାରୀଙ୍କୁ ଓଏଚ୍‌ଆରସି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଅନ୍ତରୀଣ ଆଦେଶ ପ୍ରଦାନ କରିଛନ୍ତି। କ୍ରାଇମବ୍ରାଞ୍ଚ ଏଡିଜି, ଏସ୍‌ପି ଓ ଡିଏସପିଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଓଏଚଆରସି ମାମଲାର ରେକର୍ଡପତ୍ରକୁ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ନଗେନ କୁମାର ବାରିକ ନାମକ ଜଣେ ବ୍ୟକ୍ତି ଏକ ସାଇବର୍ ଠକେଇର ଶିକାର ହୋଇ କ୍ରାଇମବ୍ରାଞ୍ଚ ସାଇବର୍ ସେଲରେ ଏତଲା ଦେଇଥିଲେ। ଏତଲା ଅନୁସାରେ ଉପଯୁକ୍ତ ତଦନ୍ତ ନହେବାରୁ ସେ ଓଏଚ୍‌ଆରସିରେ ମାମଲା ଦାୟର କରିଥିଲେ। ତେବେ ରେକର୍ଡ ଓ ମାମଲାର ତଦନ୍ତ ସମ୍ପର୍କିତ ନଥିପତ୍ର ଉପସ୍ଥାପନ ପୂର୍ବରୁ ଓଏଚ୍‌ଆରସି କ୍ରାଇମବ୍ରାଞ୍ଚ ଏସପିଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ଦାୟର କରିଥିଲେ ସମ୍ପୃକ୍ତ ଅଧିକାରୀ।

ମୁଖ୍ୟମନ୍ତ୍ରୀ ବସ୍-କାର୍ ମୁହାଁମୁହିଁ

## କାର୍ ଚାଳକ ମୃତ, ୧୫ ଗୁରୁତର

ଖଲ୍ଲିକୋଟ,୧୭।୫(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କନ୍ଦିଗାଁ କାକୁଡ଼ିଆ ବନ୍ଧ ନିକଟରେ ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ବସ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କାର୍ ଚାଳକଙ୍କ ମୃତ୍ୟୁ ଘଟିଛି। କାର ଓ ବସ ଭିତରେ ବସିଥିବା ପ୍ରାୟ ୧୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୈରାଶି ଗ୍ରାମର ଅଶୋକ ସ୍ୱାଇଁ।

ସୂଚନାନୁଯାୟୀ, ଆଜି ସନ୍ଧ୍ୟା ପ୍ରାୟ ୭ଟାରେ ଗୁରାପଲ୍ଲୀରୁ କନ୍ହେଇପୁର, ବିକ୍ରମପୁର ଦେଇ ଖଲ୍ଲିକୋଟ ଅଭିମୁଖେ ଆସୁଥିଲା ମୁଖ୍ୟମନ୍ତ୍ରୀ ବସ୍। କନ୍ହେଇପୁର ଛାଡ଼ି ବସ୍‌ଟି ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ଜାତୀୟ ରାଜପଥରୁ କୈରାଶି ଅଭିମୁଖେ ଯାଉଥିବା ଏକ କାର୍‌କୁ କନ୍ଦିଗାଁ କାକୁଡ଼ିଆ ବନ୍ଧ ନିକଟରେ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍‌ଟି ପୂରା ଚୂରମାର୍ ହୋଇଯାଇଥିଲା। କାର୍ ଚାଳକ ଅଶୋକ ତାଙ୍କ ସିଟ୍‌ରେ ଚାପି ହୋଇ ରହିଯାଇଥିଲେ। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ଅକ୍ଲାନ୍ତ ପରିଶ୍ରମ



କରି ଗ୍ୟାସ କଟର୍ ସାହାଯ୍ୟରେ କାଟି ଅଶୋକଙ୍କୁ ବାହାର କରି ଖଲ୍ଲିକୋଟ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଥିରେ ଥିବା ୫ ଯାତ୍ରୀଙ୍କ ସମେତ ବସ୍‌ରେ ଥିବା ଯାତ୍ରୀଙ୍କୁ ମିଶାଇ ମୋଟ ୧୫ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କେତେଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ମଧ୍ୟରେ କୈରାଶି ଗ୍ରାମର ଅଜିତ ଦାସ, ଭାଇଗ ସ୍ୱାଇଁ, ମୁକେଶ କୁମାର ପାଳ, ବିକାଶ ପଣ୍ଡା, ମହେନ୍ଦ୍ର ପ୍ରଧାନ, ମଣ୍ଟୁ ମହାପାତ୍ର ପ୍ରମୁଖ ରହିଛନ୍ତି।

# ପିକ୍‌ଅପ୍‌-ବାଇକ୍ ଧକ୍କା, ଗର୍ଭବତୀଙ୍କ ମୃତ୍ୟୁ

ଚିତ୍ରକୋଣ୍ଡା,୧୭।୫ (ସମିସ): ଚିତ୍ରକୋଣ୍ଡା ଅଞ୍ଚଳରେ ଆଜି ସନ୍ଧ୍ୟା ସମୟରେ ଦୁଃଖଦ ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ଚିତ୍ରକୋଣ୍ଡା ସଦର ମହକୁମାଠାରୁ ୫ କିଲୋମିଟର ଦୂର ଚିତ୍ରକୋଣ୍ଡା ବାଲିମେଳା ମୁଖ୍ୟ ରାସ୍ତାର ବାଉଁଶ ଡିପୋ ନିକଟରେ। ଆଜି ସନ୍ଧ୍ୟା ୭ ଘଟିକା ସମୟରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟଲା ପଞ୍ଚାୟତ ଡୋଲିଆମ୍ବ ଗ୍ରାମର କମଳଲୋଚନ ଖରା ନିଜ ଗର୍ଭବତୀ ପତ୍ନୀକୁ ମାଲକାନଗିରିରୁ ମୋଟର ସାଇକଲ



ଯୋଗେ ନିଜ ଘରକୁ ନେଇ ଫେରିବା ସମୟରେ ସ୍ୱିଲେଓ ବାଉଁଶ ଡିପୋ ନିକଟରେ ଚିତ୍ରକୋଣ୍ଡା ପଟୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚଳାଉଥିବା ଦୈତାରୀ ଶ୍ରୀଗମ ଓ ବସିଥିବା କମଳଲୋଚନ ଖରା ରାସ୍ତା କଡ଼କୁ ଛିଟିକି ପଡିଥିଲେ। କିନ୍ତୁ ହର୍ଷମତି ଖରା ପିକ୍‌ଅପ ଭ୍ୟାନ୍ ଚକା ତଳେ ପଡି ଯାଇଥିଲେ। ତାଙ୍କ ପେଟ ଉପରେ ଚକା ଚଢି ଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ପିକ୍‌ଅପ ଭ୍ୟାନ୍ ଦ୍ରୁତଗତିରେ ସେଠାରୁ ବାଲିମେଳା ଆଡ଼େ ଚାଲିଯାଇଥିଲା। ଦୁର୍ଘଟଣା ସ୍ଥଳ ନିକଟରେ ଥିବା କିଛି ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତିନି ଜଣକୁ ଚିତ୍ରକୋଣ୍ଡା ମେଡିକାଲକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଚଳାଉଥିବା ଦୈତାରୀ ଶ୍ରୀଗମ ଓ ତାଙ୍କ ସ୍ୱାମୀ କମଳଲୋଚନ ଖରାଙ୍କୁ ସାମାନ୍ୟ ଆଘାତ ଲାଗିଛି। ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରା, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଓ ଚିତ୍ରକୋଣ୍ଡା ସମିତି ସଭ୍ୟ ରାଜକୋମଳ ପୁରୋହିତ ଚିତ୍ରକୋଣ୍ଡା ମେଡିକାଲରେ ପହଞ୍ଚି ମାଲକାନଗିରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତୁରନ୍ତ ପନ୍ଦର ହଜାରର ସହାୟତା ସହ କମଳଲୋଚନ ତିନି ଛୋଟ ଛୋଟ ପିଲାଙ୍କୁ ବତ୍ସଲ୍ୟ ଯୋଜନାରେ ସମସ୍ତ ସାହାଯ୍ୟ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏ ନେଇ ଚିତ୍ରକୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛି ପୁଲିସ। ଆସନ୍ତାକାଲି ପୋଷ୍ଟମର୍ଟମ କରାଯିବ ବୋଲି ଡାକ୍ତର କହିଛନ୍ତି।

## ଆରଡ଼ି ଅଫିସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଚନ୍ଦ୍ରପୁର,୧୭।୫(ସମିସ) : ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ଆରଡ଼ି ଅଫିସର ୫୮ ବର୍ଷୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଜାମ୍ବିଳ ସାହାଣୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ଗତ ୩ ବର୍ଷରୁ ଉର୍ଦ୍ଧ ହେବ ଚନ୍ଦ୍ରପୁର ଆରଡି ଅଫିସଠାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ସେ କାର୍ଯ୍ୟ କରିଆସୁଥିଲେ। ଗତକାଲି ସେ ନିଜେ ରହୁଥିବା ଗୃହ ସମ୍ମୁଖରେ ପଡି ଥିବାଦେଖି ଆରଡ଼ି ଅଫିସଠାରେ କାମ କରୁଥିବା ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଚନ୍ଦ୍ରପୁର ପୁଲିସ ଆଇଆଇସି ପ୍ରଶାନ୍ତ କୁମାର ସେଠୀ, ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଏସଆଇ ହୃଷିକେଶ ପଟେଲ, ସାଇଣ୍ଟିଫିକ ଟିମ୍ ଓ ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ଅନିଲ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛନ୍ତି। ଶବ ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଶବ ବ୍ୟବେଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ଆଇଆଇସି ଶ୍ରୀ ସେଠୀ କହିଛନ୍ତି।

## କାଳବୈଶାଖୀରେ ଭାଙ୍ଗିଲା ଦୁଇ ଘର



ସେମିଳିଗୁଡ଼ା,୧୭।୫ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ଜନଜୀବନ ପ୍ରଭାବିତ ହାଇଛି। ସମିତି ଅନ୍ତର୍ଗତ ରାଜପୁତ ପଞ୍ଚାୟତରେ କାଳବୈଶାଖୀ ବର୍ଷା ପବନ ଦ୍ୱାରା ଦୁଇ ଘର ଭାଙ୍ଗି ଯାଇଛି। ପାତ୍ରପୁଟ ଗ୍ରାମର ପଦ୍ମା ଜୟପୁରିଆଙ୍କ ଘର ଉପରେ ତେନ୍ତୁଳିଗଛ ଭାଙ୍ଗି ପଡ଼ିବା ଦ୍ୱାରା ଆଜବେଷ୍ଟସ୍ ଘର ଓ ଉକ୍ତ ଗ୍ରାମର ଲଇକନ ଜୟପୁରିଆଙ୍କ ଘର ମଧ୍ୟ ଭାଙ୍ଗି ଯାଇଛି। ରାଜପୁତସରପଞ୍ଚପୀତାମ୍ବରକିର୍ଶନୀଦୁଇପରିବାରକୁଭେଟିସରକାରୀସାହାଯ୍ୟଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଥିଲେ। ପଲିଥିନ ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି।

## କାଳବୈଶାଖୀ ତାଣ୍ଡବ,ତିନି ବଳଦ ମୃତ



କଲ୍ୟାଣସିଂହପୁର,୧୭।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପ୍ରବଳ ପବନ ସହ ଘଡ଼ଘଡ଼ି ହୋଇ ଗଛ ଭାଙ୍ଗିଯାଇଛି। ସେହିପରି ବୁଡ଼ଗୁଡା ପଞ୍ଚାୟତର ଗୁରତୁଲୀ ଗ୍ରାମର ୩ଟି ବଳଦ ଓ ଚନ୍ଦ୍ରମା ନୀଳକଣ୍ଠଙ୍କ ଗୋଟିଏ ଘର ଉଡେଇ ଦେଇଛି। ଏଥିରେ କାହାରି କିଛି କ୍ଷତି ହୋଇ ନାହିଁ। ଗ୍ରାମର ଲୋକନାଥ ନାଚିକା, କର୍ଣ୍ଣ ମହାନନ୍ଦିଆ, ନାଥ ନାଚିକାଙ୍କ ବଳଦ ବଜ୍ରାଘାତରେ ମୃତ୍ୟୁ ଘଟିଛି। ଅପରାହ୍ନ ପ୍ରାୟ ତିନିଟା ସମୟରେ ପ୍ରବଳ ଘଡଘଡି ସହ ପବନ ବହିଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଗଛ ମୂଳେ ଥିବା ବଳଦ ନିକଟରେ ବଜ୍ରାଘାତ ହେବାରୁ ୩ଟି ବଳଦର ମୃତ୍ୟୁ ହୋଇଛି।

## ଏମ୍ ଆର୍ଟର ସପ୍ତମ ବାର୍ଷିକ ଉତ୍ସବ



ଗୁଣୁପୁର, ୧୭।୫(ସମିସ ): ଏମ୍‌ଆର୍ଟ୍‌ ଭାରତୀୟ କଳା ଏବଂ ସାଂସ୍କୃତିକ କେନ୍ଦ୍ର, ଗୁଣପୁରର ସପ୍ତମ ବାର୍ଷିକ ଉତ୍ସବ ଓ ଘୁଙ୍ଗୁର ପ୍ରତିଭା ସମ୍ମାନ-୨୦୨୫ ସ୍ଥାନୀୟ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ଗ୍ରାମଦେବୀଙ୍କ ମନ୍ଦିରରେ ଶ୍ରୀ ନଳିନୀ ମହାନ୍ତିଙ୍କ ପୌରୋହିତ୍ୟରେ ମା'ଙ୍କ ଠାରୁ ନିର୍ଦ୍ଦେଶ ନେଇ ସାଂସ୍କୃତିକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସ୍ଥାନୀୟ ଟାଉନ ହଲ୍ ପରିସରରେ ସମାପ୍ତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା ରେ ଟାଉନ ହଲ୍ ଠାରେ ସ୍ଥାନୀୟ ଗାନ୍ଧୀ ଯାନ୍ତ୍ରୀକ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଗୁଣୁପୁର ପୌରପରିଷଦର ଅଧକ୍ଷା ମମତା ଗୌଡ଼, ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ଓଡ଼ିଶୀ ନୃତ୍ୟଗୁରୁ ମୁକ୍ତିଲତା ପାଲ୍, ଗୁଣପୁର ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଆମ ଅନୁଷ୍ଠାନର ଅଧକ୍ଷ ଇଞ୍ଜିନିୟର ପ୍ରଣବ ଚୌଧୁରୀ, ଆଡ୍‌ଭୋକେଟ ରମେଶ ଲିମା, ବିଜେପି ନେତା ୱାଇ ଗଣପତି, ବସନ୍ତ ଉଲ୍ଲାକା, ପ୍ରମୋଦ ସାହୁଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଦର୍ଶ ଶିକ୍ଷକ ଅଶ୍ୱିନୀ ତ୍ରିପଠୀ ସଂଯୋଜନା କରିଥିଲେ। ଏହି ବାର୍ଷିକ ଉତ୍ସବରେ 'ମୁଁ ବି ଗାଇବୀ, ମୁଁ ବି ନାଚିବି' କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ "ଘୁଙ୍ଗୁର ପ୍ରତିଭା ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଥିଲା। ଏହା ସହ ଆମ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ପୌର ପରିଷଦ ଅଧକ୍ଷା ମମତା ଗୌଡ଼, ନୃତ୍ୟଗୁର ମୁକ୍ତିଲତା ପାଲ୍ , ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ପ୍ରେସ କ୍ଲବର ସଭାପତି ଦେବେନ୍ଦ୍ର ଚୌଧୁରୀ , ମିଡିଆ କ୍ଲବର ସଭାପତି ଅନିଲ ସାହୁକାର ,କଳିଙ୍ଗ ସାମ୍ବାଦିକ ସଂଘର ସଂଯୋଜକ ଶକ୍ତି ପ୍ରସାଦ ଦାଶ, କବି ନରସିଂହ ପଟ୍ଟନାୟକ, କବି ଆଶ୍ୱିନ ତ୍ରିପାଠୀ, ନୃତ୍ୟ ଓ ସଙ୍ଗୀତ ପାଇଁ ପଦ୍ମାବତୀ ବାଉରୀ, ଆଧ୍ୟାତ୍ମିକ ଗୁରୁ ନଳିନୀ ମହାନ୍ତି , ସମାଜସେବା ପାଇଁ ସୁଶ୍ରୀ ରଜେଶରୀ ଦଳାଇ, ଅଞ୍ଚଳର ନେତା ରାମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ସସ୍ମିତା ପଣ୍ଡାଙ୍କୁ ମଧ୍ୟ ସମସ୍ତ ମଞ୍ଚାସିନ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ପିଲାଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସଂଜୀବ କୁମାର ପଟ୍ଟନାୟକ ଏବଂ ଆମ ଅନୁଷ୍ଠାନର ଛାତ୍ର ଆଦିତ୍ୟ ପାଢ଼ୀ ସଂଯୋଜନା କରିଥିଲେ। ଗୁରୁ ସସ୍ମିତା ପଣ୍ଡାଙ୍କ ସହଯୋଗରେଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ଶେଷ ହୋଇଥିଲା।

## ଗଞ୍ଜେଇ ଜବତ ଘଟଣାରେ ଅଭିଯୁକ୍ତ ଖଲାସ

ଗୁଣପୁର,୧୭।୫(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅଞ୍ଚଳରୁ ଟ୍ରକରୁ ଗଞ୍ଜେଇ ଜବତ ଘଟଣାରେ ଟ୍ରକର ଡ୍ରାଇଭର ଇନସାଫ ଅଲିଖାନଙ୍କୁ ଏଡିଜେ ଦେବଦତ୍ତ ପଟ୍ଟନାୟକ ଶୁକ୍ରବାର ଖଲାସ କରିଛନ୍ତି। ବିଚାରଣା ସମୟରେ ୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସମାମଲାରୁ ଜଣାଯାଏ ୩୦.୭.୨୩ ତାରିଖରେ ପଦ୍ମପୁର ଥାନା ପୋଲିସ ଏସଆଇ ପ୍ରଜ୍ଞାଶ୍ରୀ ନାୟକଙ୍କ ନେତୃତ୍ୱରେ କେନ୍ଦୁଗୁଡା ଅଞ୍ଚଳରେ ଏମ.ଭି ଚେକିଂ ଚାଲିଥିଲା। ଏହି ସମୟରେ ଦିବା ୨.୪୫ ସମୟରେ ଏକ ଆଇଚର ଟ୍ରକ କେନ୍ଦୁଗୁଡା ବ୍ରିଜ ଚେକ ପଏଣ୍ଟ ଠାରେ ଦ୍ରୁତ ଗତିରେ ଚାଲି ଯାଉଥିଲା। ପୋଲିସ ଏହାର ପିଛା କରି କେନ୍ଦୁଗୁଡା ଫାଣ୍ଡି ନିକଟରେ ଗାଡିକୁ ଅଟକାଇ ଜବତ କରିଥିଲେ। ଗାଡିରୁ ୩୦.୧୫୦ କେଜିର ୨୫ ଟି ଗଞ୍ଜେଇ ବ୍ୟାଗ ସମୁଦାୟ ୭୫୦ କେଜି ଗଞ୍ଜେଇ ସହ ୧୨୦ ଟି ଗୋଖାଦ୍ୟ ପ୍ୟାକେଟ ରହିଥିଲା। ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଡି ସହ ଗଞ୍ଜେଇ ଏବଂ ଅନ୍ୟ ସାମଗ୍ରୀକୁ ଜବତ କରିଥିଲେ। ଗାଡିରେ କେବଳ ଡ୍ରାଇଭର ଅଲିଖାନ ରହିଥିବାରୁ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାରେ ବିଚାରଣା ଗୁଣପୁର ଏଡିଜେଙ୍କ କୋର୍ଟରେ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କୃଷ୍ଣ ଚନ୍ଦ୍ର ସେନାପତି ଏବଂ ଅଭିଯୁକ୍ତଙ୍କ ପାଇଁ ଷ୍ଟେନ୍ ଡିଫେନ୍ସ ଭାବରେ ଭାଗିରଥ ବାଙ୍ଗାରି ମାମଲା ପରିଚାଳନା କରିଥିଲେ।

## ସୁନାବେଡ଼ା ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୭ ବିଦ୍ୟାର୍ଥୀ ପୁରସ୍କୃତ







ସୁନାବେଡ଼ା,୧୭।୫ (ସମିସ): ମୁର୍ସିଦାବାଦ ସ୍ଥିତ ଏକାଡେମୀ ଅଫ୍ ଆର୍ଟସ୍ ୟୁନିଭର୍ସ ପକ୍ଷରୁ ଅନ୍ତର୍ଜାତୀୟ ଓ ଜାତୀୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତା ୬ଟି ବର୍ଗରେ ହୋଇଥିଲା। ୩୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେଥିମଧ୍ୟରୁ ସୁନାବେଡ଼ା ସ୍ଥିତ 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ'ର ୨୧ ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। ବିଭିନ୍ନ ବର୍ଗରେ ୩ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ୪ ଜଣ ସାନ୍ତ୍ୱନା ମୂଳକ ପୁରସ୍କାର ପାଇଛନ୍ତି। ଅର୍ନ୍ତଜାତୀୟ ସ୍ତରରେ 'ଗ' ବର୍ଗରେ ଦେବାଂଶୀ କୁଲଦୀପ ପ୍ରଥମ ସ୍ଥାନ, 'ଡ' ବର୍ଗରେ ଅର୍ଣ୍ଣବ ମହାପାତ୍ର ଦ୍ୱିତୀୟ ସ୍ଥାନ ଏବଂ 'ଗ' ବର୍ଗରେ ଶୁଭ୍ରଂଶୁ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । 'ଖ' ବର୍ଗର ଆଦିଶ୍ରୀ ନାଥ, ଆୟୁଷ୍ମାନ ନାଥ, ଆର୍ଷୀୟ ମହାପାତ୍ର , ରେଙ୍ଗଶ କୁମାର ସାହୁ ସାନ୍ତ୍ୱନାମୂଳକ ପୁରସ୍କାର ପାଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

## ଜାତୀୟ ଡେଙ୍ଗୁ ଦିବସ ପାଳିତ

ପଦ୍ମପୁର,୧୭।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ ଠାରେ ଜାତୀୟ ଡେଙ୍ଗୁ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ପଦ୍ମପୁର ସଂକ୍ରାମକ ରୋଗ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ବିପିଓ ମନୋଜ କୁମାର ପଣ୍ଡା, ପବ୍ଲିକ ହେଲଥ ଅଫିସର ସଫିରା ରାଇକା, ସ୍ୱାସ୍ଥ୍ୟ ଅଧିକାରୀ ଉଦୟ ଚନ୍ଦ୍ର ଶବର ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବର୍ଷା ଦିନ ପୂର୍ବରୁ ଲୋକେ କିଭଳି ମାରାତ୍ମକ ଡେଙ୍ଗୁରୁ ରକ୍ଷା ପାଇବେ ତାହା ଉପରେ ସଚେତନତା କରାଇଥିଲେ। ଏହି ଅବସରରେ ମେଡିକାଲର ସିଏଚ୍‌ଓ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ, ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସରକାରୀ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଗୁଣପୁର,୧୭।୫(ସମିସ): ପୂର୍ତ୍ତ ବିଭାଗରେ ଯନ୍ତ୍ରୀ ଚାକିରି ପାଇଥିବା ସ୍ଥାନୀୟ ବାଇପାସ୍ ଛକର ପାନ ଦୋକାନୀର ନିର ମହାପାତ୍ରଙ୍କ ପୁଅ ରାକେଶ ମହାପାତ୍ରଙ୍କୁ ଆଜି ବିଟ୍ସ ଡିପ୍ଲୋମା କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାକେଶ ବିଟ୍ସର ଜଣେ ପୁରାତନ ଛାତ୍ର । ଆଜି ଅଧକ୍ଷ ନାଗେଶ୍ୱର ଗମାଙ୍ଗ ଓ ଉପାଧକ୍ଷ ଆଶିସ ଠାକୁରଙ୍କ ଦ୍ୱାରା ଅନୁଷ୍ଠାନର ସମସ୍ତ କର୍ମଚାରୀ ଏକାଠି ହୋଇ ରାକେଶଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଲାଡି ତିରୁମୁଲା ରାକେଶ ଜଣେ ମେଧାବୀ ଛାତ୍ର ବୋଲି କହିଥିଲେ। ରାକେଶଙ୍କ ବହୁ ସଂଘର୍ଷ କରିବା ସହ ଘାତ ପ୍ରତିଘାତକୁ ସାମ୍ନା କରି ଏହି ସଫଳତା ପାଇ ପାରିଥିବାରୁ ତାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।



## ଅଗ୍ନି ଗଙ୍ଗା ମା'ଙ୍କୁ ଘଟ ପ୍ରଦାନ



ସେମିଳିଗଡ଼ା,୧୭।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହରରେ ପାଳନ ହେଉଥିବା ଶ୍ରୀ ଅଗ୍ନି ଗଙ୍ଗା ମା'ଙ୍କ ବାର୍ଷିକ ଯାତ୍ରାର ଷଷ୍ଠ ଦିନରେ ପୂଜା ମଣ୍ଡପ ଠାରେ ଶତାଧିକ ଭକ୍ତଙ୍କ ସହ ଏକ ଆଧାତ୍ମିକ ବତାବରଣ ସୃଷ୍ଟି ହୋଇଥିଲା। ଏହି ଦିନରୁ ମା'ଙ୍କୁ ଭକ୍ତଙ୍କ ଦ୍ୱାରା ଘଟ ପ୍ରଦାନ କରାଯାଇଛି। 'ସକାଳ'ରୁ ଅପରାହ୍ନ ଯାଏଁ ଘଟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା ମଣ୍ଡପରେ ବି ଭିଡ଼ ଜମି ଥିଲା। ମା'ଙ୍କ ଦର୍ଶନ କରି ଭକ୍ତମାନେ ଆଶୀର୍ବାଦ ନେଇଥିଲେ। ସନ୍ଧ୍ୟାରେ ପୂଜା ମଣ୍ଡପରୁ ନଗର ପରିକ୍ରମା ଘଟ ପୂଜାରୀ ଘରକୁ ଯାଇଥିଲା। ଉକ୍ତ ସ୍ଥାନରେ ମା'ଙ୍କର ଅତି ପ୍ରିୟ ନିଆଁର ଆୟୋଜନ କରାଯାଇଥିଲା। ନିଆଁରେ ଘଟ ଚାଲି ଚାଲି ଯାଇଥିଲେ। ସେହିପରି ଆଉ କିଛି ସ୍ଥାନରେ ପଣା ମଧ ମା'ଙ୍କୁ ପ୍ରଦାନ କରାଯାଇଥିଲା। ଗଙ୍ଗା ମା'ଙ୍କ ଯାତ୍ରା ଯୋଗୁଁ ସହରରେ ବହୁତ ଭିଡ଼ ଜମୁଛି। ଆସନ୍ତା ବୁଧବାର ଯାଏଁ ଏହି ଯାତ୍ରା ଅନୁଷ୍ଠିତ ହେବ। ଏବେ ସହରରେ ପରବ ପରିବେଶ ସୃଷ୍ଟି ହୋଇଛି।

## ଆମ୍ବେଦକର ଓ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



କଲ୍ୟାଣସିଂହପୁର,୧୭।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଡ. ବାବା ସାହେବ ଭୀମରାଓ ଆମ୍ବେଦକର ଓ ଧରତୀ ଆବ୍‌ବା ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। କଲ୍ୟାଣସିଂହପୁର ପ୍ରବେଶ ଛକରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ ସଂଘର ସମ୍ପାଦକ ଶିକ୍ଷକ ବିଶ୍ୱନାଥ କାଡ୍ରାକା ଏବଂ ନାଗାବଳି ନଦୀ ନିକଟ ଛକରେ ବହୁଜନ ସମାଜ ପାର୍ଟିର ବରିଷ୍ଠ ନେତା ସରୋଜ କୁମାର ନାଏକ ମୁଖ୍ୟ ଅତିଥି ଓ ଦୁର୍ଗା ମନ୍ଦିର ନିକଟରେ ଜାଗାମ ବେନିଆ ମୁଖ୍ୟ ଅତିଥି ରହି ଦୁଇଟି ସ୍ଥାନରେ ଥିବା ଡ. ବାବା ସାହେବ ଭୀମରାଓ ଆମ୍ବେଦକର ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତିର ଶିକ୍ଷକ ଓ ଆମ୍ବେଦକର ପ୍ରେମୀ ପ୍ରାୟ ଦୁଇ ହଜାରରୁ ଅଧିକ ଯୁବକ ଉପସ୍ଥିତ ରହିଥିଲେ। ଏଥିରେ ବହୁଜନ ସମାଜ ପାର୍ଟିର ଜିତୁ ଜାକେଶିକା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ଡମ ସମାଜର ସଭାପତି ଜାଗାମ ବେନିଆ, କନ୍ଧକୂଳ ସମାଜର ସମ୍ପାଦକ ବିଶ୍ୱନାଥ କାଡ୍ରାକା, ଆମ୍ବେଦକର ଯୁବ ମଞ୍ଚ ସଭାପତି ସନ୍ତୋଷ କୌଶଲ୍ୟା, ଡମ ସମାଜର ସମ୍ପାଦକ ସୁମନ ଗରଡ଼ିଆ, ଦେବେନ୍ଦ୍ର ବଚ୍ଛା, ନିରଞ୍ଜନ ହିଆଲ, ରାମନାଥ କାଡ୍ରାକା, ନାଗେଶ କୌଶଲ୍ୟା, ଅରକ୍ଷିତ କୌଶଲ୍ୟା,ଡ୍ରାଇଭର ସଂଘ ସଭାପତି ଗଜେନ୍ଦ୍ର ଗରଡ଼ିଆ, ରାଜମେସ୍ତ୍ରୀ ସଂଘ ସଭାପତି ଲାଲ ମଣି ବିବର, ଧନମଣି ଭତ୍ରା, ଓକିଲ ଅଭି ପାଲକା, ସୁନ୍ଦର ରାଓ ବାଗ ମଞ୍ଚାସୀନ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଆମ୍ବେଦକର ଯୁବ ମଞ୍ଚ ପକ୍ଷରୁ ଆୟୋଜନ କରାଯାଇଛି। ଏଥିରେ ପୁଲିସ ଓ ଯବାନ ଉପସ୍ଥିତ ରହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।







# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବୈଠକ

### ଆଗୁଆ ସତର୍କତା ଅବଲମ୍ବନ କର ; ବିଧାୟକ ଆପଲାସ୍ୱାମୀ



ରାୟଗଡ଼ା,୧୭।୫(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଆଜି ରାୟଗଡ଼ା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାୟଗଡ଼ା ବିଧାୟକ କାଡ୍ରାକ ଆପଲାସ୍ୱାମୀ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକଙ୍କ ସମେତ ସମସ୍ତ ତହସିଲଦାର ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରି ଆଗାମୀ ଦିନ ମାନଙ୍କରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବା ଉପରେ ଆଲୋଚନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତେ ଏକଜୁଟ ହୋଇ ମୁକାବିଲା କରିବାକୁ ପଡ଼ିବ। ସେଥିପାଇଁ ଆଗୁଆ ସତର୍କତା ଅବଲମ୍ବନ କରିବାକୁ ପଡିବ ବୋଲି ବିଭାଗୀୟ ଅଧିକାରୀ ମାନଙ୍କୁ ବିଧାୟକ ଶ୍ରୀ କାଡ୍ରକା କହିଥିଲେ। ବୈଠକରେ ବିଶେଷ କରି ବର୍ଷାଦିନେ ସମ୍ଭାବ୍ୟ ବନ୍ୟା ଓ ବତ୍ୟାର କିପରି ମୁକାବିଲା କରାଯାଇପାରିବ ସେଥିନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାର ପ୍ରମୁଖ ନଦୀବନ୍ଧ ଯଥା ନାଗାବଳି, ବଂଶଧାରା ନଦୀ ଜଳ ପ୍ରବାହିତ ନଦୀବନ୍ଧ ଗୁଡିକର ସ୍ଥିତି ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ପଚାରି ବୁଝିଥିଲେ। ଦୁର୍ବଳ ନଦୀବନ୍ଧ ଗୁଡ଼ିକର ଚିହ୍ନଟ କରି ତୁରନ୍ତ ବର୍ଷା ଦିନ ପୂର୍ବରୁ ମରାମତି କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଓ ତହସିଲଦାର ମାନେ ପ୍ରତ୍ୟକ ବ୍ଲକ ସ୍ତରରେ ପ୍ରସ୍ତୁତ ରହିବାକୁ ବୈଠକ କରିବେ ବୋଲି କୁହାଯାଇଥିଲା। ବନ୍ୟା ବାତ୍ୟା ସମୟରେ ଚାଷୀମାନଙ୍କୁ ଆଗୁଆ ସତର୍କ କରିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଜିଲ୍ଲାପାଳ କହିଥିଲେ। ବାତ୍ୟା ଆଶ୍ରୟ ସ୍ଥଳି,ବାତ୍ୟା ସମୟରେ ବ୍ୟବହାର ନିମନ୍ତେ ଚିହ୍ନଟ କରାଯାଇ ବିଦ୍ୟାଳୟ ଗୁଡିକର ପ୍ରସ୍ତୁତ ରଖିବାକୁ ନିର୍ବାହୀ ଅଧିକାରୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ମାନଙ୍କୁ ସେହି ଆଶ୍ରୟସ୍ଥଳୀର ଦାୟିତ୍ୱସମ୍ପନ୍ନ ଲୋକଙ୍କ ଯୋଗାଯୋଗ ନମ୍ବର ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟକୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଦିନ ପୂର୍ବରୁ ରାସ୍ତା ଘାଟ, ବିଦ୍ୟୁତ ଯୋଗାଯୋଗ କାର୍ଯ୍ୟ ଗୁଡ଼ିକର ମରାମତି କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ବାତ୍ୟା ମୁକାବିଲା ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି, ଡ଼ଙ୍ଗା ସହ ପ୍ରସ୍ତୁତି ରହିବାକୁ ଓଡ୍ରାଫ ଟିମ ଓ ଅଗ୍ନିଶମ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଭିନ୍ନ ବ୍ଲକର ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ସେୱା କାଗଜକଳ



> ଶିଳ୍ପ ସଚିବଙ୍କ ନେତୃତ୍ୱରେ ହୋଇଛି ଆଲୋଚନା: ବାହିନୀପତି
> ପ୍ରଥମେ କର୍ମଚାରୀଙ୍କ ବକେୟା ୯ ମାସର ଦରମା ମିଳୁ : ରବି ନନ୍ଦ

ଜୟପୁର, ୧୭।୫ (ସମିସ) : କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ସେୱା କାଗଜକଳରେ ଉତ୍ପାଦନ ବନ୍ଦ ରହିଥିବା ବେଳେ କର୍ମଚାରୀ ସମସ୍ୟା ଜାରି ରହିଛି। ୪ଟି କର୍ମଚାରୀ ସଂଘ ମଧ୍ୟରେ ବିବାଦ ଜାରି ରହିଥିବା ବେଳେ କାଗଜକଳ କର୍ତ୍ତୃପକ୍ଷଙ୍କ ପରିଚାଳନା ନୀତିକୁ ୨ଟି କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଉଛି। ଗତ ୧୦ ମାସ ହେଲାଣି କାଗଜକଳର ଉତ୍ପାଦନ ବନ୍ଦ ରହିଥିବା ବେଳେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି। ତେଣୁ କାଗଜକଳକୁ ପୁଣି କାର୍ଯ୍ୟକ୍ଷମ କରିବାକୁ ଗତକାଲି ଭୁବନେଶ୍ୱର ସଚିବାଳୟ ଠାରେ ରାଜ୍ୟ ସରକାରଙ୍କ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଜୟପୁର ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ ଦୁବାଇର ଏକ ଅର୍ଥ ନିବେଶକାରୀ ସଂସ୍ଥାର କର୍ତ୍ତୃପକ୍ଷ ଏବଂ ପରିଚାଳନା କମ୍ପାନୀର କର୍ତ୍ତୃପକ୍ଷ ମାନେ ଉପସ୍ଥିତ ଥିଲେ। ଅର୍ଥ ନିବେଶକାରୀ ସଂସ୍ଥା ଆସନ୍ତା ୨୫ ତାରିଖରେ କାଗଜକଳ ପରିଦର୍ଶନ ପରେ ରାଜ୍ୟ ସରକାରଙ୍କ ମଧ୍ୟସ୍ଥିରେ ପରିଚାଳନା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଏକ ଏମ୍‌ଓୟୁ ଚୁକ୍ତିନାମା କରିବା ପରେ ନିବେଶକାରୀ ସଂସ୍ଥା ଅର୍ଥ ନିବେଶ ପରେ ଆସନ୍ତା ଜୁନ ମାସ ସୁଦ୍ଧା କାଗଜକଳକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏଥିରେ ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ଏବଂ ୪ଟି ସଂଘର ସହାୟତା ନିହାତି ଆବଶ୍ୟକ ରହିଛି କୁହାଯାଇଛି। କୋରାପୁଟ ଜିଲ୍ଲାର ଏକମାତ୍ର ସେୱା କାଗଜକଳ ଉପରେ ଉପରେ ୧୦ ହଜାର ଲୋକ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ନିର୍ଭରଶୀଳ। କିନ୍ତୁ ଗତ ପ୍ରାୟ ୭ରୁ ୮ ବର୍ଷ ହେଲାଣି ଏହି କାଗଜକଳ ବାରମ୍ବାର ବନ୍ଦ ରହୁଥିବା ଯୋଗୁଁ କର୍ମଚାରୀ ଏବଂ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ, ବାଲରପୁର ଇଣ୍ଡଷ୍ଟ୍ରୀ କର୍ମଚାରୀ ସଂଘର (ବିଆଇଇଏ)ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ କାରଖାନାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ନେଇ ପୂର୍ବତନ ଏବଂ ବର୍ତ୍ତମାନ ସରକାରଙ୍କ ପଦକ୍ଷପକୁ ସ୍ୱାଗତ କରିଛନ୍ତି। କିନ୍ତୁ କର୍ମଚାରୀ ମାନଙ୍କ ବକେୟା ଦରମା, ଅନ୍ୟାନ୍ୟ ଭତ୍ତା ଓ ଜିପିଏଫ ଟଙ୍କା ପ୍ରଦାନ କରାଯିବାକୁ ସେ ଦାବି କରିଛନ୍ତି। କିନ୍ତୁ କାରଖାନା ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାକୁ ଅଣଦେଖା କରାଗଲେ କର୍ମଚାରୀ ସଂଘ ପକ୍ଷରୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସମ୍ପାଦକ ସରୋଜ ସୁଆର, କାର୍ଯ୍ୟକାରୀ ସଭାପତି ବଂଶୀଧର ମହାକୁଡ ଏବଂ ବିଲ୍ଟ ସେୱା କର୍ମଚାରୀ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି, ସମ୍ପାଦକ ପ୍ରଦୀପ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରୟାସରେ ବିଗତ ଦିନରେ ନବୀନ ପଟ୍ଟନାୟକ ନେତୃତ୍ୱାଧିନ ରାଜ୍ୟ ସରକାଙ୍କ ସହ ଆଲୋଚନା କରିବା ସହ କାରାଖାନାକୁ ଉତ୍ପାଦନକ୍ଷମ କରିବା ନେଇ ପଦକ୍ଷପ ଆରମ୍ଭ କରିଥିଲେ। ତତ୍କାଳୀନ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବା ସହ କାରଖାନାର ମୂଳ ମାଲିକଙ୍କ ଦ୍ୱାରା ବିକ୍ରି ଏବଂ ବ୍ୟବସାୟୀକ ବଦଳ ଚୁକ୍ତିନାମା (ବିଟିଏ) ପ୍ରସ୍ତୁତ କରିବା ସହ ନିୟମ ଅନୁଯାୟୀ ଟିକସ ଛାଡ଼ କରିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ମଧ୍ୟ ଏହି କାରଖାନାକୁ କାର୍ଯ୍ୟକ୍ଷମ କରିବା ନେଇ ପ୍ରୟାସ ଜାରି ରହିଛି।

## ଭିଏସ୍‌ଏସ୍ ଗୃହ ନିର୍ମାଣରେ ଚଞ୍ଚକତା ଅଭିଯୋଗ



ବୈପାରୀଗୁଡ଼ା,୧୭।୫ (ସମିସ): ବନସୁରକ୍ଷା ସମିତି ଏବଂ ଗ୍ରାମବାସୀ ଚାହୁଁଥିବା ସ୍ଥାନରେ ଭିଏସ୍‌ଏସ୍ ଘର ନିର୍ମାଣ ପାଇଁ ବିଡିଓଙ୍କୁ ନିବେଦନ କଲେ ଗାଁ ଲୋକେ। ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ଦଣ୍ଡବାଡ଼ି ପଞ୍ଚାୟତର କାଲିଆଅଟାଲ ଗାଁରେ ଭିଏସ୍‌ଏସ୍ ଘର ନିର୍ମାଣ କାମ ଆରମ୍ଭ ହୋଇଛି। ହେଲେ ସେହି ଘର ଅଦରକାରୀ ସ୍ଥାନ ଆଉ ଗାଁ ଠାରୁ ଅଧ କିଲୋମିଟର ଦୂରରେ ନିର୍ମାଣ ହେଉଛି। ସେଠାରେ ଗୃହ ନିର୍ମାଣ ହେଲେ ଗାଁ ଲୋକଙ୍କୁ ନାଳ ପାର ହେବାକୁ ପଡ଼ିବ। ଯାହାକି ବର୍ଷା ଦିନେ ସେ ଘର ବ୍ୟବହାର ହୋଇପାରିବ ନାହିଁ। ସେଥିପାଇଁ ଗାଁ ନିକଟରେ ଭିଏସ୍‌ଏସ୍ ଘର ନିର୍ମାଣ ପାଇଁ ବନସୁରକ୍ଷା ସମିତି ଏବଂ ଗ୍ରାମବାସୀ ମିଳିତ ସ୍ଥାନ ଚୟନ କରିଥିଲେ। କିନ୍ତୁ ସେଠାରେ ଘର ନିର୍ମାଣ ହେଉନାହିଁ। ଠିକାଦାରଙ୍କ ସୁବିଧା ଅନୁଯାୟୀ ଗାଁ ଠାରୁ ଅଧକିଲୋମିଟର ଦୂରରେ ତାହା ପୁଣି ଜୋରଜବରଦସ୍ତ ଘର ନିର୍ମାଣ ଚାଲିଛି। ଯାହାକୁ ଗାଁ ଲୋକେ ବିରୋଧ କରିଛନ୍ତି। ଗାଁ ନିକଟରେ ଭିଏସ୍‌ଏସ୍ ଘର ନିର୍ମାଣ ପାଇଁ ଦାବି ହୋଇଛି। ପୂର୍ବରୁ ଏନେଇ ବନବିଭଗ ଏବଂ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଗାଁ ଲୋକଙ୍କ କଥା କେହି ଶୁଣିଲେ ନାହିଁ। ଏଣୁ ବାଧ ହୋଇ ଆଜି ପୁଣି ଲିଖିତ ଅଭିଯୋଗ କରାଯାଇଛି। ଆଗକୁ ପ୍ରଶାସନ ଦୃଷ୍ଟି ନଦେଲେ ଆନ୍ଦୋଳକୁ ଓହ୍ଲାଇବେ ବୋଲି ଗାଁର ସନୁ ଯାନୀ, ସମୁ ଗଲରୀ, ରଘୁନାଥ ଯାନୀ, ବଳରାମ ଧାଙ୍ଗଡ଼ା ମାଝି, ଶେଖର ଖିଲ, ସନୁ ଗଲାରୀ କହିଛନ୍ତି। ଏନେଇ ଏବିଡ଼ିଓ ନିବେଦିତା ଦଣ୍ଡସେନା କହିଛନ୍ତି ଯେ, ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ହୋଇଛି। ଅଭିଯୋଗ ପରେ ସେ ନିଜେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ।

**ଲୋକଙ୍କ ଅଭିଯୋଗକୁ ଉପେକ୍ଷା**

## କୂଅରେ ବୁଡ଼ି ବିଧବା ମହିଳାଙ୍କ ମୃତ୍ୟୁ

ନନ୍ଦପୁର, ୧୭।୫ (ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ଦେବତା ହଞ୍ଜୀର ଗ୍ରାମର ବିଧବା ମହିଳା ଶନିବାର ଲୁଗା ସଫା କରିବାକୁ ଯାଇ କୂଅରେ ବୁଡ଼ି ପ୍ରାଣ ହରାଇଛି। ନନ୍ଦପୁର ଥାନା ଅଧିକାର ମମତା କୁମାରୀ ପଣ୍ଡାଙ୍କ ସୂଚନା ମୁତାବକ ଦେବତା ହଞ୍ଜୀର୍ ଗ୍ରାମର ଦଶୁ ସୁକ୍ରୀ ମଧ୍ୟାହ୍ନ ସମୟରେ ଲୁଗା ସଫା କରିବାକୁ ନିକଟସ୍ଥ ହୀରା ପୁଟ ଗ୍ରାମର ଏକ ଜମି ପରିସରରେ ରହିଥିବା କୂଅ ନିକଟକୁ ଯାଇଥିଲେ। ଲୁଗା ସଫା କରିବାକୁ ଯାଇଥିବା ଦସୁ ଘରକୁ ଆସିବା ବିଳମ୍ବ ହେବାରୁ ଘର ଲୋକେ ଖୋଜି ଖୋଜି କରିଥିଲେ। କୂଅରେ ତାର ମୃତଦେହ ଭାସୁଥିବା ଦେଖି ଖବର ପାଇ ନନ୍ଦପୁର ପୁଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଶବକୁ ଉଦ୍ଧାର କରି ତଦନ୍ତ କରୁଛନ୍ତି।

# ସହିଦ ମାଟିରେ ତ୍ରିରଙ୍ଗା ଶୋଭାଯାତ୍ରା




ମାଥିଲି,୧୭।୫(ସମିସ): ମାଲକାନଗିରି ଜିଲ୍ଲାର ସହିଦ ମାଟି ମାଥିଲି ବ୍ଲକ ସଦର ମହକୁମା ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ଜନତା, ବ୍ଲକର ନାଗରିକ ସମାଜ, ବଣିକ ସଂଘ, ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ମିଶନ ଶକ୍ତି ମହିଳା ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ତ୍ରିରଙ୍ଗା ଶୋଭାଯାତ୍ରା ହନୁମାନ ମନ୍ଦିର ଠାରୁ ବାହାରି ମାଥିଲି ବଜାର ଓ ସାପ୍ତାହିକ ହାଟ ଓ ଶିଶୁ ମନ୍ଦିର ରାସ୍ତା ଦେଇ ହନୁମାନ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡମ୍ବରୁ ସୀସା ତାଙ୍କ ବକ୍ତବ୍ୟରେ ସାମରିକ କୌଶଳରେ ଆମ ଦେଶ ବିଶ୍ୱର ସର୍ବଶ୍ରେଷ୍ଠ ଦେଶ ବୋଲି ପ୍ରମାଣିତ ହୋଇପାରିଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ବନମାଳୀ ବରଜା, ବରିଷ୍ଠ ସମାଜସେବୀ କୁନାଲ ମିଶ୍ର, ବଣିକ ସଂଘର ସଭାପତି ଶ୍ରୀକାନ୍ତ ଚୌଧୁରୀ, ମାଥିଲି ଜିଲ୍ଲା ପରିଷଦ ଜୋନ-୩ର ସଭ୍ୟା ସସ୍ମିତା ମାଝୀ, ସଦର ପଞ୍ଚାୟତ ସମିତି ସଭ୍ୟ ତଥା ଯୁବ ନେତା ବାଲରାଜୁ କୋପେ, ପ୍ରେରଣା ମହିଳା ଟ୍ରଷ୍ଟର ସଭାନେତ୍ରୀ ସନ୍ତୋସିନୀ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୁଶ ତାତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ମାଝୀ, ଲକ୍ଷ୍ମଣ ବାଙ୍କିଆ, ନରସିଂହ ନାୟକ, ରଞ୍ଜିତ ଦାସ, ହଳଧର କୋପେ, ମୁନି ମାଡକାମୀ, ବାଲକୃଷ୍ଣ ପଟ୍ଟନାୟକ, ଜୟନ୍ତ ବେହେରା, ଶିବ ଦୁରୁଆ, ବସନ୍ତ ମାଡିଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଆଇଆରବିର ଯବାନ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ମାଥିଲି ଅଞ୍ଚଳର ବୃଦ୍ଧବୃଦ୍ଧା ତଥା ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ତୁର୍କୀ, ଚୀନ୍ ଏବଂ ଆଜରବାଇଜାନ୍‌କୁ ବର୍ଜନ ନେଇ ବିକ୍ଷୋଭ



କୋରାପୁଟ,୧୭।୫,(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ତୁର୍କୀ, ଚୀନ ଏବଂ ଆଜରବାଇଜାନ ବିରୋଧରେ ଦେଶବ୍ୟାପୀ ବର୍ଜନ ଅଭିଯାନକୁ ସମର୍ଥନ କରିଛି। କୋରାପୁଟ ଜଗନ୍ନାଥ ମନ୍ଦିର ଛକଠାରେ ଏ ନେଇ ଶନିବାର ଅପରାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିକଟରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ତୁର୍କୀ ଏବଂ ଆଜେରବାଇଜାନ ଦ୍ୱାରା ଆତଙ୍କବାଦୀଙ୍କ ଦେଶ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଏବଂ ତୁର୍କୀର ସାମରିକ ଡ୍ରୋନ ବ୍ୟବହାରର ବିରୋଧରେ ଏହି ପଦକ୍ଷେପ ନିଆଯାଇଛି ବୋଲି ସ୍ୱଦେଶୀ ଜାଗରଣ ମଞ୍ଚର ଓଡିଶା ପ୍ରଦେଶ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ କହିଛନ୍ତି। ତୁର୍କୀ ଏବଂ ଆଜରବାଇଜାନ ବିରୁଦ୍ଧରେ ତୁରନ୍ତ ଆର୍ଥିକ ପ୍ରତିବନ୍ଧକ, ବିମାନ ଚଳାଚଳ ବନ୍ଦ, ପର୍ଯ୍ୟଟନ ଏବଂ ଆମଦାନୀ ଉପରେ ରୋକ୍ ଲଗାଇବାକୁ ଦାବି କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ବେଳେ ମଞ୍ଚର ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥି, ରବିନାରାୟଣ ମିଶ୍ର, ସୌମେନ୍ଦ୍ର ସ୍ୱାଇଁ, କୋରାପୁଟ ନଗରପାଳ ଲଲାଟ ରଞ୍ଜନ ସେଠୀ, ଶୁଭ୍ରଜିତ ଲେଙ୍କା, କେଶବ ପଟ୍ଟନାୟକ, ପ୍ରିୟ ରଞ୍ଜନ ଦାଶ, ଶ୍ରୀନିବାସ ରାଓ, ପ୍ରଶାନ୍ତ ପାତ୍ର, ନୀଳମଣି ଦାସ, ଲଲଟେନ୍ଦୁ ପାଠୀ, ବିଭୁ ମହାପାତ୍ର, ରାମ ସାହୁ, ମହିପାଳ ସିଂ, କୈବର୍ତ୍ତ ସାମନ୍ତରାୟ, ବିଶ୍ୱନାଥ କାଡ୍ରାକା, ଦିଗାମ୍ବର ଷଡଙ୍ଗୀ, ସନ୍ତୋଷ ଜେନା, ଦୁଷ୍ମନ୍ତ ପାଢ଼ୀ, ରାଜେନ୍ଦ୍ର ରଥ, ରାଜକୁମାର, ପ୍ରହ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେନର ଦୁର୍ଘଟଣାରେ ୪୬ ଗାଈ ମୃତ



ପଟ୍ଟାଙ୍ଗି,୧୭।୫(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଯୋଡ଼ି ମାଦେଲି ଘାଟିରେ କଣ୍ଟେନର ଦୁର୍ଘଟଣାରେ ୪୬ ଗାଈର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଟିଜି ୧୨ ଟି ୩୪୫୩ ନମ୍ବର କଣ୍ଟେନର ଓଡ଼ିଶାର ନବରଙ୍ଗପୁରଠାରୁ ଆନ୍ଧ୍ର ପ୍ରଦେଶର ମାନାପୂରମ ହାଟକୁ ଯାଉଥିଲା। ସକାଳ ୬.୩୦ ସମୟରେ ଯୋଡ଼ି ମାଦେଲି ଘାଟି ନିକଟରେ ଗାଡ଼ିରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପାହାଡ଼କୁ ଧକ୍କା ଦେଇଥିଲା। ଉକ୍ତ ଘଟଣା ନେଇ ପଟ୍ଟାଙ୍ଗି ଥାନା ଅଧିକାରୀ ଚତୁର ଭୁଜ ନାୟକ ସୂଚନା ପାଇ ହୋମ ଗାର୍ଡ ନରସିଂହ ବେହେରା ଏବଂ କନଷ୍ଟେବଲ ଘେନୁ ଖରା ସହ ମିଶି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ଡ୍ରାଇଭର ଏବଂ ଦୁଇଜଣଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। କଣ୍ଟେନରରେ ମୋଟ ୧୦୧ ଗାଈ ଗୋରୁ ରହିଥିବା ବେଳେ ସେଥିମଧ୍ୟରୁ ୪୬ ଗାଈର ମୃତ୍ୟୁ ଘଟିଛି।

## ଦୁର୍ଗମ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ୍ ସେବା କେବେ ?

ନନ୍ଦପୁର,୧୭।୫ (ସମିସ): ଅପହଞ୍ଚ ଅଞ୍ଚଳରେ ବସ୍‌ସେବା ପାଇଁ ଅନେଇ ବସିଛନ୍ତି ଅଞ୍ଚଳବାସୀ। ପୂର୍ବ ସରକାରଙ୍କ ବହୁ ଲୋକ ପ୍ରିୟ ଲକ୍ଷ୍ମୀ ବସ ସେବା ସତ୍ତ୍ୱେ ବହୁ ଦୁର୍ଗମ ଅଞ୍ଚଳରେ ସୁଗମ ହୋଇ ପାରିନାହିଁ ବସ୍ ସେବା। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ ମୋଟ ୪ ବସ୍ ଚଳାଚଳ ହେଉଥିବା ବେଳେ ଗୋଲୁର ଓ ଅତଣ୍ଡା ଭୋଲୀ ଦୁର୍ଗମ ଅଞ୍ଚଳରେ ବସ୍‌ସେବା ଅପହଞ୍ଚ ହୋଇଛି। ଏନେଇ ଅଞ୍ଚଳବାସୀ ବହୁବାର ପ୍ରଶାସନଙ୍କ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହି ଦୁଇ ଗ୍ରାମ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ପାଇଁ ଅଞ୍ଚଳବାସୀଙ୍କ ସମେତ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

## ମହାଶକ୍ତି ମିଲେଟ୍ କାଫେ ଉଦ୍‌ଘାଟିତ




ଟିକିରି, ୧୭।୫(ସମିସ): ଗ୍ରାମାଞ୍ଚଳର ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଆଇଡିବିଆଇର ସହାୟତା ଓ ଇଡିଆଇଆଇ ପକ୍ଷରୁ ମାଣ୍ଡିଆ ତିଆରି ଜିନିଷର ତାଲିମ ଦିଆଯାଇ ମହିଳାଙ୍କୁ ବଜାର ଉପଯୋଗୀ ଜିନିଷ ତିଆରି କରିବା ପାଇଁ ସହଯୋଗର ହାତ ବଢ଼ାଯାଉଛି। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର ମହାଶକ୍ତି କାଫେ ଏଦିଗରେ ଏକ ଅଭିନବ ଉଦ୍ୟମ। ଯାହାକି ମହିଳାଙ୍କ ପାଇଁ ରୋଜଗାରର ବାଟ ଖୋଲୁଛି। ବ୍ଲକରେ ପ୍ରଥମ କରି ଦୂଡ଼ିକବହାଲ ତଟାଗୁଡା ଠିରେ ମହାଶକ୍ତି ସ୍ୱୟଂସହାୟକ କାଫେ ଖୋଲାଯାଇଛି। ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ ଯୋଗଦେଇ ରିବନ କାଟିଥିଲେ। ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଇଡିଆଇଆଇ ଜରିଆରେ ୧୮ ଦିନ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ତିଆରି କରିବାର ଟ୍ରେନିଙ୍ଗ ନେଇଥିଲେ। ପରେ କାଶିପୁର ବ୍ଲକ୍‌ର ଦୁଡୁକାବାହଲ ଗ୍ରାମପଞ୍ଚାୟତର ତୋଟାଗୁଡା ଗ୍ରାମରେ ଅତିଥିମାନେ ଏହି କାଫେ ଉଦଘାଟନ କରିଥିଲେ। ଏବେ ଦିନକୁ ୫ରୁ ୬ ହଜାର ଟଙ୍କା କାଫେରୁ ରୋଜଗାର ହେଉଛି। ସମ୍ମାନିତ ଅତିଥି ଭାବେ କାଶିପୁର ବ୍ଲକ ଅଧ୍ୟକ୍ଷ କଣ୍ଟମାଝୀ, ଡୁଡୁକାବାହାଲ ସରପଞ୍ଚ ରୁଆଇ ମାଝୀ, ସାଂସଦ ପ୍ରତିନିଧି ସାନ୍ଧୁମାଝୀ, ଗ୍ରାମବାସୀ ଉପସ୍ଥିତ ଥିଲେ। ଇଡିଆଇଆଇ ତରଫର ମହିଳା ମାନଙ୍କୁ ବିଭିନ୍ନ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି।

**■ ରେଳ ଲାଇନ୍ ମରାମତି**

## ୬ ଦିନ ଚାଲିବନି ସମଲେଶ୍ୱରୀ ଏକ୍ସପ୍ରେସ୍

କୋରାପୁଟ,୧୭।୫(ସମିସ): ରେଳ ଲାଇନ ମରାମତି ପାଇଁ ହାୱଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ୬ ଦିନ ଚଳାଚଳ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସିନିଅର ଡିଭିଜିନାଲ କମର୍ସିଆଲ ମ୍ୟାନେଜର କେ.ସନ୍ଦୀପ ଏ ସମ୍ପର୍କରେ ପ୍ରେସ ବିଜ୍ଞପ୍ତି ଦେଇ ପ୍ରକାଶ କରିଛନ୍ତି, ରେଳଯାତ୍ରୀଙ୍କ ସୁରକ୍ଷା ପାଇଁ ଦକ୍ଷିଣ ପୂର୍ବ ଚକ୍ରଧରପୁର ରେଳ ଡିଭିଜନ ଅଧୀନ ଘମାରିଆ ଓ ସିନ୍ନି ମଧ୍ୟରେ ଉଭୟ ଅପ୍ ଓ ଡାଉନ୍ ଲାଇନ୍‌ର ବଡ଼ ଧରଣର ମରାମତି କାର୍ଯ୍ୟ ଚାଲୁଥିବାରୁ ହାୱଡା ଜଗଦଲପୁର ୧୮୦୦୫ ସମଲେଶ୍ୱରୀ ଏକ୍ସପ୍ରେସ ଟେନ୍ ଚଳିତ ମାସ ୨୦, ୨୭ ତାରିଖ ସମେତ ଆସନ୍ତା ମାସର ୩,୧୦,୧୭ ଓ ୨୪ ତାରିଖରେ ଚଳାଚଳ ବନ୍ଦ ରହିବ। ସେହିପରି ଜଗଦଲପୁର ହାୱଡା ୧୮୦୦୬ ସମଲେଶ୍ୱରୀ ଏକ୍ସପ୍ରେସ ଚଳିତ ମାସ ୨୨,୨୯ ତାରିଖ ସମେତ ଆସନ୍ତା ମାସର ୫,୧୨,୧୯ ଓ ୨୬ ତାରିଖରେ ଚାଲିବାକୁ ଥିବା ଟ୍ରେନ ବାତିଲ କରାଯାଇଛି।

## ମ୍ୟାଲେରିଆ ନିରାକରଣ ଉପରେ ଗୁରୁତ୍ୱ

● ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ




ରାୟଗଡ଼ା, ୧୭।୫(ସମିସ): ରାୟଗଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ବାରିଝୋଲା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜାତୀୟ ଡେଙ୍ଗୁ ଦିବସରେ ମ୍ୟାଲେରିଆ ଓ ଜଳବାହିତ ରୋଗ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ରମେଶ କୁମାର ଜେନା, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମମତା ଚୌଧୁରୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ମମତା ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ମ୍ୟାଲେରିଆ ଅଧିକାରୀ ଡା.ପ୍ରଦୀପ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ଡେଙ୍ଗୁ ଦିବସରେ ମ୍ୟାଲେରିଆ ଓ ଜଳବାହିତ ରୋଗ ନିରାକରଣ ଉପରେ ଉପସ୍ଥାପନା କରିଥିଲେ। ମ୍ୟାଲେରିଆ ଓ ଡେଙ୍ଗୁର ଭୟାବହ ଓ ଏହାର ନିରାକରଣ ଉପରେ ବିଶେଷ ଆଲୋଚନା କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଏଏନଏମ ଛାତ୍ରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ

● ପ୍ରତିଶ୍ରୁତି ରଖିଲେନି ଯନ୍ତ୍ରୀ



ନବରଙ୍ଗପୁର/ନନ୍ଦାହାଣ୍ଡି,୧୭।୫ (ସମିସ): ନଳକୂପରୁ ଦୂଷିତ ପାଣି ବାହାରିବା ଯୋଗୁଁ ମୂନ୍ଦେ ବିଶୁଦ୍ଧ ପାନୀୟ ଜଳ ପାଇବାକୁ ସାହି ବାସିନ୍ଦା ଓ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏଭଳି ସମସ୍ୟା ଦେଖାଦେଇଛି ନବରଙ୍ଗପୁ ର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଲାଉଗୁଡ଼ା ଗ୍ରାମର ନାୟକ ସାହିରେ। ଦୀର୍ଘ ଦୁଇ ବର୍ଷରୁ ଅଧିକ ଦିନ ହେବ ନଳକୂପରୁ ଖରାପ ପାଣି ବାହାରୁଛି। ଯାହାକି ବ୍ୟବହାର ପାଇଁ ଅନୁପଯୁକ୍ତ। ଗ୍ରାମବାସୀଙ୍କ କହିବା ଅନୁସାରେ ଏହି ସମସ୍ୟା ନେଇ ବ୍ଲକ ପ୍ରଶାସନକୁ ଦୀର୍ଘ ଦିନ ହେବ ବାରମ୍ବାର ଜଣାଇଥିଲେ ସୁଦ୍ଧା ମରାମତି ହୋଇପାରୁ ନାହିଁ। ବିଭାଗୀୟ ଯନ୍ତ୍ରୀ ଜୟ ପ୍ରକାଶ ମିଶ୍ର କ୍ଷେତ୍ର ପରିଦର୍ଶନ ସମୟରେ ମେସିନ ଆଣି ସଫା କରାଯିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଯନ୍ତ୍ରୀ ଶ୍ରୀ ମିଶ୍ରଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ଦେବା ଭଳି ହେବା ସହିତ ତାହା ପୁଣି ଆଶ୍ୱାସନାରେ ହିଁ ରହିଗଲା ବୋଲି ସ୍ଥାନୀୟ ସାହିବାସିନ୍ଦା କହିଛନ୍ତି। ଏବେ ଗ୍ରାମର ମହିଳାମାନେ ଦୂରବର୍ତ୍ତୀ ନଳକୂପରୁ ପାଣି ଆଣିବାକୁ ଯାଉଛନ୍ତି। ଫଳରେ ଗ୍ରାମର ମହିଳା ମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଯନ୍ତ୍ରୀ ଶ୍ରୀ ମିଶ୍ର ସେମାନଙ୍କୁ ସବୁବେଳେ ବ୍ୟସ୍ତ ରହୁଥିବା କହୁଛନ୍ତି। ତେବେ ପାଣି ପାଇଁ ଲୋକେ କାହାକୁ ଗୁହାରି କରିବେ ବୋଲି ଦୁଃଖର ସହ କହିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ୱାର୍ଡ ମେମ୍ବର ସୁନ୍ଦରୀ ମୁଦୁଲି , ଦିବାକର ନାୟକ. ଦୟଣା ଗୌଡ଼, ହୀରାମଣି ଗୌଡ଼, ଗୁପ ଗୌଡ଼, କୈଳାଶ ଗୌଡ଼ ପ୍ରମୁଖ ସରକାର ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

## ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗାଦବାଗଡ଼ା ଗାଁ ଲୋକେ



ବୈପାରୀଗୁଡ଼ା, ୧୭।୫(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ କାଠପୋଡା ପଞ୍ଚାୟତର ଗାଦବାଗୁଡା ଗାଁ ଲୋକେ ପାଣି ସମସ୍ୟାକୁ ନେଇ ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ବୈପାରୀଗୁଡା ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ନିବେଦିତା ଦଣ୍ଡସେନାଙ୍କୁ ଏହି ଦାବିପାତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଗାଦବାଗୁଡା ଗାଁରେ ମୋଟ ୨୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ୩ଟି ସାହି ରହିଥିବା ବେଳେ କେବଳ ଦୁଇଟି ନଳକୂପ ଅଛି। ସେଥି ମଧ୍ୟରୁ ଗୋଟିଏ ନଳକୂପ ପ୍ରାୟ ବର୍ଷ ତମାମ ଅଚଳ ଅବସ୍ଥାରେ ରହୁଛି। ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି ଗାଁ ଲୋକେ। ଗ୍ରୀଷ୍ମଋତୁରେ ପାଣି ସମସ୍ୟା ଗାଁ ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି। ଏଣୁ ଗାଁରେ ଏକ ନୂତନ ନଳକୂପ ଖନନ ପାଇଁ ଦାବି ହେଉଛି। ଏବିଡ଼ିଓ ନିବେଦିତା ଦଣ୍ଡସେନା କହିଛନ୍ତି, ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ। ଦାବିପତ୍ର ଦେବା ସମୟରେ ସ୍ଥାନୀୟ ୱାର୍ଡ ମେମ୍ବର ରାଜୁଖିଲ, ଭିକାରି ବଡ଼ନାୟକ, ସନୁ ଖରା, ଘାସିଆ ଖରା, ହସମାତି ସିସା, ରାଧିକା ବଡ଼ନାୟକ, ସିୱାଇଏସଡି ଅନୁଷ୍ଠାନର ଶ୍ୟାମ ସାନ୍ତା ଓ ଅଭି ଗଲାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com

## ପ୍ରକ୍ରିୟା



ଲିପ୍‌ସା ପଟେଲ

- ଜୀବନଟା କ'ଣ କହିଲୁ? ତୁ ତ ସ୍କୁଲ ଯାଉଛୁ ଆଉ କେତେ ପାଠ ବି ପଢୁଛୁ।

ନନ୍ଦୁର ପ୍ରଶ୍ନ ନ ସରୁଣୁ ଚିଲି ଉତ୍ତର ଦେଲା, "ଜୀବନଟା ଗୋଟିଏ ପ୍ରକ୍ରିୟା।"

- ପ୍ରକ୍ରିୟା? ପୁଣି ଆଶ୍ଚର୍ଯ୍ୟ ହୋଇ ନନ୍ଦୁ ଆଉ ଗୋଟିଏ ପ୍ରଶ୍ନ ଥାପିଦେଲା ଚିଲି ମୁଣ୍ଡରେ।

- ହଁ, ପ୍ରକ୍ରିୟା। ଯେମିତି ସ୍କୁଲରେ ସାର୍ କହନ୍ତି ଶ୍ୱାସକ୍ରିୟା, ରକ୍ତ ସଞ୍ଚାଳନ ଗୋଟିଏ ଗୋଟିଏ ପ୍ରକ୍ରିୟା ଓ ଏଇ ସବୁ ପ୍ରକ୍ରିୟାକୁ ନେଇ ଆମର ଜୀବନ।

ନନ୍ଦୁ ଟିକିଏ ଉଦାସ ଦେଖାଗଲା। ହୋଇପାରେ ତୋ କଥା ସତ ଚିଲି, କିନ୍ତୁ ମୋ ମା' ହିଁ ମୋର ଜୀବନ ପ୍ରକ୍ରିୟାର ସବୁଠାରୁ ବଡ଼ ଶତ୍ରୁ। ତା' ପାଇଁ ଆଜି ମୁଁ ଏତେ ଦୁଃଖ ଭୋଗୁଛି। ଚିଲିକୁ ହିଁ ନନ୍ଦୁ ତା' ମନକଥା କହେ। ଚିଲି ତାକୁ ସବୁବେଳେ ବୁଝାଏ, ବାହାର ଲୋକଙ୍କ କଥା ନ ଶୁଣି ନିଜ ମା'କୁ ବିଶ୍ୱାସ କରିବାକୁ, ହେଲେ ନନ୍ଦୁ ପାରେନି। ଚିଲି ନିଜର ଉଦାହରଣ ମଧ୍ୟ ଦିଏ, ତଥାପି ନନ୍ଦୁ ବୁଝେନି। ତା' ମା' ଉପରେ ବିଗିଡ଼େ। ସେ ବି ଚିଲି ପରି ସ୍କୁଲକୁ ଯାଇପାରନ୍ତା, ପାଠ ପଢ଼ନ୍ତା। ମାତ୍ର ତା' ମା' ଛାଡ଼ିଲେ ତ ! ସବୁ କଥାରେ ଆକଟ କରେ। ତା' ପଣତରେ ବାନ୍ଧି ରଖିଲା ପରି ତାକୁ ରଖିଛି। ଏତେ ବଡ଼ ପିଲାଟାକୁ ବି ସମସ୍ତଙ୍କ ସାମ୍ନାରେ କୁଆଡ଼େ ଗଲୁ, କ'ଣ କରୁଛୁ ବୋଲି ବାରମ୍ବାର ପଚାରୁଥାଏ। ନନ୍ଦୁର ସ୍ୱାଧୀନତା ବୋଲି କ'ଣ କିଛି ନାହିଁ?

ଚିଲି ତା'ପଟେ ଅନାଇ ରହିଥାଏ। ଏଇ ସ୍ୱାଧୀନତା ଶବ୍ଦଟା ଏଇ କିଛି ଦିନ ହେଲା ସବୁବେଳେ ନନ୍ଦୁ ତା' ତୁଣ୍ଡରେ ଧରୁଛି। ସେଇ ଢାବାରେ କାମ କରୁଥିବା ଜଗା ହିଁ ଏସବୁ ତା' ମୁଣ୍ଡରେ ପୂରେଇଛି। ନିଜେ ତ କଳା କିଟିକିଟି ବଦମାସ୍, ଏବେ ନନ୍ଦୁର ମନଟାକୁ ବି ସେମିତି କରିଦେବାକୁ ବସିଛି। ସେ ତା' ବାବାଙ୍କୁ କହି ଜଗାକୁ ତାଙ୍କ ଢାବାରୁ ବାହାର କରିଦେବ, ଏମିତି ଭାବୁଥିଲା ଚିଲି; ହେଲେ ସେ କୁଆଡ଼େ ଯିବ? ତା' ଆଈ ଯାହା ବଦଳରେ ନନ୍ଦୁର ମା' କାମ କରୁଛି, ସେ ମରିଗଲା ପରେ ତ ଜଗାକୁ ଚାକର ନୁହେଁ, ନିଜ ପିଲା ପରି ତା' ବାବା ଏଇ ଢାବାରେ ରଖିଛନ୍ତି। କିଛି ସମୟ ପାଇଁ ଚିଲି ବି ଚୁପ୍ ହୋଇ ବସିଲା।

- କ'ଣ ଭାବୁଛୁ ଚିଲି?

ନନ୍ଦୁର ପ୍ରଶ୍ନରେ ପ୍ରକୃତିସ୍ଥ ହୋଇ ଚିଲି କହିଲା, "ତୁ ସିନା ଭାବୁଛୁ ତୋ ମା' ତୋର ସବୁଠୁ ବଡ଼ ଶତ୍ରୁ; କିନ୍ତୁ ତୁ ଯଦି ମୋ ଜାଗାରେ ଥାଆନ୍ତୁ ଠିକ୍ ଜାଣିପାରନ୍ତୁ ମା' ନଥିଲେ କେମିତି ସାହା ତୁଟିଯାଏ। ବାବା ଅନ୍ୟର ପିଲା ଜଗାକୁ କେତେ ଆଦରରେ ପାଳୁଛନ୍ତି। ମାତ୍ର ମୋ' ଦୁଃଖ, ମୋ' ଉପରେ ସାନମା'ର ଜୁଲୁମ୍ ଦେଖିପାରୁ ନାହାନ୍ତି?"

- ସେ ସବୁ ଜାଣିଛନ୍ତି ବୋଲି ତ ତୋତେ ସ୍କୁଲ ପରେ ତାଙ୍କ ସହ ଢାବାକୁ ନେଇ ଆସନ୍ତି। ତୋ ସାନମା' ସହ ସବୁଦିନ କ'ଣ ତୋ ପାଇଁ କଳି କରୁଥାନ୍ତେ? ଆଉ ଏବେ ତ ମୋତେ ବୁଝାଉଥିଲୁ ଯେ ସବୁ ଗୋଟିଏ ଗୋଟିଏ ପ୍ରକ୍ରିୟା। ଏଇଟାକୁ ମଧ୍ୟ ଗୋଟିଏ ପ୍ରକ୍ରିୟା ବୋଲି ଧରିନେ।

ଦୁହେଁ ହସିଲେ। ନନ୍ଦୁର ହାତଟାକୁ ଟାଣି ଆଣି ଇଟିକିଲି ମିଟିକିଲି...ଖେଳିବାରେ ଲାଗି ପଡ଼ିଲା ଚିଲି। ଏଇ ଗୋଟିଏ ଖେଳ ହିଁ ଚିଲି ସହ ନନ୍ଦୁ ଖେଳେ। ଚିଲି ହିଁ ତାକୁ ଶିଖେଇଛି। ନନ୍ଦୁର ମା' ଢାବାର କାମ ସାରିଲେ ଦୁହେଁ ଏକାଠି ଖାଇ ଘରକୁ ଯାଆନ୍ତି। ଚିଲିକୁ ମଧ୍ୟ ତା' ବାବା କାହା ହାତରେ ଘରକୁ ପଠାଇ ଦିଅନ୍ତି। ଘରେ ଯାଇ ସେ ଚୁପ୍ ଚାପ୍ ଶୋଇପଡ଼େ। ତା' ସାନ ଭାଇ ତା' ପାଖକୁ ଆସିଲେ ବି ସେ ଶୋଇରହିବାର ଅଭିନୟ କରେ। ଏଇ ଅଭିନୟ ସେ ତା' ସାନମା'ର ମାଡ଼ରୁ ରକ୍ଷା ପାଇବା ପାଇଁ ଶିଖିଛି। ତା' ବାବା ହିଁ ଶିଖାଇଛନ୍ତି।

ଚିଲି ଜାଣେ, ତା' ବାବା ତାକୁ ବହୁତ ଭଲ ପାଆନ୍ତି। କିନ୍ତୁ ସାନମା'ଙ୍କୁ ଆକଟ କରନ୍ତିନି ବୋଲି ସେ ଅଭିମାନ କରେ। ନନ୍ଦୁ ଯେଉଁଠି ତା' ମା'ର ରୋକ୍ ଟୋକ୍ କରିବା ଅଭ୍ୟାସକୁ ଚିଡୁଛି, ସେଇଠି ଚିଲି ଏତିକି ଆତ୍ମୀୟତାକୁ ଝୁରି ହେଉଛି। ତା' ମା' ଥିଲେ ତାକୁ କେତେ ସୁନ୍ଦର ବେଣୀ ବାନ୍ଧି ଦିଅନ୍ତା, ଖୁଆଇ ଦିଅନ୍ତା, ରୁଷିଲେ ବୁଝେଇ ଦିଅନ୍ତା, ଆଉ ବହୁତ ଗେଲ କରନ୍ତା। ସାନମା' ତ ସବୁବେଳେ ତାକୁ ଭରସାରେ ଛାଡ଼ି ପାରେନି। ଏଇଥିପାଇଁ ସେ ନନ୍ଦୁର ଶତ୍ରୁ ସାଜିଛି। ଚିଲି କିନ୍ତୁ ଢାବାରେ ଥିବା ପରିବା ସବୁକୁ ଆଣି ନନ୍ଦୁକୁ ତା'ର ଇଂରାଜୀ ନାଁ ତକ ଶିଖେଇଛି।

ସମୟ ଗଡ଼ି ଚାଲିଲା। ଏବେ ନନ୍ଦୁ ଓ ଚିଲି ଦୁହେଁ ବଡ଼ ହୋଇଗଲେଣି। ଚିଲି ସହରର ହଷ୍ଟେଲରେ ରହି ପାଠ ପଢୁଛି। ଛୁଟିରେ ଘରକୁ ଆସେ ସିନା ଢାବା ପଟେ ଆଉ ବେଶି ଆସୁନି। ଥରେ ଅଧେ କେମିତି ଆସେ ଆଉ ନନ୍ଦୁକୁ ଦେଖା କରି ଚାଲିଯାଏ। ଚିଲିର ବାବା କେବେ ତାଙ୍କ ଗରଗର ହୁଏ। ଆଗ ଯେଉଁ ହୋଟେଲରେ ନନ୍ଦୁର ମା' କାମ କରୁଥିଲା ସେଇଠି କିଛି ଲୋକ ନନ୍ଦୁକୁ କହୁଥିଲେ, ତୋ ମା' ନିଜ ପାପ ଲୁଚେଇବାକୁ ତୋତେ ଗର୍ଭରେ ମାରିଦେବା ପାଇଁ ଔଷଧ ଖାଇଲା। ତେଣୁ ତୋ ଅବସ୍ଥା ଆଜି ଏମିତି ହୋଇଛି। ଏସବୁ କଥା ଜାଣିଲା ପରେ ନନ୍ଦୁର ମା' ସେଇଠି କାମ ଛାଡ଼ି ଏବେ ଚିଲିର ବାବାଙ୍କ ଢାବାରେ କାମ କରୁଛି।

ସକାଳ ଓଳି ଆସନ୍ତି ମା' ଓ ପୁଅ। ନନ୍ଦୁ ବି ଛୋଟ ଛୋଟ କାମ କରିଦିଏ। ମଟର ଛଡ଼ାଏ, ଥାଳି ଗିଲାସ ପୋଛି ପୋଛି ରଖେ। କିନ୍ତୁ ଦିନସାରା ଚିଲିର ଆସିବା ବାଟକୁ ଜଗିଥାଏ। ଦିଆ ଥୁଆ କରୁଥିବା ପିଲାଙ୍କୁ ସମୟ ପଚାରେ। ଚିଲିର ବାବାଙ୍କ ଗାଡ଼ି ହର୍ଣ୍ଣକୁ ସେ ଠିକ୍ ବାରିପାରେ। ଚିଲି ସବୁଦିନ ତାକୁ ତା' ସ୍କୁଲ କଥା କହେ। ନନ୍ଦୁକୁ ପାଠ ପଢ଼ିବାକୁ ହେଲେ ସହରର ଗୋଟିଏ ନିର୍ଦ୍ଦିଷ୍ଟ ସ୍କୁଲକୁ ଯିବାକୁ ପଡ଼ିବ ବୋଲି ତା' ମା' ମନା କରିଦେଉଛି। ସେ ନନ୍ଦୁକୁ କେବେ କାହା ବନ୍ଧୁତାକୁ ନେଇ ଆକଟ କରିନାହାନ୍ତି। ଏବେ ମଧ୍ୟ ନନ୍ଦୁର ତା' ମା' ପ୍ରତି ବିଚାର ବଦଳିନି। ଏଇ କିଛି ମାସ ହେବ ନନ୍ଦୁର ମା' ଦେହ ଆଉ ଭଲ ରହୁନି। ମାଲିକ ଭଲ ଲୋକ ବୋଲି କାମର ଭାର ବି କମେଇ ଦେଇଛନ୍ତି। ଔଷଧପତ୍ର ପାଇଁ ବି ଅଲଗା ପଇସା ଦିଅନ୍ତି। ନନ୍ଦୁ ତାକୁ ନେଇ ଡାକ୍ତରଖାନା ଯିବାକୁ ବି ଅମଙ୍ଗ ହୁଏ। କାହିଁକି ତା'ର ଏତେ ରାଗ ଯେ!

ଆର ମାସକୁ ନନ୍ଦୁକୁ ଅଠର ବର୍ଷ ହୋଇଯିବ। ଚିଲି ଗତଥର ଯେଉଁ ଆସିଥିଲା ତା' ପାଇଁ ହଳେ ସାର୍ଟ ପ୍ୟାଣ୍ଟ ଆଣିଦେଇ ତା' ଜନ୍ମଦିନରେ ପିନ୍ଧିବାକୁ କହିଥିଲା। ତା' ମା' ତ କେବେହେଲେ ତା'ର ଜନ୍ମଦିନ ପାଳେନି, ହେଲେ ଏଥର କହୁଥିଲା ତାକୁ କୁଆଡ଼େ ଏମିତି ଉପହାର ଦେବ ଯେ ସେ ଚମକି ପଡ଼ିବ। ନନ୍ଦୁ କିନ୍ତୁ ତା' ମା'ର କଥାକୁ ଅବିଶ୍ୱାସ କରୁଥିଲା। ଏଥର ଡାକ୍ତରଖାନା ଗଲା ବେଳେ ତା' ମା' ନନ୍ଦୁକୁ ତା' ସାଥିରେ ଯିବା ପାଇଁ ଅଡ଼ି ବସିଲା। ନନ୍ଦୁ ଅତିଷ୍ଠ ହୋଇ ତା' ସହ ଗଲା। ମା'ର କ'ଣ ସବୁ ପରୀକ୍ଷା କଲା ପରେ ଡାକ୍ତର ନନ୍ଦୁର ବି ରକ୍ତ ପରୀକ୍ଷା କରିବାକୁ ରକ୍ତ ଟାଣିନେଲେ। ସେ ଅବାକ୍ ହୋଇ ଚାହିଁ ରହିଥାଏ। ମନେ ମନେ ମା'କୁ ଶୋଧୁଥାଏ। ନିଜ ସ୍ୱାର୍ଥ ପାଇଁ ସେ ତାକୁ ଆଜି ଜବରଦସ୍ତି ନେଇ ଆସିଛି ବୋଲି ଗରଗର ହେଉଥାଏ।


ଠିକ୍ ନନ୍ଦୁର ଜନ୍ମଦିନରେ ଚିଲି ବି ଆସିଥିଲା। ସକାଳୁ କିନ୍ତୁ ତା' ମା'ର ଦେଖା ଦର୍ଶନ ନାହିଁ। କହିଥିଲା, କୁଆଡ଼େ ତାକୁ ଆଜି ବଡ଼ ଉପହାର ଦେବ। ସକାଳୁ ସଞ୍ଜ ହୋଇଗଲାଣି ତା'ର ପତ୍ତା ନାହିଁ। ଚିଲିର ବାପାଙ୍କ ଫୋନ୍‌କୁ କିଏ ଜଣେ ଫୋନ୍ କଲେ। ସେ ତତକ୍ଷଣାତ୍ ନନ୍ଦୁକୁ ଧରି ବାହାରିଗଲେ। ଚିଲିକୁ ସକାଳେ ଡାକ୍ତରଖାନା ଆସିବାକୁ କହିଦେଇଗଲେ। ନନ୍ଦୁ କିଛି ବୁଝିବା ଆଗରୁ ଅଚେତ୍ ହୋଇସାରିଥିଲା। ଡାକ୍ତରଖାନାରେ ଏମିତି କାହିଁକି ତାକୁ ରଖିଛନ୍ତି ବୋଲି ସେ ବାରମ୍ବାର ଚିଲିକୁ ପଚାରେ। ଚିଲି ତାକୁ ଆଶ୍ୱାସନା ଦିଏ।

କିଛି ଦିନ ପରେ ନନ୍ଦୁର ଆଖିରୁ ପଟି ଖୋଲାଗଲା। ତା'ପୂର୍ବରୁ ଡାକ୍ତର ତାକୁ ପଚାରିଥିଲେ, ସେ ପ୍ରଥମେ କାହାକୁ ଦେଖିବାକୁ ଚାହେଁ? ନନ୍ଦୁ ବିନା ଦ୍ୱିଧାରେ ଚିଲିର ନାଁ ଧରିଲା। ଯେଉଁ କୋମଳ ହାତକୁ ସେ ଇଟିକିଲି ମିଟିକିଲି ଖେଳି ଖେଳି ଛୁଇଁଛି ତାକୁ ଆଜି ନିଜ ଆଖିରେ ଦେଖିବ। ଏହା ସହ ଆଉ ଗୋଟିଏ ସର୍ତ୍ତ ଶୁଣେଇଦେଲା ଯେ, ସେ ଅନ୍ତତଃ ଘରକୁ ଯିବା ପର୍ଯ୍ୟନ୍ତ ତା' ମା'କୁ ଦେଖିବାକୁ ଚାହେଁନି। ସମସ୍ତେ ନିରବ ଥିଲେ।

ପରଦିନ ପଟି ଖୋଲାଗଲା ଓ କହିବା ମୁତାବକ ଚିଲିକୁ ନନ୍ଦୁ ପ୍ରଥମେ ଦେଖିଲା। ଥରେ ହେଲେ ସେ ତା'ର ମା' ବିଷୟରେ କାହାକୁ ବି ପଚାରିଲାନି। ଅନେକ ବେଳ ଚିଲି ସହ ଗପିଲା। ଡାକ୍ତରଖାନାର ବେଡ୍ ଉପରେ ହିଁ ପିଲାଦିନ କଥା ମନେ ପକାଇ ଇଟିକିଲି ମିଟିକିଲି ଖେଳିଲା। ଘରକୁ ଫେରିଲା ବେଳେ ଘରଟା ଶୂନଶାନ୍ ଲାଗୁଥିଲା। ଦରଜା ଖୋଲୁ ଖୋଲୁ ଗୋଟିଏ ସ୍ତ୍ରୀ ଲୋକର ଫଟୋ ତଳେ ଦୀପଟିଏ ଜଳୁଥିଲା। ନନ୍ଦୁ ପଚାରିବା ପୂର୍ବରୁ ହିଁ ଚିଲି କହିଦେଲା, ଇଏ ତୋର ସେଇ ମା' ନନ୍ଦୁ ଯାହାକୁ ତୁ ବିରକ୍ତ ହେଉଥିଲୁ, ନିଜର ସବୁଠୁ ବଡ଼ ଶତ୍ରୁ ଭାବୁଥିଲୁ। ଆଜି ଯାହା ଆଖିରେ ତୁ ଦୁନିଆ ଦେଖୁଛୁ, ଇଏ ତୋର ସେଇ ମା'। ତୋ କହିବା ମୁତାବକ ଦେଖ, ତୁ ଦୃଷ୍ଟି ଶକ୍ତି ପାଇଲେ ବି ତୋ ମା'କୁ ଆଉ ଦେଖିପାରିବୁନି। ଏବେ ତୋତେ ଆକଟ କରିବାକୁ ଆଉ କେହି ନାହିଁ। ତୁ ଏବେ ସଂପୂର୍ଣ୍ଣ ରୂପେ ସ୍ୱାଧୀନ ମଣିଷ।

ନନ୍ଦୁ ସେଇଠି ହିଁ ଲଥ୍ କରି ବସିପଡ଼ିଲା। ତା' ଆଖିରୁ ମା' ପାଇଁ ଲୁହ ବୋହିପାରୁନଥିଲା। ସେ ଡବଡବ ହୋଇ ଫଟୋକୁ ଅନାଇ ରହିଥିଲା। ଜୀବନ ପ୍ରକ୍ରିୟାରେ ତା' ମା' ଅତୀତ ଓ ସେ ବର୍ତ୍ତମାନର ଜଡ଼ ପାଲଟି ସାରିଥିଲା। ■


ଇରିଗେସନ୍ କଲୋନୀ
ଭବାନୀପାଟଣା
ମୋ: ୯୪୩୯୪୦୦୩୪୮



## ପତ୍ରିକା ପରିଚୟ

### ରେବତୀ

**ସଂପାଦିକା: ସୁବାସିନୀ ଜେନା**



ଓଟି ରୋଡ୍ ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ସାହିତ୍ୟ ଓ ଫିଚରଧର୍ମୀ ପତ୍ରିକା 'ରେବତୀ'ର ସପ୍ତମ ବର୍ଷ, ୭ମ ସଂଖ୍ୟା ମଇ ୨୦୨୫ ପ୍ରକାଶ ପାଇଛି। ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ 'ରେବତୀ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗପ, ଫିଚର ଆଦିରେ ସମୃଦ୍ଧଶାଳୀ ହୋଇଛି। 'ମାନନୀୟେଷୁ'ରେ ଜ୍ଞାନରଞ୍ଜନ ନାୟକଙ୍କ 'ସ୍ରୋତସ୍ୱିନୀ ସରୋଜିନୀ'ରେ ବିଶିଷ୍ଟ କଥାକାର ସରୋଜିନୀ ସାହୁଙ୍କ ଜୀବନ ଓ ସାରସ୍ୱତ ସାଧନା ସଂପର୍କରେ ଏକ ଚମତ୍କାର ଫିଚର୍ ପ୍ରକାଶ ପାଇଛି। ସେହିପରି 'ପରମ୍ପରା'ରେ ବିଚିତ୍ରା ଦାଶଙ୍କ 'ଶ୍ରୀକ୍ଷେତ୍ର ସାହିଯାତ', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'କାନ୍ଦଣା କଲ୍ଲୋଳ', 'ଭ୍ରମଣକାହାଣୀ'ରେ ପଲ୍ଲିଶ୍ରୀ ପଟ୍ଟନାୟକଙ୍କ 'ଆଃ ଆଣ୍ଡାମାନ୍', ପ୍ରିୟବ୍ରତ ପାତ୍ରଙ୍କ 'କୋରାପୁଟର କୁହୁ' ଆଲେଖ୍ୟଗୁଡ଼ିକ ମାର୍ମିକ ହୋଇଛି। ସେହିପରି 'ସମକାଳ କବିତା'ରେ ପ୍ରବାସିନୀ ମହାକୁଡ଼ଙ୍କ 'କାହିଁକି ପୁରୁଣା ହୁଅନ୍ତିନି', ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ସାଳନ୍ଦୀ ଶଙ୍ଖଚିଲ ଗାଁ', ଗିରିବାଳା ମହାନ୍ତିଙ୍କ 'ସୁଖର ଯମଜ ଦୁଃଖ', ପୀତାମ୍ବର ତରାଇଙ୍କ 'ନିରାଡ଼ମ୍ବର ଖରାବେଳ', ବନଜ ଦେବୀଙ୍କ 'ସଂଜ' ପ୍ରଭୃତି କବିତାରେ ଜୀବନର ବାସ୍ତବତା ଓ ମାନବୀୟ ଭାବାବେଗ ଅତି ହୃଦୟସ୍ପର୍ଶୀ ଭାବେ ପ୍ରତିଫଳିତ ହୋଇଛି। 'କଥା ଓ କାହାଣୀ'ରେ ଝରଣା ପଟ୍ଟନାୟକଙ୍କ 'ଅସ୍ତରାଗ', କମଳିନୀ କାନ୍ତଙ୍କ 'ପକ୍ଷୀମନ' ଗପ ଦୁଇଟି ମର୍ମସ୍ପର୍ଶୀ ହୋଇଛି। ସେହିପରି 'ପୁଷ୍ପବିତାନ', 'ଧାରାବାହିକ ଆତ୍ମଜୀବନୀ', 'ପର୍ଯ୍ୟଟନ', 'ଚରିତ ଉପନ୍ୟାସ', 'ରୋଷେଇଶାଳ', 'ଶେଷ ପୃଷ୍ଠା' ଆଦି ନିୟମିତ ବିଭାଗ ମନଛୁଆଁ ହୋଇଛି। 'ରେବତୀ'ର ଏହି ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ପ୍ରଜନ୍ମ

**ସଂପାଦକ: ଡକ୍ଟର ଦେବାନନ୍ଦ ଦାସ**



ଏ-୭୧୨, ସୁଭଦ୍ରା ଆପାର୍ଟମେଣ୍ଟ
ନନ୍ଦନକାନନ ରୋଡ୍,
ଭୁବନେଶ୍ୱର
ମୂଲ୍ୟ: ୮୦ ଟଙ୍କା

ଡକ୍ଟର ଦେବାନନ୍ଦ ଦାସଙ୍କ ଦ୍ୱାରା ସଂପାଦିତ ସାହିତ୍ୟ ପତ୍ରିକା 'ପ୍ରଜନ୍ମ'ର ବିଷୁବ-୨୦୨୫ ସଂଖ୍ୟା ଆମର ହସ୍ତଗତ ହୋଇଛି। ଏହି ସଂଖ୍ୟାଟି ଯୁବ ଲେଖକ ବିଶେଷାଙ୍କ ଭାବେ ପ୍ରକାଶ ପାଇଛି। 'ପ୍ରଜନ୍ମ'ର ବିଷୁବ ସଂଖ୍ୟାଟି ଓଡ଼ିଶାର ଅନେକ ଯୁବ ପ୍ରତିଭାଙ୍କ କବିତା, ଗଳ୍ପରେ ସମୃଦ୍ଧ ହୋଇଛି। ପ୍ରାବନ୍ଧିକା ଡକ୍ଟର ହିମାଦ୍ରୀତନୟା ମିଶ୍ର, କବି ଡକ୍ଟର ଦିନେଶ ଅଗ୍ରୱାଲା, ଗାଳ୍ପିକ ଡକ୍ଟର ଶାନ୍ତନୁ କୁମାର ନାୟକ, କବି ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କ ସାରସ୍ୱତ ସାଧନାକୁ ନେଇ 'ସ୍ୱର ଆମ ନବ ପ୍ରଜନ୍ମର' ଫିଚର ଆକର୍ଷଣୀୟ ହୋଇଛି। ସେହିପରି 'କଥା ଓ କାହାଣୀ' ବିଭାଗରେ କାଇଁଚଲତା ମଳିକଙ୍କ 'ଜଣେ ମା'', ବିଶ୍ୱ ମହାପାତ୍ରଙ୍କ 'ଆଞ୍ଜୁଳାଏ ଜୀବନ', ସ୍ମୃତିକଳା ମହାନ୍ତିଙ୍କ ' ସାହାରା', ଅଂଶୁମାନ ସାହୁଙ୍କ 'ସୀମାର ନୂଆ ବଏଫ୍ରେଣ୍ଡ', ଜିତୁ ପ୍ରଧାନଙ୍କ 'ଭିନ୍ନ ଏକ ପ୍ରେମ କଥା', ଆଶୁତୋଷ ମିଶ୍ରଙ୍କ 'ଫାଳତୁ କଥା' ଆଦି ଗପଗୁଡ଼ିକ ପ୍ରେମ, ମାନବୀୟ ସଂପର୍କ, ସାମାଜିକ ବାସ୍ତବତା ଉପରେ ଆଧାରିତ। 'କବିତା ବିଭାଗ'ରେ ସିପୁନୁ ଜେନାଙ୍କ 'କୁଳା', ବେଦ ପ୍ରକାଶ ନାୟକଙ୍କ 'ଆମେ', ରଶ୍ମିରଞ୍ଜନ ରାଉତଙ୍କ 'ସ୍ୱପ୍ନଭରଣ', ସ୍ରୋତସ୍ୱିନୀ ପରିଡ଼ାଙ୍କ 'ବାଟବଣା', ମନୀଷା ବିଶ୍ୱାଳଙ୍କ 'ଅନ୍ଧାର', ଗୌରୀ ସାହୁଙ୍କ 'ଆଖି', ଶ୍ରୀସିକ୍ତା ଶୁଭଦର୍ଶିନ ନାୟକଙ୍କ 'ପ୍ରାପ୍ତି' ଆଦି କବିତାରେ ମାନବୀୟ ପ୍ରେମ, ଦୁଃଖ, ଯନ୍ତ୍ରଣା, ଆଶା, ଆକାଂକ୍ଷା, ଅସହାୟତାର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି। 'ପ୍ରଜନ୍ମ' ବିଷୁବ ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ପ୍ରେମ



ପବିତ୍ର ବ୍ରହ୍ମପୁତ୍ର ନାୟକ

ଗୋଟେ ସକାଳ
ଏମିତି ହୁଅନ୍ତା
ସମୁଦ୍ରର ଢେଉମାନେ
ପିଠି ଥାପୁଡ଼େଇ
ନିଦରୁ ଉଠାଇ କୁହନ୍ତେ -
ଉଠ, ମଠ ନକର ଆଉ।


କାକ ସହ ପିଆ ଯାଆନ୍ତା
କପେ ଚା'
ସହଦୋର ମନେକରି
ତାକୁ କୁହାଯାଆନ୍ତା
ଅତୀତଠୁ ବର୍ତ୍ତମାନ,
କିଛି କଥା ତା'ଠୁ ଆଶା ରୁହନ୍ତା
ଶୁଣିବାକୁ।

ଧୂଳି ଜମିଥିବା
ବାଲ୍‌କୋନୀର ସୋଫା ଉପରେ
ସୂର୍ଯ୍ୟ ଆସି ବସି ପଡ଼ନ୍ତେ ଥକ୍କାରେ
କୁହନ୍ତେ -
ଆଃ କି ଖରା!
ଜାଳିପୋଡ଼ି ଦେଉଛି ସତରେ।

ପଛରୁ ଭିଡ଼ିନିଅନ୍ତା ପବନ
ଆଲିଙ୍ଗନ କରି କୁହନ୍ତା
ସବୁବେଳେ ଲାଜ କଲେ ହେବ କି,
ବସନ୍ତରେ ପ୍ରେମ କଲେ ପାପ କ'ଣ?

ମୁଁ କୁହନ୍ତି,
ଦେଖ
ବନ୍ଦ କୋଠରିରେ
ଅନ୍ଧାରକୁ ବୁଢ଼ିଆଣୀର ପ୍ରେମ,
ଫୁର୍‌ସତ ପାଇ ଶୋଇପଡ଼ିଥିବା ସହରକୁ
ରାତିରେ ବତୀଖୁଣ୍ଟର ପ୍ରେମ,
ଝଡ଼ି ପଡ଼ିଥିବା ଫୁଲକୁ
ତୃଷାର୍ତ୍ତ ମହୁମାଛିର ପ୍ରେମ କେମିତି
ଦେଖ। ■

ବିଏଲ୍-୪୯, ଭି.ଏସ୍.ଏସ୍ ନଗର
ଭୁବନେଶ୍ୱର-୭୫୧୦୧୦
ମୋ : ୯୪୩୯୦୦୦୦୮୭



## ଯଥେଷ୍ଟ





ସତ୍ୟରଂଜନ ପ୍ରହରାଜ

ତେତିଶି କ'ଣ ଗୋଟେ ବୟସ
ନିଦ ହଜିବାର
ରାତିମାନଙ୍କ ସହ ଅନିଦ୍ର ସହବାସର
ଖୋଲାଆଖିରେ ଚିହ୍ନା ଚିହ୍ନା ସ୍ୱପ୍ନସବୁ
ଶବାୟିତ ହେବାର

ଏମିତି ତ ଅନେକ ଅଘଟଣ
ଘଟଣା ପରି ଲାଗିବା ଆଗରୁ
ଘଟିଚାଲିଥାଏ ବୃନ୍ତ କି ବିବରରେ
ନିରନ୍ତର ଅଦୃଶ୍ୟ

ପବନ, ପାଣିଠୁ ପ୍ରଦୂଷିତ
ବିଶ୍ୱାସ ଆମର
ଆଲୋକଠୁ ଶୁଦ୍ଧ
ଅବସୋସ
ନିଶ୍ୱାସଠୁ ନିବିଡ଼ ସଂପର୍କୀୟଙ୍କ ପାଖେ
ଛାଡ଼ି ଆସିଥିବା ଅନିଚ୍ଛାକୃତ ପିଲାଙ୍କ ମୁହଁ
ମୃତ୍ୟୁଠୁ ବେଶି ଡରାଉଥିବା
ପୂର୍ବଜଙ୍କ ଶେଷଇଚ୍ଛା
ଅଛିଣ୍ଡା ଜମିଖଣ୍ଡରେ ରକ୍ତଛିଟା
ଯଥେଷ୍ଟ ଯଥେଷ୍ଟ

ଯଥେଷ୍ଟ
ମନେପକାଇବାକୁ ଫେରିନଥିବା ଉତ୍ତର
ଫେରିନଥିବା ମଣିଷ
ଫେରିନଥିବା ସ୍ୱପ୍ନସବୁ

ଅଟକିଯାଇଥିବେ ସଠିକ୍ ଜାଗାରେ ଅନ୍ତତଃ
ଏମିତି ବି ଘଟିବାରଥିବ
ରାତିର ଛାତିରେ
ନାଗରା ଓ ନୃତ୍ୟରେ
ଏତେ ନିଶା, ଏତେ ନିଦ
ମୁଁ କିଏ, କେଉଁଠି, କେମିତି
କିଛି ଖବର ନଥିବ। ■

ଲେନ ନଂ ୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର ୭୫୧୦୨୦
ମୋ: ୯୭୫୮୪୧୩୫୩୪

## ସାରଳା ସାହିତ୍ୟର ସ୍ୱାତନ୍ତ୍ର୍ୟ



ଡକ୍ଟର ସରୋଜିନୀ ପାଣି

ଓଡ଼ିଆ ସାହିତ୍ୟକୁ ଏକ ଶିଳ୍ପ ସୌନ୍ଦର୍ଯ୍ୟମଣ୍ଡିତ, ସମାଜନିଷ୍ଠ, ବାସ୍ତବଧର୍ମୀ ତଥା ଚିରନ୍ତନ ଦୃଷ୍ଟି ସଂପନ୍ନ 'ମହାଭାରତ' ପରି ଏକ ମହାକାବ୍ୟ ସୃଷ୍ଟି କରିବାର ଗୌରବରେ ଗୌରାବାନ୍ୱିତ ହୋଇଥିଲେ, ପଞ୍ଚଦଶ ଶତାବ୍ଦୀର ଭାଷା ସାହିତ୍ୟର ଭଗୀରଥ ତଥା ଆଦିକବି ସାରଳା ଦାସ। କେବଳ ଏକ ମହତ୍ତର ସାହିତ୍ୟ ସୃଷ୍ଟି ନୁହେଁ, ପଞ୍ଚଦଶ ଶତାବ୍ଦୀର ଓଡ଼ିଶା ତଥା ଭାରତବର୍ଷର ଐତିହାସିକ, ଭୌଗୋଳିକ, ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ଓ ରାଜନୈତିକ ଜଗତର ବାସ୍ତବିକ ଚିତ୍ରପଟ୍ଟ ଏଥିରେ ପ୍ରତିଫଳିତ ହୋଇଛି। ମୌଳିକତା, ବିଶାଳତା, କାବ୍ୟମୟତା, ଜୀବନଧର୍ମିତା ଦୃଷ୍ଟିରୁ ମହାଭାରତ ସାଂପ୍ରତିକ ସମାଜରେ ଆଜି ବି ପ୍ରଗତିଶୀଳ। ସାରଳା ଦାସଙ୍କ ରଚିତ 'ବିଲଙ୍କା ରାମାୟଣ', 'ମହାଭାରତ', 'ଚଣ୍ଡୀପୁରାଣ', 'ଲକ୍ଷ୍ମୀନାରାୟଣ ବଚନିକା' ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ କାଳଜୟୀ କୃତି।

ଆଦିକବି ସାରଳା ଦାସଙ୍କ 'ମହାଭାରତ' ଓଡ଼ିଆ ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ବ୍ୟାସଙ୍କ 'ମହାଭାରତ'ର ଏହା ଅନୁବାଦ ବା ଅନୁକରଣ ନୁହେଁ, ବରଂ ଏହା ଅନୁସୃଜନ ଓ ଏଥିରେ ଅନେକ ଭାଷାର ପ୍ରୟୋଗ କରାଯାଇଛି। ଦାଣ୍ଡୀ ବୃତ୍ତରେ ଏହା ରଚିତ । ସର୍ବଜନାହିତାର୍ଥେ ଏହା ଏକ ନିର୍ଭୀକ ମୌଳିକ ସ୍ୱଚ୍ଛଳ ସାରସ୍ୱତ ପ୍ରୟାସ। ସାରଳା ମହାଭାରତ କେବଳ ବହୁ ମୌଳିକ ଉପାଖ୍ୟାନ ଦ୍ୱାରା ସମୃଦ୍ଧ ନୁହେଁ, ଗୋଟିଏ ଜାତିର ପ୍ରଚଳିତ କିମ୍ବଦନ୍ତୀ ଓ ଜନଶ୍ରୁତିକୁ ମଧ୍ୟ ଏହା କୁକ୍ଷିଗତ କରିବାର ସାମର୍ଥ୍ୟ ବହନ କରେ। ଏହା ଯଥାର୍ଥ ଭାବେ ଓଡ଼ିଆ ଭାଷା ଓ ସାହିତ୍ୟର ଆଦ୍ୟ ଜାଗରଣ। 'ମହାଭାରତ'ରେ ପ୍ରଦତ୍ତ ବହୁବିଧ ବୃକ୍ଷଲତା, ପଶୁପକ୍ଷୀ, ଅସ୍ତ୍ରଶସ୍ତ୍ର, ପୋଷାକ, ଅଳଂକାର, ଯୁଦ୍ଧବାଦ୍ୟ, ଖାଦ୍ୟସାମଗ୍ରୀ ଆଦିର ବିବରଣୀ ବଡ଼ ବୈଚିତ୍ରପୂର୍ଣ୍ଣ। ଏ ସମସ୍ତ ଓଡ଼ିଆର ଏକ ଗୌରବମୟ ଅତୀତକୁ ସ୍ମରଣ କରାଏ। ଯୁଧିଷ୍ଠିରଙ୍କ ଶାସନ ବ୍ୟବସ୍ଥା ସମ୍ପର୍କିତ ବର୍ଣ୍ଣନାରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ପ୍ରଚଳିତ ଶାସନ ବ୍ୟବସ୍ଥା ଓ ଭୂରାଜସ୍ୱ ନୀତିର ସ୍ପଷ୍ଟ ଆଭାସ ମିଳେ। ସେହିପରି ସତ୍ୟ ଆମ୍ବ ପ୍ରସଙ୍ଗ, ସାହାଡ଼ା ବୃକ୍ଷର ମାହାତ୍ମ୍ୟ, ଗଂଗାକଳି ପରି ବିଭିନ୍ନ ଲୋକକାହାଣୀକୁ ସେ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି।

ସମସାମୟିକ ତଥା ପୂର୍ବ ଓ ପରବର୍ତ୍ତୀ ଭାରତୀୟ ସନ୍ଥ କବିମାନଙ୍କଠାରୁ ସାରଳା ଦାସ ନିଜସ୍ୱ ପର୍ଯ୍ୟବେକ୍ଷଣ ଶକ୍ତି, ବିଚାର ବିଶ୍ଳେଷଣ, ସ୍ୱାଧୀନତା ଚେତନା, ମାନବ ସଂବେଦନା ଓ ଅନ୍ତର୍ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭିନ୍ନ । ଏକ ନିର୍ଭୀକ ବ୍ୟକ୍ତିତ୍ୱ ହିଁ ତାଙ୍କୁ ପ୍ରଥାବନ୍ଧ ଅନୁସରଣ ପଥରୁ ଭିନ୍ନ କରି ନେଇ ଆସିଛି ଉତ୍କଳୀୟ ପରିମଣ୍ଡଳରେ ଏକ ମୌଳିକ ମହାଭାରତ ରଚନା କରିବାକୁ। ସାରଳା ଦାସଙ୍କ ଚିନ୍ତାଧାରା ଥିଲା ଆଧୁନିକ ପ୍ରଗତିବାଦୀ ଚିନ୍ତାଧାରା ସମତୁଲ୍ୟ । କେବଳ ବ୍ୟକ୍ତି ସ୍ୱାତନ୍ତ୍ରତାବୋଧ ହିଁ ଏପରି ଚିନ୍ତାର ଉଦ୍ରେକ କରିପାରେ। ସମାଜର ରାଜା, ଋଷି ଓ ବ୍ରାହ୍ମଣମାନେ ହୋଇଛନ୍ତି ସାରଳା ଦାସଙ୍କ ବ୍ୟଙ୍ଗର ଶିକାର। ସେ ରାଜାମାନଙ୍କର ଅନ୍ୟାୟ, ଅବିଚାର, ଅତ୍ୟାଚାର ଓ ନିଷ୍ଠୁରତା, ନୀତି ପ୍ରବକ୍ତା ମୁନିଋଷିମାନଙ୍କର ନୀତିହୀନତା, ରୁଦ୍ଧତା ଓ କାମୁକତା, ବ୍ରାହ୍ମଣମାନଙ୍କର ସୁବିଧାବାଦ, ପ୍ରତାରଣା, ଶୋଷଣ ଓ ଅନାଚାରର ସ୍ୱରୂପକୁ ଉନ୍ମୋଚନ କରିଛନ୍ତି।

ଜାତି ସମ୍ପର୍କରେ ସାରଳା ଦାସଙ୍କ ଦୃଷ୍ଟି ଥିଲା ଉଦାର ଓ ପ୍ରଶସ୍ତ। ଜାତି ଅପେକ୍ଷା ବ୍ୟକ୍ତି ବଡ଼। ମଣିଷର ମଣିଷତ୍ୱ କଳିତ ହୁଏ, ତା'ର ବ୍ୟକ୍ତିତ୍ୱ ଦ୍ୱାରା ଯେଉଁ ବ୍ୟକ୍ତି ମହତ୍‌ଗୁଣର ଅଧିକାରୀ, ସେ ତା'ର ଜାତି ଯୋଗୁଁ ନୀଚ ବିବେଚିତ ହୁଏ ନାହିଁ। ସାରଳା ଦାସଙ୍କ ଚରିତ୍ର ସମୂହ ଜୀବନଧର୍ମୀ । ପ୍ରତ୍ୟେକ ମଣିଷ ରକ୍ତ ମାଂସର ମଣିଷ। ଯେତେ ବଡ଼ ହେଲେ ମଧ୍ୟ କେହି ଧୂଳିମାଟିର ପୃଥିବୀରୁ ଊର୍ଦ୍ଧ୍ୱକୁ ଉଠି ପାରନ୍ତି ନାହିଁ। କେହି ମାନବୀୟ ପ୍ରବୃତ୍ତି ଓ ମାନବୀୟ ଦୋଷ ଦୁର୍ବଳତାରୁ ମୁକ୍ତ ନୁହନ୍ତି।

ସାରଳା ଦାସଙ୍କ 'ନବଗୁଞ୍ଜର'ର ପ୍ରତୀକ କଳ୍ପନା କେବଳ ଭାରତୀୟ ସାହିତ୍ୟରେ ନୁହେଁ, ବିଶ୍ୱ ସାହିତ୍ୟରେ ମଧ୍ୟ ଅନନ୍ୟ। ଜୀବସୃଷ୍ଟିର ସାମଗ୍ରିକ ରୂପ ହିଁ ଭଗବାନ। ଜୀବଜଗତ ସହିତ ଉଦ୍ଭିଦ ଜଗତର ସମନ୍ୱୟ ଦର୍ଶାଇବାକୁ ଯାଇ ଉଦ୍ଭିଦ ଜଗତର ପ୍ରତୀକ ଭାବେ ପଦ୍ମଫୁଲଟିଏ ଏହି ସମବେତ ବିଚିତ୍ର ପଶୁ ନବଗୁଞ୍ଜର ହାତରେ ଧରାଇ ଦିଆଯାଇଛି। କୃଷ୍ଣଙ୍କର ନବଗୁଞ୍ଜର ରୂପକଳ୍ପନା ସାରଳାଙ୍କ ମୌଳିକ ଚିନ୍ତା ପ୍ରସୂତ।

ସାରଳା ଦାସ ନିଜର ଅସାଧାରଣ ପାଣ୍ଡିତ୍ୟ ଓ କବିତ୍ୱରେ ସମାଜର ନିମ୍ନବର୍ଗର ଜନସାଧାରଣ ତଥା ନିଜର ମାଟି ଓ ଭାଷା ପ୍ରତି ଅସୀମ ଅନୁରକ୍ତି ତାଙ୍କ ରଚନାର ବହୁସ୍ଥଳରେ ପ୍ରତିଧ୍ୱନିତ ହୋଇଛି। ଚରିତ୍ର ଚିତ୍ରଣରେ ସେ ପରିବେଶ ନିୟନ୍ତ୍ରଣ ସ୍ଥିତି, ଗତିଶୀଳ ବିଚାରବୋଧ ଓ ବାସ୍ତବଧର୍ମୀ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି।

ସାରଳା ଦାସ ତାଙ୍କ ଜୀବନର ବୈଚିତ୍ର୍ୟମୟ କାବ୍ୟଗ୍ରନ୍ଥକୁ ଅତି ନିର୍ବିକାର ଭାବେ ଉପସ୍ଥାପନ କରିଛନ୍ତି। ସ୍ୱଅନୁଭୂତି ଓ ଅଭିଜ୍ଞତାକୁ ପାଥେୟ କରି ସେ ଭାରତବର୍ଷର ସମସାମୟିକ ଚିତ୍ରକୁ ଉପସ୍ଥାପନ କରିଛନ୍ତି। ମାନବୀୟ ସଂବେଦନା, ଦୁସ୍ଥ ଦଳିତମାନଙ୍କ ପ୍ରତି କରୁଣା, ସମବେଦନା, ପ୍ରଥାଗତ ଆଚାର ନିଷେଧ, ବାସ୍ତବଧର୍ମୀ, ସ୍ୱାଧୀନଚେତା, ଧର୍ମପ୍ରତି ଉଦାରତା, ଶୋଷଣ ଅତ୍ୟାଚାର ନିଷେଧ, ନାରୀ ପ୍ରତି ସମ୍ମାନ ଓ ଶ୍ରଦ୍ଧା, ଯୁକ୍ତିନିଷ୍ଠତା, ଶବ୍ଦର ଯାଦୁଗରୀ ତଥା ଚରିତ୍ର ବର୍ଣ୍ଣନା ବେଶ୍ ଅନନ୍ୟ ଓ ଅସାଧାରଣ। ସବୁ ସମୟରେ ସାରଳା ସାହିତ୍ୟ ମାର୍ଗଦର୍ଶକ ଓ ଗବେଷଣାର ଉତ୍ସ ହେବ, ଏହା ନିଃସନ୍ଦେହରେ କୁହାଯାଇପାରେ। ■

ଅଧ୍ୟାପିକା, ଓଡ଼ିଆ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୮୬୧୪୫୪୪୭୦

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମ୍ ଆଦ୍‌ମୀ ପାର୍ଟି...

ନିଜର ପ୍ରାର୍ଥୀ ମଧ୍ୟ ଛିଡ଼ା କରିନଥିଲା । କିନ୍ତୁ ଏହି ଘଟଣାକୁ ନେଇ ଆପ୍ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଥିଲା । ସେମାନେ କ୍ଷମତାରେ ରହି ମଧ୍ୟ ସେମାନଙ୍କ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିପାରୁ ନଥିଲେ ବୋଲି ମୁକେଶ କହିଛନ୍ତି । କିନ୍ତୁ ବର୍ତ୍ତମାନ ମୁକେଶ ଏବଂ ତାଙ୍କ ସମର୍ଥକମାନେ ଗଠନ କରିଥିବା ନୂଆ ଦଳକୁ ନେଇ କାର୍ଯ୍ୟ କରିବେ ଏବଂ ସେମାନଙ୍କ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । କିନ୍ତୁ ଆପ୍‌ର ଏହି ବିଭାଜନ ଦଳ ପାଇଁ ଏକ ବଡ଼ ରାଜନୈତିକ ଚ୍ୟାଲେଞ୍ଜ ହେବ ବୋଲି ବିବେଚନା କରାଯାଉଛି ।

### ଗାଜା ଉପରେ ଇସ୍ରାଏଲର...

ଗାଜାବାସୀଙ୍କୁ ପଡୋଶୀ ଆରବ ଦେଶକୁ ସ୍ଥାନାନ୍ତର କରିବାକୁ କହିଥିଲେ । ସେତେବେଳେ ଟ୍ରମ୍ପଙ୍କ ବୟାନକୁ ହମାସ ସମେତ ବହୁ ଆରବ ଦେଶ ବିରୋଧ କରିଥିଲେ । ଏହାପରେ ପାଲେଷ୍ଟାଇନ ନାଗରିକଙ୍କୁ ଏବେ ଲିବ୍ୟା ସ୍ଥାନାନ୍ତର ନେଇ ଆମେରିକା ଓ ଲିବ୍ୟା ସରକାରଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ସୂଚନା ମିଳିଛି ।

### ନଦୀ ଜଳରେ...

ବହୁଳ ଜନସଂଖ୍ୟା ଦୈନିକ ବ୍ୟବହାର କରୁଥିବା ଜଳରୁ ୪୪୫ ନିୟୁତ ଲିଟର ବର୍ଜ୍ୟଜଳ ବାହାରୁଛି । ଏଥିରୁ ମାତ୍ର ୮ ନିୟୁତ ଲିଟର ଅର୍ଥାତ୍ ୧.୮୬ ପ୍ରତିଶତ ଜଳ ସାମାନ୍ୟ ବିଶୋଧନ ହୋଇପାରୁଛି । ତେବେ ସରକାରୀ ଭାବେ ପ୍ରକାଶ ପାଇଥିବା ଏହି ତଥ୍ୟ ଭିତରେ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ମହାନଗର ନିଗମ ସମେତ ପୁରୀ ପୌର ସଂସ୍ଥା ସାମିଲ ନାହିଁ । ତେଣୁ ଏସବୁ ସାମିଲ ହେଲେ ଏହି ସଂଖ୍ୟା ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି ।

ବିଏମ୍‌ସିରୁ ବାହାରୁଥିବା ବର୍ଜ୍ୟଜଳ ଦୟାନଦୀରେ ମିଶିବା ଫଳରେ କେବଳ ଦୟାଉପକୂଳରେ ଥିବା ଗାଁ ଗୁଡିକରେ ଲୋକେ ବିଭିନ୍ନ ରୋଗରେ ପଡୁନାହାନ୍ତି, ଏହାର ପ୍ରଭାବରେ ଚିଲିକାର ଜଳ ମଧ୍ୟ ପ୍ରଦୂଷିତ ହେଉଛି । ଏଠାରେ ମାଛ ଓ କଙ୍କଡା ବଂଶ ହ୍ରାସ ପାଉଥିବା ନେଇ ପରିବେଶବିତାନେ ବାରମ୍ବାର ଅଭିଯୋଗ କରିବାରେ ଲାଗିଛନ୍ତି । ରାଜ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପୌରାଞ୍ଚଳର ସଂଖ୍ୟା ୯ଟି ରହିଛି । ଏଗୁଡ଼ିକ ମଧ୍ୟରେ ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ବଲାଙ୍ଗିର, ଝାରସୁଗୁଡା, ଜୟପୁର, ବରଗଡ ଓ ବ୍ରଜରାଜନଗର ରହିଛି ।

ରାଜ୍ୟରେ ଥିବା ୧୧୫ଟି ପୌରାଞ୍ଚଳ ମଧ୍ୟରୁ ୧୧୦ ଟି ସହରାଞ୍ଚଳରେ ଲୋକେ ବ୍ୟବହାର କରୁଥିବା ଜଳକୁ ଛାଡ଼ିବା ପାଇଁ ସ୍ୱରେଜ ବ୍ୟବସ୍ଥା ନାହିଁ । ଏହି ସବୁ ସ୍ଥାନରେ ଜଳଗୁଡ଼ିକୁ ଖୋଲା ନାଳକୁ ଛଡ଼ାଯାଉଛି । ରାଜ୍ୟରେ ଥିବା ୪ଟି ମହାନଗର ନିଗମ ସମେତ ପୁରୀ ପୌରାଞ୍ଚଳରେ ସ୍ୱରେଜ ବ୍ୟବସ୍ଥା ରହିଥିବାବେଳେ ତାହା ମଧ୍ୟରୁ ବ୍ୟବହାର ହେଉଥିବା ଜଳ ଛଡା ଯାଇଥାଏ । ଏଠାରେ ଜଳ ପରିଚାଳନା ପାଇଁ ୧୨ଟି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ୍ ରହିଥିବାବେଳେ ଏହାର କ୍ଷମତା ଦୈନିକ ୩୭୩ ନିୟୁତ ଲିଟର ଜଳ ରହିଛି । ତେବେ ଏହିସବୁ ସହରାଞ୍ଚଳରୁ ନର୍ଦ୍ଦମା ସମେତ ବାହାରୁଥିବା ବର୍ଜ୍ୟ ଜଳ ମଧ୍ୟରୁ ଦୈନିକ ମାତ୍ର ୧୮୬ ନିୟୁତ ଜଳର ପରିଚାଳନା ହୋଇପାରୁଛି । ରାଜ୍ୟର ସହରାଞ୍ଚଳରେ ଜନସଂଖ୍ୟା ବଢ଼ି ଚାଲିଥିବାବେଳେ ବାହାରୁଥିବା ବର୍ଜ୍ୟଜଳର ପରିମାଣ ମଧ୍ୟ ବୃଦ୍ଧି ପାଉଛି । ଏଭଳି ସ୍ଥିତିରେ ବର୍ଜ୍ୟଜଳର ପରିଚାଳନା ପାଇଁ ବ୍ୟବସ୍ଥା ହେଉନଥିବାରୁ କେବଳ ସହରାଞ୍ଚଳର ପରିବେଶ ବିଗୁଡୁନାହିଁ, ସହରତଳି ଅଞ୍ଚଳ ଆଖପାଖରେ ଥିବା ନଦୀ ନାଳ ଓ ଜଳଉତ୍ସ ଗୁଡ଼ିକ ବ୍ୟାପକ ଭାବେ ପ୍ରଦୂଷିତ ହେବାରେ ଲାଗିଛି ।

### ପାକିସ୍ତାନ ପାଇଁ...

ତାଙ୍କୁ ୫ ଦିନ ପାଇଁ ପୁଲିସ ହାଜତକୁ ପଠାଇଦେଇଛନ୍ତି କୋର୍ଟ । ହରିଆଣା ପୁଲିସ ଅର୍ଥନୈତିକ ଅପରାଧ ଶାଖା ଏହି ମାମଲାରେ ଅଧିକ ତଦନ୍ତ କରିବ ବୋଲି ଜଣାପଡ଼ିଛି । ଜ୍ୟୋତିଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଅନୁଯାୟୀ ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିସନର ଜଣେ କର୍ମଚାରୀ ଏହସାନୁର ରହିମଙ୍କ ସହିତ ଜ୍ୟୋତିଙ୍କ ପ୍ରଥମ ସାକ୍ଷାତ ହୋଇଥିଲା । ରହିମ ଜରିଆରେ ପାକିସ୍ତାନୀ ଗୁଇନ୍ଦା ଅଧିକାରୀମାନଙ୍କ ସହିତ ସଂପର୍କରେ ଆସିଥିଲେ ଜ୍ୟୋତି । ସେମାନଙ୍କ ସହ କଥାବାର୍ତ୍ତା ହେବାପରେ ଭାରତ ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା କର୍ମଚାରୀମାନଙ୍କୁ ପଠାଉଥିଲେ । ୨୦୨୩ରେ ପକିସ୍ତାନ ଯାଇଥିବା ବେଳେ ଜ୍ୟୋତି ସେଠାରେ ଅଲ୍ଲୀ ଏହୱାନ, ସାକିର ଓ ରାଣା ଶେହବାଜ ନାମକ ତନି ଜଣ ପାକିସ୍ତାନୀ ଗୁଇନ୍ଦା କର୍ମଚାରୀଙ୍କୁ ଭେଟିଥିଲେ । ସେ ସନ୍ଦେହ ଘେରକୁ ଯେମିତି ନଆସନ୍ତି ସେଥିଲାଗି ମୋବାଇଲ କଣ୍ଟାକଟସରେ ସେ ବିଭିନ୍ନ ଛଦ୍ମନାମ ସେଭ୍ କରିଥିଲେ । ପୁଲିସ ସୂତ୍ରରୁ ପ୍ରକାଶ ଯେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ପାଇଁ ହରିଆଣା ଏବଂ ପଞ୍ଜାବରେ ଏକ ବଡ଼ ଧରଣର ରାକେଟ କାମ କରୁଛି । ଏହି ମାମଲାରେ ଆଉ ୫ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ସେମାନେ ପାକିସ୍ତାନୀ ଗୁଇନ୍ଦା କର୍ମଚାରୀଙ୍କୁ ତଥ୍ୟ ଦେବା ସହିତ ସେମାନଙ୍କ ପାଇଁ ଆର୍ଥିକ ଓ ଅନ୍ୟାନ୍ୟ ବ୍ୟବସ୍ଥା କରୁଥିଲେ । ଜ୍ୟୋତି ତାଙ୍କର ୟୁଟ୍ୟୁବ ଚାନେଲ ମାଧ୍ୟମରେ ପାକିସ୍ତାନ ସଂପର୍କରେ ଏକ ସ୍ୱଚ୍ଛ ଛବି ଦେଖାଉଥିଲେ । ସାମାଜିକ ଗଣମାଧ୍ୟମରେ ଲୋକମାନଙ୍କୁ ପ୍ରଭାବିତ କରିବା ଲାଗି ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ଏଜେଣ୍ଡା ଅନୁଯାୟୀ ଜ୍ୟୋତି କାମ କରୁଥିଲେ ବୋଲି କୁହାଯାଉଛି ।

### ନବୀନଙ୍କ ଦୃଢ଼ ନେତୃତ୍ୱ...

ପ୍ରଶଂସା କରାଯାଇଥିଲା । ଦେଶର ସୁରକ୍ଷା ପାଇଁ ସେନାବାହିନୀର ଶୌର୍ଯ୍ୟ ବିଶ୍ୱ ଦରବାରରେ ଭାରତକୁ ଗୌରବାନ୍ୱିତ କରିଛି । ବିଜେଡି ଭାରତୀୟ ସେନା ପାଇଁ ଗର୍ବିତ ବୋଲି ବୈଠକରେ ମତପ୍ରକାଶ ପାଇଥିଲା ।

ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଏବଂ ଦୂରଦର୍ଶୀ ନୀତି ଦ୍ୱାରା ରାଜ୍ୟରେ ବିକାଶକୁ ନୂଆ ଦିଗ ମିଳିଛି । ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫରମେସନ ଆଣ୍ଡ କ୍ରେଡିଟ ରେଟିଂ(ଆଇସିଆର୍‌ଏ) ରିପୋର୍ଟ ଅନୁଯାୟୀ, ଦେଶର ୧୯ଟି ରାଜ୍ୟ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଜିଏସଭିଏ(ଗ୍ରସ୍ ଷ୍ଟେଟ ଭାଲ୍ୟୁ ଆଡେଡ୍) ରେ ସର୍ବୋଚ୍ଚ ୧୦ ପ୍ରତିଶତ ହାସଲ କରିଥିବା ବେଳେ ୨୦୧୫ ରୁ ୨୦୨୪ ମଧ୍ୟରେ ୭ ପ୍ରତିଶତରୁ ଅଧିକ ଜିଏସଭିଏ ହାସଲ କରିଥିଲା । ନବୀନଙ୍କ ଦୂରଦର୍ଶୀ ନୀତି ଓ ଦୃଢ଼ ନେତୃତ୍ୱ ଯୋଗୁଁ ଏହା ସମ୍ଭବ ହୋଇଥିବା ଦର୍ଶାଇ ପିଏସି ସଦସ୍ୟମାନେ ନବୀନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟପକ୍ଷରେ ବର୍ତ୍ତମାନର ବିଜେପି ସରକାର ସମୟରେ ରାଜ୍ୟରେ ଆର୍ଥିକ ଓ ଶିଳ୍ପ ବିକାଶର ବେଗ ନିମ୍ନମୁଖୀ ହୋଇଥିବାରୁ ପିଏସି ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ରାଜନୈତିକ ଫାଇଦା ପାଇଁ କେବଳ ରଙ୍ଗ ପରିବର୍ତ୍ତନ ଓ ବିଜେଡି ସରକାର ସମୟର ଯୋଜନାର ନାମ ପରିବର୍ତ୍ତନରେ ଟିକସ ଦାତାଙ୍କ ଅର୍ଥକୁ ଅପବ୍ୟୟ ନ କରି ରାଜ୍ୟ ସରକାର ଓଡ଼ିଶାର ଆର୍ଥିକ ବିକାଶ ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ପିଏସି ସଦସ୍ୟମାନେ ମତ ରଖିଛନ୍ତି ।

ଏଥିସହିତ ରାଜ୍ୟର ରାଜନୈତିକ ସ୍ଥିତି ସମ୍ପର୍କରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷକରି ରାଜ୍ୟର ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ କମିଟିର ସଦସ୍ୟମାନେ ନବୀନଙ୍କ ନିକଟରେ ବେଶ୍ ଉଦ୍‌ବେଗ ପ୍ରକାଶ କରିଥିଲେ । ବିକାଶ କ୍ଷେତ୍ରରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସ୍ଥାଣୁତା ଦୂର କରି ଜନସାଧାରଣଙ୍କ ଆଶାଆକାଂକ୍ଷା ପୂରଣ ଦିଗରେ ସରକାର ଯତ୍ନବାନ ହେବେ ବୋଲି ସଦସ୍ୟମାନେ ଆଶାବ୍ୟକ୍ତ କରିଥିଲେ ।

ଅପରପକ୍ଷେ ବିଜେଡିର ସାଂଗଠନିକ ନିର୍ବାଚନ ପରିଚାଳନା ଓ ସାଂଗଠନିକ ପୁନର୍ବିନ୍ୟାସ ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ପଦବୀ ପୂରଣ ଦିଗରେ ଦଳର ସଭାପତିଙ୍କୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ କରାଯାଇଛି । ରାଜନୈତିକ ବ୍ୟାପର କମିଟିର ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ ।

### ନିର୍ଯାତନାରୁ ଚରମ...

ସନ୍ତୋଷିନୀଙ୍କ ଜଣେ ସହଯୋଗୀ ଓ ଜଣେ ବରିଷ୍ଠ ଡାକ୍ତରଙ୍କ ବିରୋଧରେ ଏତଲା ଦେଇଛନ୍ତି । ଜିଲ୍ଲା ପ୍ରଶାସନ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତଙ୍କ ନେତୃତ୍ୱ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି । ଏହି ଟିମ୍ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ରିପୋର୍ଟ ଦେବା ପରେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି । ଅପରପକ୍ଷେ, ସନ୍ତୋଷିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ନିକୁଞ୍ଜଙ୍କ ଅଭିଯୋଗ ଅନୁଯାୟୀ, ଡାକ୍ତରଖାନାର ବରିଷ୍ଠ ଡାକ୍ତର ଅମୂଲ୍ୟ ଦାସ ଓ ୨ଜଣ ସହଯୋଗୀ ଷ୍ଟାଫ୍ ନର୍ସ ସୌଦାମିନୀ ଦାସ ଓ କୁସୁମ ପାଢ଼ୀ ତାଙ୍କ ପତ୍ନୀଙ୍କୁ ପ୍ରବଳ ମାନସିକ ନିର୍ଯାତନା ଦେଇ ଆସୁଥିଲେ । ଶୁକ୍ରବାର ଦିନ ୨ଟାରେ ସନ୍ତୋଷିନୀ ଡ୍ୟୁଟିକୁ ଆସିଥିଲେ । ସେଦିନ ମଧ୍ୟ ପୂର୍ବଭଳି ତାଙ୍କ ପ୍ରତି ଆକ୍ରୋଶମୂଳକ ଭାବେ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ମାନସିକ ନିର୍ଯାତନା ଦିଆଯାଇଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ସନ୍ତୋଷିନୀ ଗତକାଲି ଚରମ୍ପା ରେଳ ଷ୍ଟେସନ୍‌ରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତେବେ ଅପରାହ୍ଣରେ ରେଳବାଇ ପୁଲିସ୍‌ଠାରୁ ଖବର ପାଇବା ପରେ ନିକୁଞ୍ଜ ଭଦ୍ରକ ରେଳଷ୍ଟେସନ୍‌ରେ ପହଞ୍ଚି ପ୍ଲାଟଫର୍ମରୁ ନିଜ ପତ୍ନୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଇଥିଲେ । ଅନ୍ୟପକ୍ଷରେ, ଦୀର୍ଘ ଦିନ ଧରି ସନ୍ତୋଷିନୀ ଡ୍ୟୁଟି କରୁଥିବା ୱାର୍ଡରେ ଜଣେ ଡାକ୍ତର ଏବଂ କିଛି ସିନିୟର୍ ଷ୍ଟାଫନର୍ସ ତାଙ୍କୁ ବ୍ଲାକମେଲ କରୁଥିଲେ ବୋଲି ସନ୍ତୋଷିନୀ ଅଭିଯୋଗ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏହି ଘଟଣା ପଦାକୁ ଆସିବା ପରେ ସହରରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି । ଦୀର୍ଘବର୍ଷ ଧରି ମେଡିକାଲରେ ଅନେକ ଷ୍ଟାଫନର୍ସ ବଦଳି ନହେବା ଯୋଗୁଁ ଏହି ସମସ୍ୟା ଉପୁଜିଛି ବୋଲି ଆଲୋଚନା ହେଉଛି ।

### ବଜ୍ରପାତ ପରେ...

ବଜ୍ରପାତ ମୃତ୍ୟୁ ଘଟିଲେ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ବ୍ୟବସ୍ଥା ଆରମ୍ଭ କରିଥିଲେ । କେନ୍ଦ୍ର ସରକାର ତୁରନ୍ତ ବଜ୍ରପାତ ରୋକିବା ନେଇ ପ୍ରତିଷେଧକ ବ୍ୟବସ୍ଥା ଆରମ୍ଭ କରିବା ସହ ଏହାକୁ ଏକ ବିପର୍ଯ୍ୟୟ ଭାବେ ବିଜ୍ଞପିତ କରିବାକୁ ବିଶେଷଜ୍ଞ ମହଲରେ ଦାବି ହେଉଛି ।

ଗତ ୧୧ ବର୍ଷରେ ଓଡ଼ିଶାରେ ବଜ୍ରପାତରେ ପ୍ରାୟ ୩୭୯୦ ଜଣଙ୍କ ଜୀବନ ଅକାଳରେ ଚାଲିଯାଇଛି । ସେହିପରି ୨୦୨୧-୨୨ରୁ ୨୦୨୩-୨୪ ଅର୍ଥାତ୍ ଗତ ୩ ବର୍ଷରେ ବଜ୍ରପାତରେ ଓଡ଼ିଶାରେ ୭୯୧ ଜଣ ଲୋକଙ୍କ ଜୀବନ ଯାଇଛି । ଉପକୂଳ ଓଡ଼ିଶା, ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ସର୍ବାଧିକ ବଜ୍ରପାତର ଶିକାର ହେଉଥିବା ତଥ୍ୟରୁ ଜଣାପଡ଼ିଛି । ଏକ ଗବେଷଣା ରିପୋର୍ଟ ଅନୁଯାୟୀ ଓଡ଼ିଶାର ଗ୍ରାମାଞ୍ଚଳରେ ଅର୍ଥାତ୍ ରାଜ୍ୟର ୯୬ ପ୍ରତିଶତ ବଜ୍ରପାତ ଗ୍ରାମାଞ୍ଚଳରେ ହିଁ ହୋଇଥାଏ । କୃଷକମାନେ ଜମିରେ କାମ କରୁଥିବା ବେଳେ ଶ୍ରମିକମାନେ ବାହାରେ କାମ କରୁଥିବା ବେଳେ ବଜ୍ରପାତର ସର୍ବାଧିକ ଶିକାର ହୋଇଥାନ୍ତି ବୋଲି ଉକ୍ତ ରିପୋର୍ଟ ଦାବି କରିଛି । ତେଣୁ ବଜ୍ରପାତର ମୁକାବିଲା ପାଇଁ ସରକାର ତାଳଗଛ ରୋପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚାହୁଁଛନ୍ତି ।

ଗତ ବିଧାନସଭା ଅଧିବେଶନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଅନୁଯାୟୀ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ତାଳଗଛ ଲାଗିବା ପାଇଁ ୭ କୋଟି ୫୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି ଅର୍ଥରାଶିକୁ ଖର୍ଚ୍ଚ କରାଯାଇ ୫୧ଟି ବନଖଣ୍ଡରେ ୧୯ ଲକ୍ଷ ତାଳଗଛ ଲଗାଯାଇ ସାରିଛି । ଏହିକ୍ରମରେ ତାଳଗଛ ଲଗାଇବା ପାଇଁ ଆହୁରି ୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି ।। ସୂଚନାଯୋଗ୍ୟ ଯେ ବଜ୍ରପାତର ମୁକାବିଲା ପାଇଁ ପ୍ରଥମେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୧୮ ମସିହାରେ ତାଳଗଛ ଚାରା ରୋପଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତଦନୁଯାୟୀ ପ୍ରାୟ ୧.୮୦ ଲକ୍ଷ ତାଳ ଗଛ ରୋପଣ ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଥିଲା । ତେବେ ବଜ୍ରପାତ ରୋକିବାକୁ ସରକାର ତାଳଗଛ ଉପରେ ସମ୍ପୂର୍ଣ୍ଣ ଭରସୁଥିବା ବେଳେ ଏହା ଯେ ସମ୍ପୂର୍ଣ୍ଣ ଫଳପ୍ରଦ ହୋଇପାରୁ ନାହିଁ, ତାହା କେତେକ ତଥ୍ୟରୁ ଜଣାପଡ଼ିଛି । ତାଳଗଛ ରୋପଣ ସହ ବ୍ୟାପକ ଭାବରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରାଯାଇପାରିଲେ ଏହାର ପରିଣାମକୁ ଅଧିକାଂଶରେ ହ୍ରାସ କରାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

### ମହାରାଷ୍ଟ୍ରରୁ ଅଭିଯୁକ୍ତ...

ଏବଂ ଅଜାଙ୍କୁ ଜଣାଇଥିଲା । ସେମାନଙ୍କ ସହାୟତାରେ ୫ ଶହ ଟଙ୍କା ଧରି ଟ୍ରେନ୍ ଯୋଗେ ସାଧାରଣ ବଗିରେ ରାଜ୍ୟ ବାହାରକୁ ଚାଲିଯାଇଥିଲା । ଯିବା ବେଳେ ମୋବାଇଲ ନେଇ ନଥିଲା । ତେଣୁ ତାକୁ ଠାବ କରିବା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ହୋଇଥିଲା । ତେବେ, ବିଭିନ୍ନ ସ୍ଥାନରୁ ୧ ହଜାରରୁ ଉର୍ଦ୍ଧ୍ୱ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ପୁଲିସ୍ ତାକୁ ଠାବ କରିବାରେ ସଫଳ ହୋଇଥିଲା । ପୁଲିସ୍ ସୂଚନାନୁଯାୟୀ, ବିଶୁ ପ୍ରଥମେ ନାସିକ୍ ପଳାଇଥିଲା । ପରେ ସେଠାରୁ ଗୁଜରାଟ ଆନନ୍ଦ ଜିଲ୍ଲାରେ ରହୁଥିବା ମାମୁ ବିପିନ ଗୋଛାୟତ ପାଖରେ ପହଞ୍ଚିଥିଲା । କିଛି ଦିନ ଗୁଜରାଟର ସୁରତରେ ବିତାଇଥିଲା । ପରେ ପୁଣି ମହାରାଷ୍ଟ୍ରର ରାୟଗଡ଼ ଚାଲି ଆସିଥିଲା । ସେଠାରେ ରାୟଗଡ଼ର ଏକ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲା । ବାରମ୍ବାର ନିଜ ସ୍ଥାନ ବଦଳାଉଥିବାରୁ ତାକୁ ଠାବ କରିବା ମଧ୍ୟ ପୁଲିସ୍ ପାଇଁ ଚ୍ୟାଲେଞ୍ଜ ହୋଇଥିଲା । ଏପରିକି, ସେ କିଛି ଦିନ ରାସ୍ତାକଡ଼ରେ ମଧ୍ୟ ରାତି କାଟିଥିବା ଏସ୍‌ପି କହିଛନ୍ତି ।

ଯୁବତୀଜଣଙ୍କ ଗତ ୪ବର୍ଷ ଧରି ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । କିଛି ଦିନ ତଳେ କମ୍ପାନୀରୁ ଛୁଟି ନେଇ ଘରକୁ ଆସିଥିଲେ । ଗତ ମାସ ୨୬ ତାରିଖ ପୁନଶ୍ଚ ଭୁବନେଶ୍ୱର ଯିବା ପାଇଁ ଘରୁ ବାହାରି ଆସିଥିଲେ । ତାଳଚେର ଷ୍ଟେସନ୍‌ରେ ପହଞ୍ଚି ଟ୍ରେନ୍ ନ ଥିବା ଜାଣିବାକୁ ପାଇଥିଲେ । ତେଣୁ ଅଟୋରିକ୍ସାରେ ତାଳଚେର ରୋଡ୍ ଷ୍ଟେସନ ବାହାରି ଯାଇଥିଲେ । ତା' ପରଠାରୁ ଆଉ ତାଙ୍କର ଫୋନ୍ ଲାଗିନଥିଲା । ପରିବାରଲୋକେ ଯେତେ ଚେଷ୍ଟା କଲେ ବି ତାଙ୍କୁ ଯୋଗାଯୋଗ କରିପାରିନଥିଲେ । ବହୁ ଖୋଜାଖୋଜି ପରେ ଝିଅର ସନ୍ଧାନ ନ ମିଳିବାରୁ ପରଦିନ ତାଙ୍କ ଭାଇ ତାଳଚେର ଷ୍ଟେସନ ପରିସରରେ ଥିବା ରେଳବାଇ ଫାଣ୍ଡିରେ ନିଖୋଜ ଅଭିଯୋଗ କରିଥିଲେ । ଯୁବତୀଙ୍କୁ ଅଟୋ ଚାଳକ ଅପହରଣ କରିନେଇଥିବା ତାଙ୍କ ବାପା ସନ୍ଦେହ କରି ପୁଲିସକୁ ଜଣାଇଥିଲେ । ଘଟଣାର ୮ ଦିନ ପରେ ଗତ ରବିବାର ଯୁବତୀଙ୍କ ଗଳିତ ମୃତଦେହ ବଣଁରପାଳ ଥାନା ଭୋଗବେରେଣୀ ପଞ୍ଚାୟତ କେନ୍ଦୁପଲି ଗାଁ ନିକଟ ବିଲମାଳରୁ ଉଦ୍ଧାର କରାଯାଇଥିଲା । ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଏକରକମର ସ୍ପଷ୍ଟ ହୋଇଥିଲା ।

ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ନ ହେବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ତୁରନ୍ତ ଅଭିଯୁକ୍ତକୁ ଗିରଫ କରି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ଜିଲ୍ଲାର ଆମ୍ବେଦକରବାଦୀ ସଂଗଠନଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦେଇ ପୁଲିସ ପ୍ରଶାସନ ଉପରେ ଚାପ ପ୍ରୟୋଗ କରାଯାଇଥିଲା । ଏଭଳି ସ୍ଥିତିରେ ଏହି ଘଟଣା ପୁଲିସ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଥିଲା ।

ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଅନୁଗୋଳ ପୁଲିସ୍ ପକ୍ଷରୁ ଅପରେସନ୍ 'କୁକୁନ' ଆରମ୍ଭ କରାଯାଇଥିଲା । ଏସ୍‌ପି ଶ୍ରୀ ଜୈନଙ୍କ ନିର୍ଦ୍ଦେଶରେ ୬ଟି ଟିମ୍ ଗଠନ କରାଯାଇଥିଲା । ଅତିରିକ୍ତ ଏସପି ରାଜୀବ ପଣ୍ଡା, ଏସ୍‌ଡିପିଓ ରମାକାନ୍ତ ମହାଲିକଙ୍କ ସହାୟତାରେ ଅଭିଯୁକ୍ତକୁ ଧରିବାରେ ରାଜ୍ୟ ବାହାରକୁ ୩ଟି ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩ଟି ତଦନ୍ତକାରୀ ପୁଲିସ ଟିମ ନିୟୋଜିତ ହୋଇଥିଲେ । ଛେଣ୍ଡିପଦା ଆଇଆଇସି ବିଭୁଦତ୍ତ ରାଉତରାୟଙ୍କ ନେତୃତ୍ୱରେ ଗୁଜରାଟକୁ ତଦନ୍ତକାରୀ ଟିମ ଯାଇଥିବା ବେଳେ ଜରପଡ଼ା ଥାନା ଆଇଆଇସି ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଆନ୍ଧ୍ରପ୍ରଦେଶ ଏବଂ ବଣଁରପାଳ ଥାନା ଏସଆଇ ଅମିତ ମିଶ୍ରଙ୍କ ନେତୃତ୍ୱରେ ତଦନ୍ତକାରୀ ଟିମ ମହାରାଷ୍ଟ୍ର ଯାଇଥିଲେ । ଏମାନଙ୍କ ସମେତ ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସ, ବଣଁରପାଳ ଥାନା ଆଇଆଇସି ଦୁଷ୍ମନ୍ତ ସିଂହ, ସ୍ପେଶାଲ ସ୍କ୍ୱାଡ୍‌ର ଏସ୍‌ଆଇ ଅୟସକାନ୍ତ ଜେନା, ବଣଁରପାଳ ଥାନା ଏସଆଇ ଅମିତ ମିଶ୍ର, ଜରପଡ଼ା ଥାନା ଏସଆଇ ସଞ୍ଜୟ ନାୟକ, ଓପିଏଫ କରୁଣାକର ମୁଣ୍ଡା, ସଞ୍ଜୟ କିଷାନ, ମହେଶ ନାୟକ ପ୍ରମୁଖ ସାମିଲ ଥିଲେ ।

ବିଶୁ ଅପରାଧ ସମ୍ପର୍କରେ ପୁଲିସ ନିକଟରେ ସ୍ୱୀକାର କରିଛି । ଯୁବତୀଙ୍କୁ ତାଙ୍କ ଓଢ଼ଣି ସାହାଯ୍ୟରେ ତଣ୍ଟି ଚିପି ହତ୍ୟା କରିଥିବା ପୁଲିସକୁ କହିଛି । ୩୦ ଦିନ ମଧ୍ୟରେ କୋର୍ଟଙ୍କୁ ଏହି ମାମଲାର ଚାର୍ଜସିଟ୍ ପ୍ରଦାନ କରାଯିବ । ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ପାଇଁ କୋର୍ଟଙ୍କୁ ନିବେଦନ କରାଯିବ ବୋଲି ସାମ୍ବାଦିକ ସମିଳନୀରେ ଏସ୍‌ପି ଶ୍ରୀ ଜୈନ କହିଛନ୍ତି ।

■ ନାବାଳକଙ୍କୁ ଯୌନ ନିର୍ଯାତନା ମାମଲା

## ଦୋଷୀକୁ ୨୫ ବର୍ଷ ଜେଲ

ଝାରସୁଗୁଡ଼ା, ୧୭ ।୫ (ସମିସ): ନାବାଳକକୁ ଅପ୍ରାକୃତିକ ଯୌନ ନିର୍ଯାତନା ମାମଲା ରୁଜୁ ହେବାର ମାତ୍ର ୫୫ ଦିନରେ ରାୟ ପ୍ରକାଶ ପାଇଛି । ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଅଭିଯୁକ୍ତ ଅଜିତ ନାଗକୁ ଦୋଷୀ ସାବ୍ୟସ୍ତ କରି ୨୫ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପୂଜା ଷଡ଼ଙ୍ଗୀ ୨୭ ଜଣ ସାକ୍ଷୀ ଏବଂ ୬୨ଟି ଦସ୍ତାବିଜକୁ ଆଧାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ଏହାସହ ଯୌନ ନିର୍ଯାତନାର ଶିକାର ହୋଇଥିବା ଉଭୟ ନାବାଳକଙ୍କୁ ୮ ଲକ୍ଷ ଟଙ୍କା ଲେଖାଏଁ କ୍ଷତି ପୂରଣ ଦେବାକୁ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ପୃଥୀରାଜ ସିଂ ଦେଓ ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୨୧ ତାରିଖରେ ବ୍ରଜରାଜନଗର ଥାନା ଅଞ୍ଚଳରେ ଅଜିତ ନାଗ ଜଣେ ନାବାଳକଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା କରିଥିଲେ । ପରେ ଅନ୍ୟ ଜଣେ ନାବାଳକଙ୍କୁ ମଧ୍ୟ ଯୌନ ନିର୍ଯାତନା ଦେଇଥିଲା । ଏନେଇ ନାବାଳକଙ୍କ ପରିବାର ପକ୍ଷରୁ ବ୍ରଜରାଜନଗର ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହାପରେ ଗତ ଏପ୍ରିଲ ୧୯ ତାରିଖରେ କୋର୍ଟରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା । ଶନିବାର ବିଚାରପତି ଅଜିତ ନାଗକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛି ।


**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact

**GADHWAL GROUP**
M.: 9437015112

**OFFICE OF THE PRESIDENT(G.B) OF MAYURBHANJ LAW COLLEGE AND ADDITIONAL DISTRICT MAGISTRATE, MAYURBHANJ, BARIPADA**

**ADVERTISEMENT**

Ref. No. 2621/MLC/25 Date. 16.05.2025

Application are invited from eligible candidate with leadership qualities and academic acumen for the post, of the Principal, candidates having good academic records with excellence in research and publication in the peer-reviewed or UGC-listed journals for the post of Associate Professor, candidates possessing excellent academic background, commitment to quality teaching for the post of Assistant Professor and carrying outstanding performance having good Administrative management skill for the post of the office superintendent position. The details along with application format are available in the College website i.e. www.mayurbhanjlawcollege.in. Interested candidates may send their Bio-Data along with all self attested marksheets & certificates in sealed envelope to the Office of the Principal, Mayurbhanj Law College, At/Po-Takatpur, Ps-Baripada, Dist-Mayurbhanj, Pin-757003 within 07days i.e. on or before 24.05.2025 from the date of Advertisement.

President (G.B.),
Mayurbhanj Law College &
Additional District Magistrate, Mayurbhanj

O-171

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
Email ID-ccerwcrayagada@gmail.com

Letter No.912 _/ Date:15.05.2025

1st Corrigendum

In Continuation to this office bid identification No. NCB-06/ RWCRGDA/2025-26 invited vide this office letter No-539 dated-11.04.2025 partial modification of TCN has been made as follows:

| Sl.No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 A.M. to Dt.16.05. 2025 Up to 5.00 P.M. | Extended up to 5.00 PM of 06.06.2025 |
| 2 | Date & time of seeking tender clarification if any | Dt.15.05.2025 Up to 5.00 P.M. | Dt.05.06.2025 Up to 5.00 P.M. |
| 3 | Date & time of opening of tender (Technical Bid) | Dt.17.05.2025 At 11.00 A.M. | Dt.09.06.2025 At 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

Chief Construction Engineer,
Rural Works Circle, Rayagada

OIPR - 25196/11/0013/2526

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ**

OFFICE OF THE PANCHAYAT SAMITI, BHANDARIPOKHARI
At/P.O.- Bhandaripokhari, Dist- Bhadrak, Email- ori-bhandaripokhari@nic.in

Letter No. 3175 Date. 17-05-2025

**TENDER OR CONSTRUCTION OF ADDITIONAL CLASSROOM OF ELEMENTARY & SECONDARY SCHOOL**

1. Name of the Work — Const. of Additional Classroom of Elementary & Secondary School
2. Total No. of Work — 04 Nos
3. Approximate Estimated Cost — As per DTCN
4. Class Contractor — 'C' & 'D'
5. Period of Completion — Six Calendar Months
6. Other Details — The Details are as follows

| Sl. No. | Bid Identification No. | Available Tender Online for bidding | | Last date for receipt of Bids | Date & Time of Opening Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Bid identification no PSB01/2025-26 to PSB 04/2025-26 | 20.05.2025 10 AM | 04.06.2025 5PM | 04.06.2025 5PM | 05.06.2025 10 AM |

1. Further details can be seen from the website portal http://bhadrak.odisha.gov.in
2. Any other changes/ Corrigendum/ Addendum may be seen only in website http://bhadrak.odisha.gov.in

Sd/- Block Development Officer, Bhandaripokhari

L-13

Govt. of Odisha
OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA
E-mail ID – senzsambalpur@gmail.com

"e" -Procurement Notice No- 874 /Agril, Date-15.05.2025
Bid Identification No. : 01/Agril./NZ/2025-26 dt.15.05.2025

The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below (Composite Tender)

1. Nature/Type of the work: As Mentioned in Column - 02
2. Estimated Cost put to Tender- Varies from Rs. 33.23 Lakhs to Rs. 49.99 Lakhs
3. EMD Amount: Varies from Rs. 33,236.00 to Rs. 49,992.00
4. Bid Cost: As Mentioned in Column - 07
5. Period of completion: 06 (Six) Calendar Months Mentioned in Column - 08
6. No. of work (Tender): 03 nos.
7. Class of Contractor: 'C' & 'B' class with valid License as Mentioned in Column - 06
8. Date & Time of availability of bid document in the portal: 19.05.2025 at 10.AM. to Dt.28.05.2025 at 5.00 P.M.
9. Last date / Time for receipt of bids in the portal: Dt.28.05.2025 at 5.00 P.M
10. Date of submission of original documents in the tender box: Dt. 21.05.2025 at 10.AM. to Dt.30.05.2025 at 1.00 P.M. (Working days) only.
11. Date & time of opening of online bids: Dt.31.05.2025 at 10.00 AM & onwards
12. Name and address of the officer inviting Bid: Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006

Sd/- Superintending Engineer (Agril.)
Northern Zone, Sambalpur

OIPR - 01495/11/0006/2526

**NOTICE**

By virtue of an affidavit sworn before the Executive Magistrate (Kaptipda), Udala, Mayurbhanj, dated 13-05-2025 I, Sukadev Naik, Address village- Anlasuli, PO.- Bahanada, PS.- Khunta, Dist- Mayurbhanj, Odisha, Pin-757104 declare that I have changed my Daughter's name from **Devi Naik** to **Debi Naik**. Henceforth, she shall be known as Debi Naik for all purposes.

Sukadev Naik

**AFFIDAVIT**

I Bhabamati Arlaba, D/o Baikuntha Arlaba, D.o.b - 12/12/2008, resident of At - Tansingh Po- Kularsingh,Ps - Padua, Dt-Koraput, odisha , declare by this Affidavit No.592, Dated - 16/05/2025, that now onwards I shall be known as **Bhagabati Arlab**, D/o **Baikuntha Arlab** & D.o.b - 10/11/2006 for all future purpose

**NOTICE**

By virtue of an affidavit sworn before the Executive Magistrate, Udala, Mayurbhanj, dated 16-05-2025, I Samabari Singh, Address W/O- Niranjan Singh, Village- Satapautia, PO- Bangra, PS.- Khunta, Dist- Mayurbhanj, Odisha, Pin- 757074 declare that I have changed my name from **Jingi Singh** to **Samabari Singh**. Henceforth I shall be known as **Samabari Singh** for all purposes.

Samabari Singh

**AFFIDAVIT**

By virtue of an affidavit before the Notary Public, Kendrapara I, Ashok Kumar Malik, S/o Ganeswar Malik, Vill/Po- Benipur, Ps- Nikirai, Dist- Kendrpara, Odisha, Pin- 754292 declare that my name has been mentioned as **Raghunath Malik** instead of **Ashok Kumar Malik** in my postal savings bank passbook. Henceforth I shall be known as **Ashok Kumar Malik** for all future pruposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 81 dt. 13.05.205 I, PRUTHWIRAJ JENA resident of At/PO- Raghunathpur, P.S.- Nandankanan, Dist. Khordha, Odisha declare that I have changed my name from **PRUTHWI RAJA JENA** to **PRUTHWIRAJ JENA**. Henceforth I shall be known as **PRUTHWIRAJ JENA** for all purposes.

PRUTHWIRAJ JENA

**AFFIDAVIT**

I, Kinjal Gohil, aged about 24 years, W/o- Mehul Parmar, resident of 107 (6), Railway Station Road, Sai Dhubal Barai Nagar, Po- Balangir, Ps- Balangir, Balangir, Dist- Balangir, Odisha, Pin- 767001, do hereby declare by this affidavit No. 1032, dtd. 16/05/2025, that now onwards I shall be known as **KINJAL PARMAR** for all future purposes.

**AFFIDAVIT**

I, Gopal Krushna Rath, S/o- Udaya Nath Rath, resident of Plot No. 158/753, Duplex-59, Pristine Green, Kokila Resort, Aerodrome Area, Pokhariput, Bhubaneswar-751020, Dist: Khordha, Odisha, declare by this affidavit No. 79 dtd.- 14/05/2025 that now onwards I shall be known as **Gopal Krishna Rath** for all future purposes.

**AFFIDAVIT**

By virtue of an affidavit No, 814 sworn before Executive Magistrate, Dasarathapur, Jajpur on date 25/04/2025. I Smt. Jharana Dash @ Binodini Dash aged 51 years, W/O Amiya Kumar Dash, resident of At- Baishpan, P/O- Malikapur, P/S- Mangalpur, Dist- Jajpur, Odisha. In my LIC Policy No. - 597833694 & My Aadhar No. 7972 3823 7531, my name has been recorded **Jharana Dash** (After marriage) that due to mismatch of my name. Hence I have declared that **Binodini Dash & Jharana Dash** one & Same person for all future purposes.

**NOTICE**

By virtue of an affidavit sworn before the Executive Magistrate, G. B. Nagar, Khunta, Mayurbhanj, dated 17-05-2025, I Rajrajeswari Behera, Address W/O- Hrushikesh Behera, village-Chatursila, PO/ PS.- Khunta, Dist- Mayurbhanj, Odisha, Pin- 757019 declare that I have changed my name from **Rajarajeshwari Behera** to **Rajrajeswari Behera**. Henceforth I shall be known as **Rajrajeswari Behera** for all purposes.

Rajrajeswari Behera

**AFFIDAVIT**

I, Pinki Gupta, aged about 47 years, W/o- Kamal Kumar Jain, resident of Ward No -03, Marwadi Pada, Po- Kesinga, Ps- Kesinga, Dist- Kalahandi, Odisha, Pin- 766012, do hereby declare by this affidavit No.1036, dtd. 17/05/2025, that now onwards I shall be known as **PINKY JAIN** for all future purposes

**AFFIDAVIT**

By virtue of an Affidavit sworn before the Executive Magistrate, Talcher on dtd. 15.05.2025, I Ajaya Kumar Mohanty aged about 40years s/o Bhaskar Chandra Mohanty, Village/po. Saradhapur, P/s. Samala Barrage, Dist. Angul. My daughter Jubuli Mohanty birth certificate issued from Talcher municipality in which my daughter name has been mentioned as Jubuli Mohanty but in her Aadhaar card vide no 663632178701 my daughter name has been mentioned as Anusuya Mohanty which is her nick name. That I do hereby declare that my daughter **Jubuli Mohanty and Anusuya Mohanty** of the above noted address is one and same person and there is no other person's in such name and style except my daughter at our locality.

# ପାଲଟା ଅଭିଯୋଗ ଆଣିଲା ନେତା ସିକ୍ୟୁରିଟି ସର୍ଭିସ

## ■ ଟେଣ୍ଡର ପାଇଁ କୌଣସି ଜାଲିଆତି ହୋଇନି

ମାଲକାନଗିରି, ୧୭।୫(ସମିସ): ଟେଣ୍ଡର ହାତେଇବା ପାଇଁ କୌଣସି ଜାଲିଆତି କରାଯାଇ ନଥିବା ନେତା ସିକ୍ୟୁରିଟି ସର୍ଭିସ ପକ୍ଷରୁ କୁହାଯାଇଛି। ସଂଗଠନ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ କୁହାଯାଇଛଇ ଯେ, ଅନ୍ୟ ଏକ ସଂସ୍ଥା ଦ୍ୱାରା ନେତା ଏଜେନ୍ସି ନାମରେ କରାଯାଇଥିବା ରିଟ ପିଟିସନକୁ ହାଇକୋର୍ଟଙ୍କ ଦ୍ୱାରା ୧୩.୦୫.୨୦୨୫ରେ ରଦ୍ଦ କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ଗାର୍ଡ ହାଉସ୍‌କିପିଂ କର୍ମଚାରୀ ନିଯୁକ୍ତି ପାଇଁ ଟେଣ୍ଡର ପ୍ରକ୍ରିୟାରେ ଅନ୍ୟ ବିଡରମାନଙ୍କ ସହିତ ନେତା ସିକ୍ୟୁରିଟି ସର୍ଭିସ ଅଂଶ ଗ୍ରହଣ କରିଥିଲା। ଆବଶ୍ୟକ ଅଭିଜ୍ଞତା, ସାର୍ଟିଫିକେଟ, ଆଇଟି ରିଟର୍ଣ୍ଣ ଦାଖଲ କରି ଟେଣ୍ଡର କମିଟି ଦ୍ୱାରା ହାଉସ୍ କିପିଂ ଟେଣ୍ଡର ପାଇଁ ଆଦେଶ ମିଳିଥିଲା। ସଂସ୍ଥା ବିରୁଦ୍ଧରେ ବିଗତ ଦିନରେ ସମାଜସେବୀ ଶରତ ବୁରୁଦା ଆଣିଥିବା ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ। ଏ ସମସ୍ତ ଅଭିଯୋଗକୁ ନେଇ ସଂସ୍ଥା ନାମରେ ବିଗତ ଦିନରେ କିଛି ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତୀୟ ରିଟ୍ ପିଟିସନ ନମ୍ବର ୧୩୨୧୭/୨୦୨୫ ଉଚ୍ଚନ୍ୟାଳୟ ଦ୍ୱାରା ଆଦେଶ ସଂଖ୍ୟା ୧ରେ, ତା. ୧୩-୦୫-୨୦୨୫ରେ ରଦ୍ଦ ହୋଇ ଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ନେତା ସିକ୍ୟୁରିଟି ସର୍ଭିସ ବିରୁଦ୍ଧରେ ଆସିଥିବା କଳାତାଲିକାଭୁକ୍ତ ହେବା ଅଭିଯୋଗ ମଧ୍ୟ ଭିତ୍ତିହୀନ। କାରଣ ଏହା ମଧ୍ୟ ହାଇକୋର୍ଟ ଓ ନିର୍ବାହୀ ଅଧିକାରୀ, ମାଲକାନଗିରି ମ୍ୟୁନିସିପାଲ୍‌ଟିଙ୍କ ଦ୍ୱାରା ଖଣ୍ଡନ କରାଯାଇଛି ବୋଲି ଉକ୍ତ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।

## ବେଆଇନ କେନ୍ଦୁପତ୍ର ଚାଲାଣ

# ଅଟକ ପରେ ଗାଡ଼ି ଛାଡ଼ି ଦେଲେ !

କାଲିମେଲା/ପଡ଼ିଆ ୧୭।୫(ସମିସ):



ଗତ ଦୁଇ ସପ୍ତାହ ହେଲା ମାଲକାନଗିରି ଜିଲ୍ଲାରେ ହଜାର ହଜାର ବସ୍ତା କେନ୍ଦୁପତ୍ର କ୍ରୟ କରାଯାଉଥିବା ଦେଖିବାକୁ ମିଳିଛି। କେନ୍ଦୁପତ୍ର ଫଡ଼ି ଗୁଡ଼ିକରୁ ବସ୍ତା ଯୋଗେ କେନ୍ଦୁପତ୍ର ନିକଟସ୍ଥ ଗୋଦାମକୁ ନିଆଯାଉଛି। ଏଥିପାଇଁ ଆବଶ୍ୟକ ଗ୍ରାମସଭା ଟିପି ପଞ୍ଚାୟତ ଅଧିକାରୀଙ୍କ ଠାରୁ ଗ୍ରହଣ କରି ନିଆଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଜିଲ୍ଲାବ୍ୟାପୀ ଏହାର ଖିଲାପ୍ କରାଯାଇ ସମ୍ପୂର୍ଣ୍ଣ ବେଆଇନ ଭାବେ କୋଟି କୋଟି ଟଙ୍କାର କେନ୍ଦୁପତ୍ର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହେଉଛି। ଏହାର ସଦ୍ୟତମ ଉଦାହରଣ ଭାବେ ବୁଧବାର ସନ୍ଧ୍ୟାରେ ମାଟେରୁ ପଞ୍ଚାୟତ ଅନ୍ତର୍ଗତ ପରସନପଲ୍ଲୀ ଗ୍ରାମରେ ଠାବ ହୋଇଥିବା ଦୁଇ କେନ୍ଦୁପତ୍ର ବସ୍ତା ଭରା ପିକ୍ ଅପ୍ ଓ ଗୋଟିଏ ମେଟାଡ୍ରକ୍ ଗାଡି। ଗଣମାଧ୍ୟମ ଜରିଆରେ ସୂଚନା ପାଇ ବନ ବିଭାଗର ଏକ ଟିମ୍ ପରସନପଲ୍ଲୀରେ ଗାଡ଼ି ଗୁଡ଼ିକ ଅଟକାଇ ଯାଞ୍ଚ କରିବାରୁ ତିନୋଟି କେନ୍ଦୁପତ୍ର ବସ୍ତା ଭରା ଗାଡି କୌଣସି ଟ୍ରାନ୍ସଫର୍ ପରମିଟ ନଥିବା ପାଇଥିଲେ। ଏହାପରେ ସ୍ଥାନୀୟ ସରପଞ୍ଚ ଘଟଣା ବାବଦରେ ଅବଗତ ହେବା ପରେ ପଞ୍ଚାୟତ ପକ୍ଷରୁ କୌଣସି ଟିପି ଦେଇ ନଥିବା ସ୍ୱୀକାର କରିଥିଲେ। ତେଣୁ ବନ ବିଭାଗ ପକ୍ଷରୁ ଗାଡ଼ି ଗୁଡିକ ପଡ଼ିଆ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଉଥିଲା। କାଳିମେଲା ରେଞ୍ଜର ମାଟେରୁ ପଞ୍ଚାୟତ ସଦର ମହକୁମାରେ ପହଞ୍ଚି ଗାଡ଼ି ଗୁଡିକ ଯାଞ୍ଚ କରି ପୁଣି ଛାଡ଼ି ଦେଇଥିଲେ। ଦୁଇ ଘଣ୍ଟା ପୂର୍ବେ ବନ ବିଭାଗର ଦୁଇ ଫରେଷ୍ଟଗାର୍ଡ ବେଆଇନ ଭାବେ ଚାଲାଣ ହେଉଥିବା ଯୋଗୁଁ ଜବତ ତାଲିକା ପ୍ରସ୍ତୁତ କରିଥିବା ବେଳେ ରେଞ୍ଜର ଆସିବା ପରେ କିଭଳି ଗାଡି ଗୁଡିକୁ ଛାଡି ଦିଆଯାଇଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ବାବଦରେ କାଲିମେଲା ରେଞ୍ଜର ବିଜୟ କୁମାର ନାୟକଙ୍କୁ ପଚାରିବାରୁ ତାଙ୍କ

### ରେଞ୍ଜରଙ୍କ ଭୂମିକାକୁ ନେଇ ସନ୍ଦେହ

ନିର୍ଦ୍ଦେଶ ମୁତାବକ ବନ ବିଭାଗର ଏକ ଟିମ୍ ପରସନପଲ୍ଲୀରୁ କେନ୍ଦୁପତ୍ର ଗାଡି ପଡିଆ ଅଭିମୁଖେ ଆଣିଥିବା ସ୍ୱୀକାର କରିଥିଲେ। ତେବେ ସେ ମାଟେରୁ ପହଞ୍ଚିବା ବେଳକୁ ଉକ୍ତ ଗାଡି ଗୁଡିକ ନିକଟରେ ସଠିକ କାଗଜପତ୍ର ଥିବାରୁ ଛାଡି ଦିଆଯାଇଥିବା କହିଛନ୍ତି। ଗାଡି ଗୁଡିକୁ ଜବତ କରି ଅଣା ଯାଉଥିବା ବେଳେ କିଭଳି ଅଧା ରାସ୍ତାରୁ ଗାଡି ଗୁଡିକ ପୁଣି ଛାଡି ଦିଆଯାଇଛି ପଚାରିବାରୁ, ପୁନଃ ତଦନ୍ତ କରିବେ ବୋଲି ରେଞ୍ଜର କହିଛନ୍ତି। ଦୁଇ ଘଣ୍ଟା ମଧ୍ୟରେ କେଉଁ ଅଧିକାରୀଙ୍କ ନିରୀକ୍ଷଣରେ ଗାଡି ଗୁଡିକୁ ଟ୍ରାନ୍ସଫର ପରମିଟ ମିଳିଲା କିମ୍ବା କେଉଁ ଉଦ୍ଦେଶ୍ୟ ସାଧିତ ହେବା ପରେ ଗାଡି ଗୁଡିକ ଛାଡି ଦିଆଗଲା ତାହା ରେଞ୍ଜରଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ବର୍ଷ ଖୋଲା ବଜାରରେ ଖରିଦ ପାଇଁ କୌଣସି କମିଟି ଗଠନ ହୋଇନଥିବା ବେଳେ ପଞ୍ଚାୟତ ପକ୍ଷରୁ ଖୋଲାଖୋଲି ଭାବେ ରସିଦ୍ ଦିଆଯାଇ କେନ୍ଦୁପତ୍ର କ୍ରୟ କରାଯାଉଛି। ଏହି କେନ୍ଦୁପତ୍ର ଚାଲାଣ ବେଳେ ସଠିକ ନିୟମ ପାଳନ କରାଯାଉ ନଥିବାରୁ ବ୍ୟବସାୟୀ ମାନେ ଖୋଲା ବଜାର ଆଳରେ ପଡୋଶୀ ରାଜ୍ୟର ପତ୍ର ମିଶାଇ ଗୋଦାମରେ ଗଚ୍ଛିତ କରିବାର ସୁଯୋଗ ସୃଷ୍ଟି ହେଉଛି। କେନ୍ଦୁପତ୍ର ଗାଡ଼ି ଛାଡ଼ା ଯିବା ଘଟଣାର ତଦନ୍ତ ପାଇଁ ଦାବି ହେଉଛି।

# ବିଏସ୍‌ଏନ୍‌ଏଲ ମୋବାଇଲ ସେବା ସୁଧାରିବା ପାଇଁ ଦାବିପତ୍ର



ରାୟଗଡ଼ା, ୧୭।୫(ସମିସ):

ବିଏସ୍‌ଏନଏଲ ମୋବାଇଲ ସେବା ସୁଧାରିବା ନିମନ୍ତେ ରାୟଗଡ଼ା ଟେଲିକମ ଏସ୍‌ଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଗୋରଖପୁର ଗ୍ରାମବାସୀ। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଅନ୍ତର୍ଗତ ଗୋରଖପୁର ପଞ୍ଚାୟତ ଏବଂ ଏହାର ଆଖାପାଖ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଏହି ଅଞ୍ଚଳରେ ବିଏସ୍‌ଏନ୍‌ଏଲ ମୋବାଇଲ ସେବା ଭଲରେ ଚାଲୁଥିଲା। ପଞ୍ଚାୟତ ବାସିନ୍ଦା ସେବାର ଭରପୂର ଆନନ୍ଦ ନେଉଥିଲେ। କିନ୍ତୁ ଗତ କିଛି ଦିନ ହେଲା ଉକ୍ତ ଅଞ୍ଚଳରେ ଜିଓ ସେବା ଆସିବା ପରେ ବିଏସ୍‌ଏନ୍‌ଏଲ୍ ସେବାର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ପଞ୍ଚାୟତ ବାସିନ୍ଦାଙ୍କ ବିଏସ୍‌ଏସ୍‌ଏଲ୍ ନମ୍ବର ବ୍ୟାଙ୍କ, ଆଧାର କାର୍ଡ ସହିତ ଜଡିତ ଥିବାରୁ ଅନ୍‌ଲାଇନ୍ ଦେଣନେଣ ସମୟରେ ବିଏସ୍‌ଏସ୍‌ଏଲ୍ ସେବା ଆସୁନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ବର୍ତ୍ତମାନ ସବୁଆଡ଼େ '୫-ଜି'ର ସେବା ଉପଲବ୍ଧ ଥିବା ବେଳେ ଗୋରଖପୁର ଓ ଆଖପାଖ ପଞ୍ଚାୟତରେ '୪-ଜି' ସେବାରେ ସୀମିତ ରହିଯାଇଛି। '୫-ଜି' ସେବା ନଥିବାରୁ ଇଣ୍ଟରନେଟ୍ ସେବା ପ୍ରଭାବିତ ହେଉଛି। ଗୋରଖପୁର ଓ ଆଖପାଖ ଅଞ୍ଚଳରେ ବିଏସ୍‌ଏସ୍‌ଏଲ୍ ତରଫରୁ '୫-ଜିଜି'ସେବା ଚାଲୁ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗୋରଖପୁର ସରପଞ୍ଚ ଉପସ୍ଥିତ ଥିଲେ।

# ଚନ୍ଦ୍ରପୁର ପଞ୍ଚାୟତ ସମିତି ବୈଠକ



ଚନ୍ଦ୍ରପୁର,୧୭।୫(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ସଦ୍‌ଭାବନା ଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଚନ୍ଦ୍ରପୁର ବ୍ଲକ୍ ଅଧ୍ୟକ୍ଷ କୋଇନ କିମ୍ବାକା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁଜିତ ବ୍ରେଡ଼େକା ଯୋଗ ଦେଇଥିବା ବେଳେ ସାମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ମାଳତୀ ମାଳବିଶୋଇ, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ ଅଧିକ୍ଷକ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ସିଡିପିଓ ଗୀତାରାଣୀ ସାହୁ ଯୋଗ ଦେଇଥିଲେ। ପୂର୍ବ ବୈଠକର ବିବରଣୀ ଭାରପ୍ରାପ୍ତ ଜିପିଇଓ ରାଜେନ୍ଦ୍ର ପାଳ ପାଠ କରିଥିଲେ । ବ୍ଲକ ଅଧ୍ୟକ୍ଷ କୟୀନ କିମ୍ବାକା ସମସ୍ତ ବିଭାଗର ବିଷୟରେ ପଚାରି ବୁଝିଥିଲେ। ସମିତି ସଭ୍ୟ ଆକୁ ମାଝୀ ଶିକ୍ଷା ବିଭାଗ ଦ୍ୱାରା ପିସ୍କାପାଙ୍ଗା ପଞ୍ଚାୟତ ଗେଣ୍ଡାବାଜୁ ଗ୍ରାମରେ ଦୀର୍ଘ ବର୍ଷ ହେବ ଛାତ୍ରୀବାସ ତିଆରି ହୋଇ ସ୍କୁଲ କାମରେ ନ ଲଗାଇବାରୁ ଭୂତକୋଠି ପାଲଟିଛି ବୋଲି କହିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ସେ ଦାବି କରିଥିଲେ। ସେହିପରି ଆରଡି ବିଭାଗର କୌଣସି କର୍ମଚାରୀ ଆସିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପିଓ ମାର୍ସଲ ପ୍ରଧାନ ମୁନିଗୁଡା ଓ ଚନ୍ଦ୍ରପୁର ଦୁଇଟି ବ୍ଲକ ଦାୟିତ୍ୱରେ ଅଛନ୍ତି। ଦାୟିତ୍ୱ ନେବା ଦିନ ଠାରୁ ଚନ୍ଦ୍ରପୁର ବ୍ଲକରେ ମନରେଗା କାମ ବାଧାପ୍ରାପ୍ତ ହେଉଛି ଏବଂ କେବେ ମଧ୍ୟ ଆସୁନାହାନ୍ତି ବୋଲି ବ୍ଲକ ଅଧ୍ୟକ୍ଷାଙ୍କୁ ଅଭିଯୋଗ କରିଥିଲେ। ଚନ୍ଦ୍ରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୌଦାମିନୀ ମାଳବିଶୋଇ ଚନ୍ଦ୍ରପୁର ବ୍ଲକ୍ ଟପ୍ପର ହୋଇ ବି (୧) ସ୍ଥାନ ଅଧିକାର କରିଥିବା ଅତିରିକ୍ତ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ କହିଛନ୍ତି। ଜିପିଓ ଶ୍ରୀ ପାଳ ଧନ୍ୟବାଦ ଦେଇଥିଲେ।

# ଧନ୍ୟବାଦ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡ଼ା, ୧୭।୫(ସମିସ): ଓଡ଼ିଶା ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା କରିଥିବାରୁ ରାୟଗଡ଼ା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ଓ ବିଜେପି କମିଟି ପକ୍ଷରୁ ଧନ୍ୟବାଦ କାର୍ଯ୍ୟକ୍ରମ ଆସନ୍ତା ମେ ୨୩ ତାରିଖରେ ରାୟଗଡ଼ାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିଅମ୍ ଠାରେ ଅନୁଷ୍ଠିତ ହେବ। ବିଜେପି କୃଷକ ମୋର୍ଚ୍ଚା ତରଫରୁ ପ୍ରସ୍ତୁତି ବୈଠକ ଶିରିଗୁଡା ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପ ସଭାପତି ବିପଦ ଭଂଜନ ଦାସଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ, କାଳିରାମ ମାଝୀ, ବସନ୍ତ ଉଲାକା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁମନ୍ତ କୁମାର ମହାରଣା, ରଜତ ମାଦଲା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଜଗନ୍ନାଥ ନୁଣ୍ଡରୁକା , ୟାଲ୍ଲା କଣ୍ଡାବାବୁ, କୃଷ୍ଣପଣ୍ଡା, କେ.ଅଶ୍ୱିନି, ପ୍ରଶାନ୍ତ ପଟ୍ଟନାୟକ, ରଞ୍ଜନା ଉପାଧ୍ୟାୟ, ଶିବ ଉଲାକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ● ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସର ରକ୍ତଦାନ ଶିବିର

# ୩୪ ୟୁନିଟ୍ ରକ୍ତ ସଂଗୃହିତ



ରାୟଗଡ଼ା,୧୭।୫(ସମିସ): ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକଙ୍କ ଅଧ୍ୟକ୍ଷତାରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଯୁବ କଂଗ୍ରେସ ସଭାପତିଙ୍କ ଆଦେଶ କ୍ରମେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଭାରତର ଯବାନଙ୍କ ପରାକ୍ରମକୁ ସମ୍ମାନ ଜଣାଇବା ପାଇଁ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତିଙ୍କ ସହିତ ଜିଲ୍ଲା ଯୁବ କଂଗ୍ରେସ ଉପ ସଭାପତି ଅଶୋକ ପୁଆଲା, ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା ଉପସ୍ଥିତ ରହି ଏହି ରକ୍ତଦାନ ଶିବିର ପରିଚାଳନା କରିଥିଲେ। ସମୁଦାୟ ୩୪ ୟୁନଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହେଲେ ଶରତ କୁମାର ନାଏକ, ବିଜୟ କୁମାର ବାହାଦୁର ଓ ସୀମା ରାଜେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ● ଯୁଗ୍ମ ଅଭିଯୋଗ ଶୁଣାଣି

# ଅନ୍‌ଲାଇନ୍‌ରେ ଅଭିଯୋଗ କରିପାରିବେ ଜନସାଧାରଣ

କୋରାପୁଟ,୧୭।୫(ସମିସ): କୋରାପୁଟ ଜିଲ୍ଲାରେ ଚଳିତ ମାସ ୧୯ ତାରିଖ ରେ ଲମତାପୁଟ ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହା ସକାଳ ୭ ଘଟିକାରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍‌ଲାଇନ ମାଧ୍ୟମରେ ବ୍ୟକ୍ତି ବିଶେଷ ମାନେ ନିଜ ଅଭିଯୋଗ ଶୁକ୍ରବାର ଦିନ ୧୧ ଘଟିକା ଠାରୁ ଶନିବାର ରାତ୍ର ୧୧. ୫୯ ମିନିଟ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଅଗ୍ରିମ ସ୍ଲଟ ପଞ୍ଜିକରଣ କରିପାରିବେ। ଜନସାଧାରଣ ପଞ୍ଜିକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶା ଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇ ପାରିବେ ପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ

# ରୋଗୀସେବା ବାଧାପ୍ରାପ୍ତ

ପଦ୍ମପୁର,୧୭।୫(ସମିସ):

ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍‌ର ୧୩ ଟି ପଞ୍ଚାୟତର ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଏକମାତ୍ର ସାହାଭରସା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ହେଲେ ଦୀର୍ଘ ଦିନ ଧରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଅଭାବ ଲାଗି ରହିଛି। ଅନ୍ୟ ପଟେ କର୍ମଚାରୀ ଓ ଡାକ୍ତର ମାନଙ୍କୁ ଅନ୍ୟତ୍ର ପଠାଇ ଦିଆଯିବା ଯୋଗୁଁ ରୋଗୀ ସେବା ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪ଜଣ ଡାକ୍ତର,୧୬ଜଣ ଷ୍ଟାଫ୍ ନର୍ସ ରହିବା କଥା। ମାତ୍ର ୬ଜଣ ଡାକ୍ତର ଓ ୫ଜଣ ଷ୍ଟାଫ୍ ନର୍ସ କାର୍ଯ୍ୟ କରୁଛନ୍ତି। ଗୁଣପୁର ସବ୍‌ଡିଭିଜନ ମେଡିକାଲକୁ ଏହି ଡାକ୍ତରମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମାସର ଅଧାଦିନ ଡେପୁଟେସନ୍‌ରେ ଯିବାକୁ ପଡୁଥିବାରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଦେଖା ଦେଇଛି। ଏହି ମେଡିକାଲରେ ୫ଜଣ ଷ୍ଟାଫ୍ ନର୍ସଙ୍କ ସହ ୨ଜଣ ଏଏନ୍‌ଏମ୍ କାର୍ଯ୍ୟ କରିଥିଲେ। ହେଲେ ବ୍ଲକ୍‌ର ଗୁଲୁଗୁଡ଼ା ଗ୍ରାମ ଓ ନୂଆଗଡ଼ ଗ୍ରାମ ସବ୍ ସେଣ୍ଟର୍‌ରେ ଏଏନ୍‌ଏମ୍ ପଦବୀ ଖାଲି ଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଦୁଇ ଜଣ ଏଏନ୍‌ଏମ୍‌ଙ୍କୁ ସେଠାକୁ ପଠାଇ ଦିଆଯାଇଛି। ଫଳରେ ୧୬ଜଣ ଷ୍ଟାଫ୍ ନର୍ସଙ୍କ ସ୍ଥାନରେ କେବଳ ୫ଜଣ ଷ୍ଟାଫ୍ ନର୍ସ କାର୍ଯ୍ୟ ତୁଲାଉଛନ୍ତି। ଏଲ୍‌ଏଚ୍‌ଭି ଅବସର ପରେ ପଦବୀ ଦୀର୍ଘ ୩ ବର୍ଷ ହେଲା ଖାଲି ପଡିଥିବା




ବେଳେ ଜଣେ ଏଏନ୍‌ଏମ୍ ଦାୟିତ୍ୱ ତୁଲାଉଛନ୍ତି। କିରାଣୀ ପଦବୀ ଖାଲି ପଡିଥିବା ବେଳେ ଦାୟିତ୍ୱରେ ଅନ୍ୟ ଜଣେ ଦୀର୍ଘ ଦୁଇ ବର୍ଷ ହେଲା ତୁଲାଉଛନ୍ତି। ସେହିପରି ପ୍ରତ୍ୟେକ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହି ମେଡିକାଲରେ କେବଳ ୨ଜଣ ସିକ୍ୟୁରିଟି ଗାର୍ଡ୍ କେବଳ ଦିନରେ ଓପିଡି ସମୟରେ କାର୍ଯ୍ୟ କରୁଛନ୍ତି। ରାତିରେ ସୁରକ୍ଷା କର୍ମୀ ନଥିବାରୁ ଡାକ୍ତରୀ ଓ ମହିଳା ଷ୍ଟାଫ ନର୍ସ ମାନେ ଅସାମାଜିକ ଲୋକମାନଙ୍କର ଆକ୍ରୋଶର ଶିକାର ହେଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ଷ୍ଟାଫ୍ ନର୍ସ ମାନେ କହିଛନ୍ତି। ସ୍ପେଶାଲିଟି ଡାକ୍ତର ନଥିବାରୁ ବହୁତ ସମୟରେ ରୋଗୀ ଆନ୍ଧ୍ର ପ୍ରଦେଶର ବେସରକାରୀ ମେଡିକାଲକୁ ଯାଇ ଅଯଥା ଶୋଷଣର ଶିକାର ହେଉଛନ୍ତି। ଏହି ମେଡିକାଲରେ କୌଣସି ବିଶେଷଜ୍ଞ ଡାକ୍ତର ନଥିବାରୁ ପଦ୍ମପୁର ଅଞ୍ଚଳରେ କ୍ୱାର୍କ ବା ନକଲି ଡାକ୍ତର, ମେଡିକାଲ ଷ୍ଟୋର ଓ ପାଥୋଲୋଜି ସେଣ୍ଟର ମାଲିକ ଡାକ୍ତର ସାଜି ରୋଗୀଙ୍କୁ ଶୋଷଣ କରୁଥିବା ବେଳେ ସବୁ ଜାଣି ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ରହୁଛନ୍ତି। ସରକାର ଏହି ହସ୍ପିଟାଲରେ ଖାଲି ପଡ଼ିଥିବା ପଦବୀକୁ ପୂରଣ କରିବାକୁ ଦାବି ହେଉଛି।

# କଞ୍ଚା ଇଟା କାଠ ବାଉଁଶ ଘର ଡଙ୍ଗରିଆ କନ୍ଧଙ୍କ ପସନ୍ଦ

କଲ୍ୟାଣସିଂହପୁର,୧୭।୫(ସମିସ): ସମୃଦ୍ଧ ଓଡ଼ିଶାର ନୂତନ ଲକ୍ଷ୍ୟ ନେଇ ରାଜ୍ୟ ସରକାର "ବିକଶିତ ଗାଁ, ବିକଶିତ ଓଡ଼ିଶା'ର ଶୁଭାରମ୍ଭ କରିଛନ୍ତି। ହେଲେ ରାୟଗଡ଼ା ଜିଲ୍ଲାର ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ନିକଟରେ ଏବେ ବି ବିକଶିତ ଭାରତର ବାର୍ତ୍ତା ପହଞ୍ଚି ପାରିନାହିଁ। କଚ୍ଚା ଘରକୁ ପକ୍କା କରିବାକୁ ରହିଥିବା ବେଳେ ଆବାସ ଯୋଜନା ଏବେ ବି ସେମାନଙ୍କ ପାଇଁ ଅପହଞ୍ଚ। ଏଣୁ ପାରମ୍ପରିକ କଞ୍ଚା ଇଟାରେ ନିର୍ମାଣ କରିଥିବା ଘରକୁ ସେମାନେ ଛାଡ଼ି ପାରିନାହାନ୍ତି। ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର, ବିଷମ କଟକ ଓ ମୁନିଗୁଡା ବ୍ଲକରେ ଏବେ ବି ବିରଳ ଜନଜାତି ଡଙ୍ଗରିଆ କନ୍ଧ ବସବାସ କରି ଆସୁଛନ୍ତି। ଏହି ବର୍ଗର ଲୋକେ ନିଜେ କଞ୍ଚା ଇଟା ତିଆରି ଘର କରି ସେଥିରେ ରହୁଥିବା ଦେଖିବାକୁ ମିଳୁଛି। ଲୋକେ ପୂର୍ବେ ଛଣ ଛପର କରି କାଠ ଓ ବାଉଁଶରେ କାନ୍ଥ ନିର୍ମାଣ କରି ଘରେ ରହୁଥିଲେ।



ହେଲେ ସମୟର ପରିବର୍ତ୍ତନ ଯୋଗୁ ବର୍ତ୍ତମାନ ଆଜ୍‌ବେଷ୍ଟ ଓ ଟିଣ ଛପର କରୁଛନ୍ତି। ପୂର୍ବଭଳି ଛଣ ମିଳୁନଥିବାରୁ ଆଜବେଷ୍ଟସ୍ ଓ ଟିଣ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ରାୟଗଡା ଜିଲ୍ଲାର ତିନି ବ୍ଲକ ଓ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ପ୍ରାୟ ୧୧୨ଗାଁରେ ବସବାସ କରୁଥିବା ଜନଜାତିଙ୍କ ପାଇଁ ଏହି ଘର ହିଁ ଭରସା ବୋଲି କହିଛନ୍ତି। ଗ୍ରାମ ଗୁଡାକ ଦୁର୍ଗମ ପାହାଡ ଉପରେ ରହୁଥିବାରୁ ରାସ୍ତା ନଥିବା ଓ ବଡ଼ବଡ଼ ଘାଟି ଉପରେ ରହୁଥିବାରୁ ଘର କରଣା ସାମଗ୍ରୀ ନେବା ଆଣିବା ଅସୁବିଧା ଯୋଗୁଁ ପୋଡା ଇଟା ଚିପ୍ସ ନେବାରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ବାଲି, ଇଟା, ଲୁହାଛଡ଼ ନେବା ଆଣିବା ପାଇଁ ଅଧିକ ଖର୍ଚ୍ଚ ହେବାକୁ ପଡୁଥିବାରୁ ଘର କରିବା କଷ୍ଟକର ହୋଇ ପଡିଛି ଏମାନଙ୍କ ପାଇଁ। ଗତ କୋଡିଏ ବର୍ଷ ପୂର୍ବେ ନିୟମଗିରି ଡଙ୍ଗରିଆଙ୍କୁ ତତ୍କାଳୀନ ଜିଲ୍ଲାପାଳ ବିଷ୍ଣୁପଦ ସେଠି ପ୍ରତି ଘରକୁ ମାଗଣା ଟିଣ ଯୋଗାଇ ଥିଲେ ମଧ୍ୟ ଅନେକ ରାସ୍ତା ସମସ୍ୟା ପାଇଁ ସେତେବେଳେ ବିକ୍ରି କରିଦେଇଥିଲେ। କିନ୍ତୁ ସେ ସମୟ ଆଉ ନାହିଁ। ରାସ୍ତା ନିର୍ମାଣ ହୋଇଛି। ଗାଡ଼ି ଚାଲିଲା। ଘର ବି ଅନେକଙ୍କୁ ମିଳିଛି। ସରକାର ଜନମନ ଯୋଜନାରେ ଦୁଇ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ବି ଘର କରିବା ପାଇଁ ଉକ୍ତ ଟଙ୍କା ନିଅଣ୍ଟ ପଡୁଛି। ବିଲ୍ ପାଇଁ ହନ୍ତସନ୍ତ ହେବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି ଡଙ୍ଗରିଆ ମାନେ। ଡଙ୍ଗରିଆଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ଡିକେଡିଏ ପ୍ରକଳ୍ପ ୧୯୮୬ ମସିହାରେ ଆରମ୍ଭ ହୋଇ ଚାଳିଶି ବର୍ଷ ବିତିଯାଇଥିଲେ ମଧ୍ୟ ବିକାଶର ଛାପ ବହୁ ଦୂରରେ କହିଲେ ଭୁଲ ହେବ ନାହିଁ। ଅନେକ ଡଙ୍ଗରିଆ ଅଛନ୍ତି ଆବାସ ଯୋଜନାରେ ପକ୍କା ଘରଟିଏ କରି ପାରିନାହାନ୍ତି। କଞ୍ଚା ଇଟା ମାଟିରେ ନିର୍ମାଣ ଘରେ ସ୍ତ୍ରୀ ଓ ପିଲାଛୁଆ ଚାରି ଜଣଙ୍କୁ ନେଇ ରହୁଛନ୍ତି। ଏଭଳି ଘରେ ରହି ସେମାନେ ଖୁସିଥିବା କହନ୍ତି। ଶୀତ ସମୟରେ ବେଶି ଥଣ୍ଡା ଲାଗେ ନାହିଁ କି ଖରା ସମୟରେ ବେଶି ଗରମ ମଧ୍ୟ ହୁଏ ନାହିଁ। ଇଟା ମାଟି କାଠ ବାଉଁଶ ଘର ଶୀତତାପ ନିୟନ୍ତ୍ରିତ ଭଳି କାମ କରିଥାଏ। ତା'ଛଡ଼ା, ଏହି ଘରେ ବିଭିନ୍ନ ପର୍ବ ପର୍ବାଣିରେ ରଙ୍ଗ ଦେବା ପାଇଁ ରଙ୍ଗମାଟି, କଳାମାଟି ଓ ଧଳା ପଥରକୁ ଚୂନାକରି ରଙ୍ଗ ଦିଆଯାଏ। ଘର ଭିତରେ ଆସବାବପତ୍ରଠାରୁ ଆରମ୍ଭ କରି ଧାନ ଚାଉଳ ଆଦି ରଖିବା ପାଇଁ ବାଉଁଶରେ ତିଆରି ଡାଲା କିମ୍ବା ଗୁଲି କରି ଖାଦ୍ୟ ସାମଗ୍ରୀ ରଖି ଥାନ୍ତି। କେନ୍ଦ୍ର ସରକାର ଜନଜାତିଙ୍କ ପାଇଁ ଅନେକ ଯୋଜନା କରିଥିଲେ ମଧ୍ୟ ସରକାରୀ କଳରେ ଅବହେଳା, ସରକାରୀ ବାବୁଙ୍କ ଅନିଚ୍ଛା ପାଇଁ ଜନଜାତି ଡଙ୍ଗରିଆ ବିକାଶର ଦ୍ୱାରରେ ପହଞ୍ଚି ପାରିନାହାନ୍ତି। ବ୍ଲକ ପ୍ରଶାସନ ଓ ସ୍ୱତନ୍ତ୍ର ଅଧିକାରୀଙ୍କ ଆଡୁଆଳରେ ରହିଯାଇଛନ୍ତି ଡଙ୍ଗାରିଆ ମାନେ। ସେମାନଙ୍କ ଜବ୍‌କାର୍ଡର ଉନ୍ନତିକରଣ ହୋଇନଥିବାରୁ କାର୍ଯ୍ୟ କରିଥିବା ବିଭିନ୍ନ ଯୋଜନାର ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନଥିବାରୁ ନିରାଶ ହୋଇ ପଡିଛନ୍ତି ଡଙ୍ଗରିଆ ମାନେ।

# ରାୟଗଡ଼ା ଜିଲ୍ଲା ଅଣ୍ଡର-୧୯ କ୍ରିକେଟ୍ ଟିମ୍ ମନୋନୀତ



ରାୟଗଡ଼ା,୧୭।୫(ସମିସ):

ଆସନ୍ତା ୧୮ ତାରିଖରେ କଟକ ଠାରେ ଅଣ୍ଡର ୧୯ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହେଉଥିବାରୁ ଆଜି ରାୟଗଡ଼ା ଜିଲ୍ଲା କ୍ରିକେଟ୍ ସଂଘ ତରଫରୁ ୧୯ବର୍ଷର କମ କ୍ରିକେଟ ଦଳକୁ ଚୟନ କରାଯାଇଛି। ଏଥି ନିମନ୍ତେ ସ୍ଥାନୀୟ ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନ ଖେଳ ପଡ଼ିଆରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୫୦ ରୁ ଉର୍ଦ୍ଧ ଖେଳାଳୀ ଅଂଶଗ୍ରହଣ କରିଥିଲେ। ଚୟନ କର୍ତ୍ତା ରୁପେ ପୁରୁଖା କ୍ରିକେଟ ଖେଳାଳୀ କଲ୍ୟାଣି ଆଚାରୀ, ପ୍ରଶାନ୍ତ ତ୍ରିପାଠୀ, ଉମା ପଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ନୁରୁଲ ହାସନ ପ୍ରମୁଖ ଦାୟିତ୍ୱ ସମ୍ପାଦନା କରିଥିଲେ। ଶେଷରେ ଖେଳାଳୀ ମାନଙ୍କ ପ୍ରଦର୍ଶନ ଓ ଦକ୍ଷତା ଆଧାରରେ ଜିଲ୍ଲାର ୧୬ ଜଣ ଖେଳାଳୀଙ୍କୁ ଅଣ୍ଡର ୧୯ ଦଳ ପାଇଁ ମନୋନୀତ କରାଯାଇଥିଲା। ରାୟଗଡା ଜିଲ୍ଲା ଦଳରେ କାଶୀନାଥ ପାତ୍ର(ଅଧିନାୟକ) ସ୍ୱସ୍ତିକ ପାତ୍ର (ଉପ ଅଧିନାୟକ),ଭରତ ପାଲକା, ସଞ୍ଜୟ ବାତଲିଆ,ରୋସନ ବାଗ,କ୍ରୀଷ୍ଣ ପ୍ରସାଦ ପାଢ଼ୀ, ଭି ନିଖିଲେସ, ଟି ଲଳିତ କୁମାର, ଆର ପ୍ରକାଶ ସାହୁ, ଜି ପୂର୍ଣ୍ଣ ଭାସ୍କର, ଗିରିଜା ପାଲକା,ପି ଶ୍ରୀନିବାସ ରାଓ, ମେଲେକା ରାମକ୍ରୀଷ୍ଣ, ଏସ ଚରଣ, ରୁଦ୍ର ପ୍ରସାଦ ପଣ୍ଡା, ରୋହିତ ହୁଇକା ଏବଂ କେ ସାଇ ଚରଣ ତେଜ ଟିମ ପରିଚାଳକ ରୂପେ ମନୋନୀତ ହୋଇଥିବା ନେଇ ଜିଲ୍ଲା କ୍ରିକେଟ ସଂଘର କାର୍ଯ୍ୟକାରୀ ସମ୍ପାଦକ ସଚ୍ଚିଦାନନ୍ଦ ଖଡଙ୍ଗା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ରାତିରେ ଦଳ ବସରେ କଟକ ଅଭିମୁଖେ ଯାତ୍ରା କରିଥିବା ବେଳେ ରାୟଗଡ଼ା ଜିଲ୍ଲା ୧୮ ତାରିଖରେ ପ୍ରଥମ ମ୍ୟାଚ ସୋନପୁର ଦଳକୁ ଭେଟିବେ।

## ସୁପର ସ୍ପେସିଆଲିଟ୍ କ୍ଲିନିକ୍ ଉଦ୍‌ଘାଟିତ



କୋରାପୁଟ,୧୭।୫(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଶନିବାର ସୁପର ସ୍ପେସିଆଲିଟ୍ କ୍ଲିନକ୍ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଡିନ୍ ତଥା ହସ୍ପିଟାଲ ଅଧିକ୍ଷକ ଡାକ୍ତର ପ୍ରଫେସର ସୁଶାନ୍ତ କୁମାର ସାହୁ, ହସ୍‌ପିଟାଲ ପ୍ରଶାସନିକ ରେଜିଷ୍ଟ୍ରାର ରଞ୍ଜିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଡିଓଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗର ବିଶେଷଜ୍ଞ ଡାକ୍ତର ମାନେ କ୍ଲିନିକ୍‌କୁ ଆସି ରୋଗୀ ସେବା କରିବେ ବୋଲି ଜଣାପଡିଛି। ଅନ୍ୟ ମାନଙ୍କ ମଧ୍ୟରେ ଭେଷଜ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ସ୍ୱପ୍ନ ଶରିତ ସାହୁ, ହସ୍‌ପିଟାଲ ମ୍ୟାନେଜର ଶୁଭେନ୍ଦୁ ଶେଖର ପଣ୍ଡା, ପ୍ରଭାତ ନଳିନୀ ସ୍ୱାଇଁ ଓ ସଙ୍ଗୀତା ସାମଲ, ଫାର୍ମାସିଷ୍ଟ ଶେଖର ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ହେବା ପରେ ନ୍ୟୁରୋଲୋଜି ଡାକ୍ତର ଅଭିନାଶ ଜାଡ଼ା କ୍ଲିନିକ୍‌ରେ ରୋଗୀମାନଙ୍କର ଚିକିତ୍ସା ଆରମ୍ଭ କରିଥିଲେ।

## ଦୁଇ ସମବାୟ ଅଧିକାରୀଙ୍କ କେସିସି ବ୍ୟାଙ୍କ ପରଦର୍ଶନ



ଜୟପୁର, ୧୭।୫ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଦର୍ଶନ କରିଛନ୍ତି ସମବାୟ ସମିତି ବ୍ୟାଙ୍କ ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ, ଯୁଗ୍ମ ସମ୍ପାଦକ ସଂଗ୍ରାମୀ କେଶରୀ ରାଉତ। ଉଭୟ ଅଧିକାରୀ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟ ଓ ଯୋଜନା ଉପରେ ଆଲୋଚନା କରିଥିଲେ। ଗତକାଲି ପୂର୍ବାହ୍ନରେ ସେମାନେ ବ୍ୟାଙ୍କରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଏବଂ ଉନ୍ନତି କରିବା ନେଇ ଆଲୋଚନା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କ ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜୟପୁର ସମବାୟ ବିଭାଗର ଉପ ନିବନ୍ଧକ ଭୀମସେନ ସାହୁ, ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ବ୍ୟାଙ୍କ ସହକାରୀ ସାଧାରଣ ପରିଚାଳକ ହରଶ୍ଚନ୍ଦ୍ର ବନାଗାଡି, ପରିଚାଳନ କମିଟିର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

■ ଭୁବନେଶ୍ୱର ସାଇବର ପୁଲିସର ଠକେଇ ମାମଲା

## ଜୟପୁରରୁ ୨ ଅଭିଯୁକ୍ତ ଗିରଫ

ଜୟପୁର, ୧୭।୫ (ସମିସ) : ଭୁବନେଶ୍ୱର ସାଇବର ପୁଲିସ ପକ୍ଷରୁ ଗତକାଲି ରାତିରେ ଠକେଇ ମାମଲାରେ ଜୟପୁର ସହରର ଗଙ୍ଗାନଗର ଅଞ୍ଚଳର ଦୁଇ ଅଭିଯୁକ୍ତଙ୍କ ଗିରଫ କରି ଭୁବନେଶ୍ୱରକୁ ନେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ଗଙ୍ଗାନଗରର ବିବେକ ସିଂ (୩୫) ଏବଂ ସିଦ୍ଧାର୍ଥ ପୁଜାରୀ (୨୮)। ଉଭୟ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ୨କୋଟି ୮୦ ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଭୁବନେଶ୍ୱର ସ୍ଥିତ ସାଇବର ସେଲର ଜଣେ ମହିଳା ଅଧିକାରୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ଜୟପୁର ଠାରେ ପହଞ୍ଚି ଟାଉନ ଥାନା ସହାୟତରେ ଦୁଇ ଅଭିଯୁକ୍ତଙ୍କୁ ଗଙ୍ଗାନଗର ସ୍ଥିତ ସେମାନଙ୍କ ଘରରୁ ଉଠାଇ ଆଣି ଟାଉନ୍ ଥାନାରେ ରାତିରେ ରଖି ପଚରାଉଚରା ପରେ ଗିରଫ କରିଥିଲେ। ଜୟପୁର ସହରରେ ଆଉ କିଛି ଯୁବକ ଏଥିରେ ସାମିଲ ରହିଥିବା ନେଇ ସନ୍ଦେହ କରାଯାଉଛି। ଏ ନେଇ ଜୟପୁର ଏସ୍‌ଡିପିଓ ପାର୍ଥ କାଶ୍ୟପ ଜଗଦିଶ ପ୍ରକାଶ କରିଛନ୍ତି ଯେ, ଏହି ମାମଲା ଭୁବନେଶ୍ୱର ସାଇବର ସେଲରେ ଅଭିଯୋଗ ହୋଇଥିଲା।

## ନାବାଳିକାକୁ ବିବାହ ପରେ ନିର୍ଯାତନା ଅଭିଯୋଗ

ମୈଦଲପୁର, ୧୭।୫ (ସମିସ): ବିବାହର ପ୍ରଲୋଭନ ଦେଖାଇ ପ୍ରଥମେ ବିବାହ ତାପରେ ମାନସିକ ଓ ଶାରୀରିକ ନିର୍ଯ୍ୟାତନା। ନାବାଳିକା ଥିବାବେଳେ ବିବାହ ହୋଇଥିବା ସମୟରେ ପ୍ରଶାସନଙ୍କ ହସ୍ତକ୍ଷେପ ପରେ ଅଲଗା ଥିଲେ। କିନ୍ତୁ ବର୍ତ୍ତମାନ ସାବାଳିକା ହେବା ପରେ ପ୍ରତାରଣା। ନ୍ୟାୟ ପାଇବା ଆଶାରେ ଥାନାର ଦ୍ୱାରସ୍ଥ ହେଲେ ଯୁବତୀ। ମୈଦଲପୁର ଥାନା ଅଞ୍ଚଳର ଜଣେ ନାବାଳିକା ବନ୍ଧଗୁଡା ଗ୍ରାମର ଜଣେ ଯୁବକଙ୍କୁ ଭଲ ପାଇଁ ଦୁଇ ବର୍ଷ ତଳେ ବିବାହ କରିଥିଲେ। ସେତେବେଳେ ନାବାଳିକା ନବମ ଶ୍ରେଣୀରେ ପଢୁଥିଲେ। ବୟସ ହୋଇ ନ ଥିବାରୁ ପ୍ରଶାସନର ହସ୍ତକ୍ଷେପ ପରେ ବୟସ ହେଲେ ବିବାହ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପୁଣିଥରେ ଯୁବକ ଜଣକ ନାବାଳିକାକୁ ଲୋଭ ଦେଖାଇ ଘରକୁ ନେଇଥିଲା। ୧୫ ଦିନ ଘରେ ରଖିଥିବା ବେଳେ ପ୍ରଶାସନର ହସ୍ତକ୍ଷେପ ପରେ ୧୮ ବର୍ଷ ହେଲେ ସରକାରଙ୍କ ନିୟମ ପ୍ରକାରେ ବିବାହ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ପରେ ନିଜ ଉସିଗାଁ ଘରକୁ ଆସିଥିଲେ। ଚଳିତ ବର୍ଷ ଯୁବତୀଙ୍କୁ ୧୮ ବର୍ଷ ହେଉଥିବାରୁ ବିବାହ କରିବାକୁ ଯୁବତୀ ଜଣକ କହିବାରୁ ଯୁବକ ଜଣକ ମନା କରିଥିବା ଥାନାରେ ଅଭିଯୋଗ କରିଛନ୍ତି ଯୁବତୀ।

# ୨୦ ମାଓବାଦୀ ଗିରଫ, ବହୁ ମାଓ ସାମଗ୍ରୀ ଜବତ



ମାଲକାନଗିରି,୧୭।୫ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ମୁଲୁଗୁ ଜିଲ୍ଲାରେ ପୁଲିସକୁ ମିଳିଲା ବଡ଼ ସଫଳତା। ମାଓ ବିରୋଧୀ ଅପରେସନ ଚାଲିଥିବା ବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରା ପଡିଲେ ୨୦ ଜଣ ମାଓବାଦୀ। ଏମାନଙ୍କ ମଧ୍ୟରେ ଜଣେ ଡିଭିସି ମେମ୍ବର ରହିଥିବା ବେଳେ ୫ ଜଣ ଏସିଏମ ମେମ୍ବର ଓ ୧୪ ଜଣ ପାର୍ଟି ମେମ୍ବର ରହିଛନ୍ତି। ମୁଲୁଗୁ ଜିଲ୍ଲାର ବଜେଡ, କନ୍ନାଇଗୁଡେମ ଓ ଭେଙ୍କଟପୁରମ ଅଞ୍ଚଳରେ କୁମ୍ଫି ଅପରେସନ କରୁଥିବା ବେଳେ ପୋଲିସ ଏମାନଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ବନ୍ଧୁକ ସହ ଭାରି ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଯାହା ମଧ୍ୟରେ ରହିଛି ୩ଟି ଇନ୍‌ସାସ ବନ୍ଧୁକ, ୪ଟି ଏସଏଲଆର ବନ୍ଧୁକ, ୫ଟି ଦେଶି ବନ୍ଧୁକ, ୧୬ ଟି ଗୁଳି କେଟରିଜ, ୨ ଟି ଗ୍ରେନେଡ, ୪ ଟି ୱାକି ଟକି, ୬ ଟି ରେଡିଓ, ୯ ଟି ବେଟେରୀ, ୬ ଟି ପେନ ଡ୍ରାଇଭ, ୬ ଟି ମେମୋରି କାର୍ଡ୍ ଓ ୨ ଟି କିଟ୍ ବେଗ ଆଦି ଜବତ ହୋଇଛି। ପଚରା ଉଚୁରା ବେଳେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମୁଲୁଗୁ ଜିଲ୍ଲା ଏସପି ସୂଚନା ଦେଇଛନ୍ତି। ଏହାପରେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ କୁ ବଢାଇ ଦିଆଯାଇଛି।

## ଯୁବତୀଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗ

ଡାବୁଗାଁ, ୧୭।୫ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାରେ ଜଣେ ଯୁବତୀକୁ ଅପହରଣ ପରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଡାବୁଗାଁ ଥାନା ଅଞ୍ଚଳରେ ଗତ ୪ ତାରିଖ ଦିନ ଜଣେ ୧୯ ବର୍ଷୀୟ ଯୁବତୀ ନିଜ ଆଈ ଘରେ ଥିଲେ। ରାତ୍ର ପ୍ରାୟ ୧୦ଟା ସମୟରେ ପରିସ୍ରା କରିବା ପାଇଁ ଘର ବାହାରକୁ ଆସିଥିଲେ। ସେହି ସମୟରେ ପାଖ ଗ୍ରାମର ସିଦ୍ଧାନ୍ତ ପନକା(୨୭) ଯୁବତୀଙ୍କୁ ହଠାତ ଉଠାଇ ନେଇ ସାଙ୍ଗ ସତ୍ୟବାନ ପନକା (୨୭) ସହ ଏକ ମୋଟର ସାଇକଲ ଅପହରଣ କରି କୋଡିଗାଁ ଥାନା ଅଞ୍ଚଳର ଏକ ଗ୍ରାମକୁ ନେଇ ଜଣଙ୍କ ଘରେ ରଖିଥିଲେ। ସେଠାରେ ଯୁବତୀଙ୍କୁ ୨ ଯୁବକ ଦୁଷ୍କର୍ମ କରିଥିଲେ। ଏହାର ୩ ଦିନ ପରେ ୨ ଯୁବକ ଯୁବତୀଙ୍କୁ ଆଣି ଯୁବତୀଙ୍କ ଆଈ ଘର ଗ୍ରାମ ନିକଟରେ ଛାଡ଼ି ଚାଲି ଯାଇଥଲେ। ଯୁବତୀ ଜଣଙ୍କ ସିଦ୍ଧାନ୍ତଙ୍କ ଘରକୁ ଯାଇ ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ଅଡି ବସିଥିଲେ। କିନ୍ତୁ ସିଦ୍ଧାନ୍ତଙ୍କ ପରିବାର ଲୋକେ ଗ୍ରହଣ କରିନଥିଲେ। ୧୬ ତାରିଖ ରାତିରେ ପୀଡ଼ିତ ଯୁବତୀ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୧୦୦/୨୫ ରେ ଏକ ମାମଲା ରୁଜୁ କରାଯାଇଛି। ଶନିବାର ସକାଳୁ ଯୁବତୀଙ୍କର ଡାକ୍ତରୀ ମାଇନା କରାଯାଇଛି। ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ର ଏବଂ ସାଇଣ୍ଟିଫିକ ଦଳ କୋଡିଗାଁ ଥାନା ଅଞ୍ଚଳ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ପୀଡ଼ିତାଙ୍କୁ ଡାବୁଗାଁର ସୁଧାର ଗୃହରେ ରଖାଯାଇଛି।

## ଅନୈତିକ ସମ୍ପର୍କକୁ ନେଇ ମହିଳାଙ୍କୁ ହତ୍ୟା ଘଟଣା: ୩ କୋର୍ଟ ଚାଲାଣ



ଗୁଣୁପୁର, ୧୭।୫(ସମିସ): ଅନୈତିକ ସମ୍ପର୍କରୁ କରଡା ଗ୍ରାମର ରଞ୍ଜିତା କଣ୍ଡାଗିରିଙ୍କୁ ହତ୍ୟା ମାମଲାରେ ଆଜି ତିନିଜଣ ଅଭିଯୁକ୍ତକୁ ଗିରଫ କରି ଗୁଣୁପୁର କୋର୍ଟ ଚାଲାଣ କରିଛି ରାମନାଗୁଡ଼ା ପୁଲିସ୍। ରାମନାଗୁଡ଼ା ଥାନା ଅନ୍ତର୍ଗତ କରଡା ଗ୍ରାମରେ ଗୁରୁବାର ଦିନ ଜଣେ ମହିଳାଙ୍କୁ କାଠ ଫାଳିଆରେ ଆକ୍ରମଣ ହୋଇଥିଲା। ସେଠାରେ ମହିଳା ଜଣକ ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ରାମନାଗୁଡ଼ା ପରେ ଗୁଣୁପୁର ଏହାପରେ ପାରଳାଖେମୁଣ୍ଡି ନେଇଥିଲେ। ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ନେବା ସମୟରେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ୍ ଘଟଣାକୁ ନେଇ ହତ୍ୟା ମାମଲା ରୁଜୁ କରୁ ତଦନ୍ତ ଜାରି ରଖିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମର ସହାୟତା ନେଇ ପୁଲିସ ତଦନ୍ତ କରି ଫେରିଥିଲେ। ରଞ୍ଜିତାଙ୍କୁ ଗତକାଲି ବାଙ୍ଗୀଛକର ବିବାହିତ ଯୁବକ ଅକ୍ଷୟ ପାତିକାଙ୍କ ସହିତ ସମ୍ପର୍କ ରଖିଥିବା କାରଣରୁ ବଡଭାଇ ମାଧବ ପାତିକା ତାଙ୍କ ସହ ତାଙ୍କ ମା' ଦୁଃଖି ପାତିକା ଓ ରାଜବିକ୍ରମପୁର ଗ୍ରାମର ଶଳା ଡମ୍ବ କାଡ୍ରାକା ମିଶି ଆକ୍ରମଣ କରିଥିଲେ। ଅଭିଯୋଗକୁ ନେଇ ପୁଲିସ ତଦନ୍ତ କରି ଯୁବକର ମା' ଦୁଃଖି ପାତିକା ଓ ବଡ଼ଭାଇ ମାଧବ ପାତିକା, ଶଳା ରାଜବିକ୍ରମପୁର ଗ୍ରାମର ଡମ୍ବ କାଡ୍ରାକାକୁ ଗିରଫ କରି ଗୁଣୁପୁର କୋର୍ଟ ଚାଲାଣ କରାଯାଇଛି। ବାଙ୍ଗୀ ଗ୍ରାମର ଅକ୍ଷୟ ପାତୀକା ପୂର୍ବରୁ ରାଜ ବିକ୍ରମପୁର ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଛନ୍ତି। ଅକ୍ଷୟ ଯାହାକୁ ବିବାହ କରିଛନ୍ତି, ସେହି ମହିଳା ଜଣକ ଏହି ବିଷୟ ଜାଣିବା ପରେ ଯୁବକର ପରିବାରକୁ କହିଥିଲେ। ପରିବାର ଲୋକେ ଉତ୍‌କ୍ଷିପ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି।

## ଏନ୍‌ଜିଟି ଛାଟ: ସ୍ୱଷ୍ଟୀକରଣ ରଖିଲେ ଜିଲ୍ଲାପାଳ

କୋରାପୁଟ,୧୭।୫(ସମିସ) ଦେଓମାଳିରେ ବେଆଇନ ଭାବେ ନିର୍ମାଣ କରାଯାଇଛି ୧୦ ଗୋଟି ଇକୋ କଟେଜ। ଏହାକୁ ବେଆଇନ ଦର୍ଶାଇ କଟେଜକୁ ଭାଙ୍ଗିବା ସହିତ ସବୁ ବନାନି ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏନଜିଟି (ନ୍ୟାସନାଲ ଗ୍ରିନ ଟ୍ରିବୁନାଲ )। ଏପରିକି କଟେଜ ନିର୍ମାଣ କରି ପରିବେଶ ନଷ୍ଟ କରୁଥିବା ନେଇ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଓାଲଡ ଲାଇଫ ସୋସାଇଟି ଅଫ ଓଡିଶା ଏନଜିଟିର କୋଲକାତା ସ୍ଥିତ ପୂର୍ବାଞ୍ଚଳ ଜୋନ ରେଞ୍ଚରେ ମାମଲା ଚାଲିଥିଲା। ମାମଲାର ଶୁଣାଣି କରି ଗତ ଶୁକ୍ରବାର ଏନଜିଟି କୋରାପୁଟ ବନ ବିଭାଗ, ଜିଲ୍ଲା ପ୍ରଶାସନଙ୍କ ସହ ବିଭିନ୍ନ ବିଭାଗକୁ ୩ ମାସର ମହଲତ ଦେଇଛନ୍ତି। ମହଲତ ଭିତରେ ସ୍ୱଷ୍ଟୀକରଣ ରଖିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ସେମିଳିଗୁଡା ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ବଳରେ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରିଥିବା ଓ ଅଣ ଜଙ୍ଗଲ କିସମ କିପରି ହୋଇଥିଲା ଇତ୍ୟାଦି ଉପରେ ଜବାବ ରଖିବା ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏ ସଂପର୍କରେ ଏନଜିଟି ଠାରୁ ଚିଠା ପାଇ ସ୍ୱଷ୍ଟ କଲେ କୋରାପୁଟ ଜିଲ୍ଲାପାଳ ଭି କିର୍ତ୍ତୀ ଭାସନ। ଗଣମାଧ୍ୟକୁ ଜିଲ୍ଲାପାଳ କହିଛନ୍ତି ଯେ ନିର୍ମାଣାଧିନ କଟେଜ ଗୁଡିକ କୌଣସି ଜଙ୍ଗଲ ଜମି ଉପରେ କରାଯାଇନାହିଁ। ଜମି ଜଙ୍ଗଲ କିସମରେ ନାହିଁ ଏହାର ସର୍ଭେ ହୋଇନାହିଁ କି କୌଣସି ଜଙ୍ଗଲ କିମ୍ବା ସଂରକ୍ଷିତ ଜଙ୍ଗଲ ସେ ଜମି ଉପରେ ପୂର୍ବରୁ ନଥିଲା। ଏପରିକି ନିର୍ମାଣଧିନ କଟେଜ ଗୁଡିକ ଇକୋ ଟୁରିଜିମ ପାଇଁ ନିର୍ମାଣ କରାଯାଇଛି ଏଥିରେ ସ୍ଲାପ କିମ୍ବା କୌଣସି ସିମେଣ୍ଟ କଂକ୍ରିଟର ବ୍ୟବହାର କରାଯାଇନାହିଁ। ପୂର୍ବରୁ ଏନଜିଟି ଓ ରାଜ୍ୟ ସରକାରଙ୍କୁ ମାମଲା ସଂପର୍କରେ ସ୍ୱଷ୍ଟ ଭାବେ ଜଣାଇ ଦିଆଯାଇଥିଲା ଓ ବର୍ତ୍ତମାନର ଚିଠା ଉପରେ ମଧ୍ୟ ଉପଯୁକ୍ତ ଫର୍ମରେ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

## ଦେଶୀ ମଦ ଜବତ

କୋଷାଗୁମୁଡ଼ା,୧୭।୫(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଦିନ କୋଡ଼ିଙ୍ଗା ଅବକାରୀ ପୁଲିସ ଦୋଳ ଦୁଇଟି ଗ୍ରାମରେ ଚଢ଼ଉ କରି ବିପୁଳ ପରିମାଣରେ ଦେଶୀ ମଦ ଓ ପୋଚ ନଷ୍ଟ କରିଛନ୍ତି। ଚଢ଼ଉରେ କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶରାଜ ସୁନା, ଏଏସ୍‌ଆଇ ହାଲଦାର ଜାନି, ଭାସ୍କର ଖିଲାଡ, ସଦାଶିବ, ଉମେଶ, ରଞ୍ଜିତ ସିଂ ଓ ପ୍ରମଦ କୁମାର ବାଘ ମିଳିତ ଭାବେ ଚିର୍ମା ଓ ବାକଟିଗୁଡା ଗ୍ରାମରେ ଚଢ଼ଉ କରି ଦୁଇଟି ସ୍ଥାନରୁ ଦେଶୀ ମଦ ଓ ମହୁଲ ପଚ ଜବତ ନଷ୍ଟ କରିଛନ୍ତି।

## ବଜ୍ରାଘାତରେ ଜଣେ ଆହତ

ସେମିଳିଗୁଡା, ୧୭।୫ (ସମିସ) : କୋରାପୁଟ ଜିଲ୍ଲାର ସେମିଳିଗୁଡା ଅଞ୍ଚଳର ରାଜୁପୁଟ ଗ୍ରାମରେ ଗତକାଲି ବଜ୍ରପାତ ଯୋଗୁଁ କୋମଲୋଚନ ଖରା (୫୫) ଅଚେତ ହୋଇ ଯାଇଥିଲେ। ତଳ ଜମରେ ଛେଳି ଚରେଇବା ସମୟରେ ଘଟଣା ଘଟି ଥିବା ସୂଚନା ମିଳିଛି। ଖବର ପାଇ ସରପଞ୍ଚ ପୀତାମ୍ବର କିର୍ଶନି କୋମଲୋଚନ ଘରକୁ ଯାଇ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ୬ ଶିଶୁ ଶ୍ରମିକ ଉଦ୍ଧାର




ମାଲକାନଗିରି/କୋରୁକୋଣ୍ଡା, ୧୭।୫(ସମିସ):ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଦୋରଗୁଡ଼ା ଅଞ୍ଚଳରେ ଏକ ବାଦାମ କ୍ଷେତରେ ଶିଶୁ ଶ୍ରମିକଙ୍କୁ କାମକୁ ଲଗାଯାଇଥିବା ସୂଚନା ମିଳିଥିଲା। ଏହି ସୂଚନା ମେଳିବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ନିର୍ଦ୍ଦେଶରେ ସୁପରଭାଜର ସୋନୁ ମଲାଲି ଓ କେଶ୍ ୱର୍କର ମୁଟୋମ ସୋମେଶ ଘଟଣାସ୍ଥଳରେ ପହଞ୍ଚି ଏମଭି ୩୧ ଗ୍ରାମର ପ୍ରତାପ ବିଶ୍ୱାସଙ୍କ ଜମିରୁ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ଥାଉକି ଉକ୍ତ ସମସ୍ତ ଶିଶୁ ଶ୍ରମିକ ଦୀର୍ଘ ଦିନଧରି ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ସ୍ଥାନୀୟ ବାସିନ୍ଦା ସୂଚନା ଦେଇଛନ୍ତି। ଉଦ୍ଧାର ପରେ ଏହି ଶିଶୁମାନଙ୍କୁ ଶିଶୁ କଲ୍ୟାଣ କମିଟିଙ୍କୁ ହସ୍ତାନ୍ତର କରାଯାଇଛି ଓ ଶିଶୁ ଯତ୍ନ ପ୍ରତିଷ୍ଠାନ ପାରିବର୍ତ୍ତନ ଏନଜିଓରେ ରଖାଯାଇଛି। ଏହି ଶିଶୁମାନେ କୋରୁକୋଣ୍ଡା ବ୍ଲକର ନାକାମାମୁଡ଼ି ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମର ବସିନ୍ଦା।ପ୍ରକଳ୍ପ ସଂଯୋଜକ ଶ୍ୟାମ ସାଗରିଆ କହିଛନ୍ତି ଯେ, ଏହି ଶିଶୁମାନଙ୍କୁ ପରବର୍ତ୍ତୀ ସମୟରେ ପାରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ଓ ତାଙ୍କ ପାଇଁ ସରକାରୀ ସହଯୋଗ ଯଥାସମୟରେ ଯୋଗାଇ ଦିଆଯିବ। ଶିଶୁଶ୍ରମିକଙ୍କୁ ନିୟୋଜିତ କରୁଥିବା ମାଲିକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବା କାରଣରୁ ଶିଶୁ ଶ୍ରମିକ କମିବା ପରିବର୍ତ୍ତେ ବଢିବାରେ ଲାଗିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ପାଣିରେ ବୁଡ଼ି ଜଣେ ମୃତ

ନନ୍ଦପୁର, ୧୭।୫ (ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ବନମାଳୀପୁଟ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଦେବ ଗନ୍ଧାନା ଗ୍ରାମ ମଙ୍ଗଳା ଗୁଣ୍ଡା (୫୫) ବର୍ଷ ସକାଳୁ ଶୌଚ ପାଇଁ ଯାଇ ଘରକୁ ଫେରି ନଥିଲେ। ବନ୍ଧରେ ଭାସ ମାନ ଅବସ୍ଥାରେ ତାଙ୍କ ଶବ ଉଦ୍ଧାର କରାଯାଇଛି। ଅଗ୍ନିଶମ ବିଭାଗ ଓ ଆଇସି ନାରାୟଣ ସାହୁ, ଗାଡି ଚାଳକ ଦିଲେଶ୍ୱର୍ ଖଡ଼ିଆ, ଦୁଃଖ ନାସନ୍ ଖାଡ଼ିଆ, ରଞ୍ଜନ ମଲ୍ଲିକ, ବି ଷ୍ଣୁପ୍ରସାଦ ନାୟକ ଘଟଣା ସ୍ଥଳ ପହଞ୍ଚି ଶବ ଉଦ୍ଧାର କରିଥିଲେ।

## ବାଇକ୍ ଚୋରି ଅଭିଯୋଗ

ବୈପାରିଗୁଡ଼ା,୧୭।୫ (ସମିସ): ବୈପାରିଗୁଡ଼ା ସଦର ମହକୁମା ସ୍ଥିତ ତଳ ସାହିରେ ମାକ୍ସ ଅଥର ଗୀଲ୍‌ଙ୍କ ବାଇକ୍‌କୁ ଘର ପାଚେରି ଭିତରୁ ଚୋରି ହୋଇଛି। ବୈପାରିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରୁଥିବା ଜଣା ପଡିଛି।

## ୧୨୮ ଲିଟର ବିଦେଶୀ ମଦ ଜବତ : ୨ ଗିରଫ



ବାଲିମେଳା, ୧୭।୫(ସମିସ): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ଏକ ବଡ ସଫଳତା। ବେଆଇନ ଭାବେ ବିନା ଲାଇସେନ୍ସରେ ଓର୍କେଲ ଥାନା ଅଧିନସ୍ଥ ପୁଷପାଲୀ ଗ୍ରାମର ସୁଦର୍ଶନ ଦାସ ବିଦେଶୀ ମଦ ନେଉଥିବା ନେଇପୋଲିସକୁ ସୂଚନା ପାଇଥିଲା। ଏଏସଆଇ ସୁରେଶ ଚନ୍ଦ୍ର ବିସି ମାଝୀଙ୍କ ନେତୃତ୍ୱରେ ଏକ ଟିମ ପୁଷପାଲୀ ଗ୍ରାମ ନିକଟରେ ସୁଦର୍ଶନଙ୍କୁ ଅଟକାଇ ତାଙ୍କ ନିକଟରେ ଥିବା ୫୬.୨୯ ଲିଟର ବିଦେଶୀ ମଦକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ୧୪୫/୨୫ ରେ ପୋଲିସ ଏକ ମାମଲା ରୁଜୁ କରି ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ମୁରକିଗୁଡା ଗ୍ରାମର ରାଜେନ୍ଦ୍ର ଗୌଡ଼ ନାମକ ଯୁବକ ବିନା ଲାଇସେନ୍ସରେ ବେଆଇନ ଭାବେ ବିପୁଳ ପରିମାଣର ବିଦେଶୀ ମଦ ନେଉଥିବା ସମ୍ପର୍କରେ ପୋଲିସକୁ ସୂଚନା ମିଳବା ପରେ ଏଏସ ଆଇ ଅଜିତ କୁମାର ଟାକ୍ରୀଙ୍କ ନେତୃତ୍ୱରେ ପୋଲିସର ଏକ ଟିମ ତାଙ୍କୁ ମୁରୁକିଗୁଡା ଗ୍ରାମ ନିକଟ ରାସ୍ତାରେ ଅଟକାଇ ତାଙ୍କ ନିକଟରେ ଥିବା ୭୨.୧୦୦ ଲିଟର ବିଦେଶୀ ମଦକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ କେସ ନମ୍ବର -୧୪୫/୨୦୨୫ ରେ ଏକ ମାମଲା ରୁଜୁ କରି ତାଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଥିବା ଏଏସଆଉ ଶ୍ରୀ ଟାକ୍ରୀ ସୂଚନା ଦେଇଛନ୍ତି।

## ଆଦିବାସୀ ସମାଜ ମହାସଂଘର ବୈଠକ

ମାଲକାନଗିରି,୧୭।୫ (ସମିସ): ଜିଲ୍ଲାର ସାମ୍ପ୍ରତିକ ପରିସ୍ଥିତି ଓ ଗୁରୁତ୍ୱପୂର୍ଣ୍ଣ ୩ ଦଫା ଦାବି ନେଇ ଆଦିବାସୀ ସମାଜ ମହାସଂଘ ପକ୍ଷରୁ ମାଲକାନଗିରି ଜିଲ୍ଲା ସଦର ମହାକୁମାସ୍ଥିତ ମାଲ୍ୟବନ୍ତ ଛାତ୍ରବାସ ପରିସରରେ ଜରୁରୀକାଳୀନ ବୈଠକ ଓ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ଉଦେଶ୍ୟ ଥିଲା ଜମି, ଜଳ, ଜଙ୍ଗଲ, ବଞ୍ଚିବାର ଅଧିକାର ସହିତ, ଜଙ୍ଗଲ ଜମି ପଟା ସତ୍ତ୍ୱ ପ୍ରଦାନ, ଜାଲ ଜାତିଗତ ପ୍ରମାଣ ପତ୍ରର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ, ଏମଭି ଗ୍ରାମର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରସ୍ତାବକୁ ଗ୍ରହଣ ନ କରିବା ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ପୂର୍ବତନ ବିଧାୟକ ମାନସ ମାଡକାମୀ, ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଉପଦେଷ୍ଟା ଘନଶ୍ୟାମ ମାଡ଼କାମୀ, ଜିଲ୍ଲା ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି, ଯୁବ ଆଦିବାସୀ ନେତା ଲଳିତ ମାଡକାମି ପ୍ରମୁଖ ଆଦିବାସୀ ନେତା ଓ ୧୧୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ୧୪ଟି ଆଦିବାସୀ ସମାଜ ମୁଖିଆ ଏବଂ ଲୋକ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଟେଲିକମ୍ ସଂସ୍ଥା ସହ ସାଂସଦଙ୍କ ବୈଠକ

# ଦୁର୍ଗମ ଅଞ୍ଚଳରେ ନେଟୱର୍କ ଉପରେ ଗୁରୁତ୍ୱ



ମାଲକାନଗିରି,୧୭।୫ (ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଟେଲିକମ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ମୋବାଇଲ୍ ନେଟୱର୍କର ଆବଶ୍ୟକତା ରହିଛି। କାରଣ ଯୋଗାଯୋଗ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏସବୁର ପୂର୍ଣ୍ଣ ଉପଯୋଗ ହେବ। ଏହି ପରିପ୍ରେକ୍ଷୀରେ ଲୋକସଭା ସାଂସଦ ଇଂ.ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଟେଲିକମ୍ ସଂସ୍ଥାମାନଙ୍କ ସହ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ସବୁ ସ୍ଥାନରେ ମୋବାଇଲ ନେଟୱର୍କ ନାହିଁ। ସ୍ୱାଭିମାନ ଅଞ୍ଚଳ, ବଣ୍ଡାଘାଟି ଓ ପଡିଆ ଭଳି ଅଞ୍ଚଳର ମୋବାଇଲ୍‌ନେଟୱର୍କ ସୁଦୃଢ ନୁହେଁ। ଦୁର୍ଗମ ଅଞ୍ଚଳରେ କିଭଳି ଅବିରତ ମୋବାଇଲ ନେଟୱାର୍କ ସେବା ମିଳିପାରିବ ଏବଂ ଜନସାଧାରଣ ତୁରନ୍ତ ମୋବାଇଲ ନେଟୱାର୍କ ସେବାକୁ ହାତ ପାହାନ୍ତାରେ ପାଇପାରିବେ ତାହା ଉପରେ ସାଂସଦ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ସ୍ୱାଭିମାନ ଅଞ୍ଚଳରେ ଦୁର୍ବଳ ନେଟୱାର୍କର ସୁଦୃଢୀକରଣ ନିମନ୍ତେ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ବିଭିନ୍ନ ଭୂତଳ, ଟେଲିଫୋନ୍ ଭିତ୍ତିଭୂମି ନିର୍ମାଣ ସମୟାନୁଭିତ୍ତିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସାଂସଦ ଆଶା ପ୍ରକାଶ କରିଛନ୍ତି। ଏହି ବୈଠକରେ ଜିଲ୍ଲାରେ କିଭଳି ସମସ୍ତ ଗ୍ରାମରେ ମୋବାଇଲ ନେଟୱର୍କ ଉପଲବ୍ଧ ହେବ ସେ ନେଇ ଆଲୋଚନା କରିବା ସହ ଜିଲ୍ଲାରେ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସ୍ଥାପନ କରୁଥିବା ଜିଓ, ବିଏସଏନ୍‌ଏଲ ମୋବାଇଲ୍ ଟାୱାର ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମାଲକାନଗିରି ଜିଲ୍ଲାରେ ସରକାରଙ୍କ ପକ୍ଷରୁ ରିଲାଇନ୍ସ ଜିଓକୁ ୨୨୪ ଟାୱାର ଓ ବିଏସ୍‌ଏନ୍‌ଏଲ୍‌କୁ ୪୮ ଟି ସ୍ଥାନରେ ଟାୱାର ସ୍ଥାପନ କରିବା ପାଇଁ ଦିଆ ଯାଇଛି। ବର୍ତ୍ତମାନ ସୁଦ୍ଧା ରିଲାଏନ୍ସ ଜିଓ ୧୩୪ ଗୋଟି ସ୍ଥାନରେ ଏବଂ ବିଏସଏନ୍‌ଏଲ ୧୮ ଗୋଟି ସ୍ଥାନରେ ଟାୱାର ସ୍ଥାପନ କରି ସେବା ଯୋଗାଉଥିବା ବେଳେ ବାକି ରହିଥିବା ଟାୱାର ନିର୍ମାଣ କାମ ଆସନ୍ତା ୪ ମାସ ମଧ୍ୟରେ ଉଭୟ ସଂସ୍ଥା ପ୍ରକଳ୍ପ କାମ ଶେଷ କରିବାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ମାଲକାନଗିରି ଜିଲ୍ଲାରେ ଏଲ ଡବ୍ଲୁ ଇ -୧ ପ୍ରକଳ୍ପ ଅଧୀନରେ ନିର୍ମାଣ ହୋଇଥିବା ୨୮ ଗୋଟି ୨ଜି ବିଏସ୍‌ଏନ୍ ଟାୱାରକୁ ଆସନ୍ତା ଦୁଇ ମାସ ମଧ୍ୟରେ ୪ଏ ଟାୱାରରେ ପରିବର୍ତ୍ତନ କରାଯିବ ବୋଲି ସୂଚନା ଦେଇଥିଲା ବିଏସଏନ୍‌ଲ। ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦାସ ମଞ୍ଚାସୀନ ଥିଲେ। ଜିଲ୍ଲାଇ ଗଭର୍ଣ୍ଣାନ୍ସ ମ୍ୟାନେଜର ଶୁଭାଶିଷ ପଟ୍ଟନାୟକ ଜିଲ୍ଲାରେ ଚାଲିଥିବା ଟେଲିକମ ସେବା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୦ ● ପାଉଣ୍ଡ ୧୧୪.୨୪
- ୟୁରୋ ୯୬.୨୯ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୭,୨୦୦ (ଭୁବନେଶ୍ୱର)
- ରୁପା : ୯୮,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୩୩୦.୦୦
- ନିଫ୍ଟି ୨୫,୦୧୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତକୁ ପୁଣି ବଡ଼ ଝଟ୍‌କା ଦେବେ ଟ୍ରମ୍ପ

# ଆମେରିକାରୁ ଟଙ୍କା ପଠାଇବା ମହଙ୍ଗା ହେବ




- ୫ପ୍ରତିଶତ ଟିକସ ଲଗାଇବ ଆମେରିକା ପ୍ରଶାସନ
- ବର୍ଷକୁ ଭାରତର କ୍ଷତି ହେବ ୧୪.୫ ହଜାର କୋଟି
- ଲକ୍ଷେରେ ଅତିରିକ୍ତ ୫ ହଜାର ଟଙ୍କାର ଟିକସ ଦେବାକୁ ପଡ଼ିବ

**ୱାଶିଂଟନ, ୧୭।୫ (ଏଜେନ୍ସି):** ବନ୍ଧୁ କହୁଛନ୍ତି, କିନ୍ତୁ ବଇରୀ ପରି ବ୍ୟବହାର କରୁଛନ୍ତି। ଗୋଟିଏ ପରେ ଗୋଟିଏ କଟକଣା ଲଗାଉଛନ୍ତି। କେତେବେଳେ ଶୁଳ୍କକୁ ନେଇ ଧମକ ଦେଉଛନ୍ତି ତ ଆଉ କେତେବେଳେ ଭାରତରେ ଉତ୍ପାଦନ ୟୁନିଟ ପ୍ରତିଷ୍ଠା ନ କରିବା ପାଇଁ କମ୍ପାନୀଙ୍କୁ ଧମକ ଦେଉଛନ୍ତି। ଏଥିପାଇଁ ବନ୍ଧୁକୁ ବହୁମୂଲ୍ୟ ଦେବାକୁ ପଡୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହ ଏପରି କରୁଛନ୍ତି। ଏବେ ସେ ପୁଣି ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଭାରତୀୟଙ୍କ ପାଇଁ ଘରକୁ ଟଙ୍କା ପଠାଇବାକୁ ସେ ମହଙ୍ଗା କରିବାକୁ ଯାଉଛନ୍ତି। ଆଉଟୱାର୍ଡ ରେମିଟାନ୍ସ ଅର୍ଥାତ୍ ଆମେରିକାରୁ ଅନ୍ୟ ଦେଶକୁ ଟଙ୍କା ପଠାଇବା ଉପରେ ୫ ପ୍ରତିଶତ ଟିକସ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ଯୋଜନା କରୁଛନ୍ତି। ଆମେରିକାରେ ରହୁଥିବା ଭାରତୀୟ ଦେଶକୁ ୩୨ ବିଲିୟନ ଡଲାରରୁ ଅଧିକ ଅର୍ଥ ପଠାଉଛନ୍ତି। ଯଦି ଏଥିରେ ୫ ପ୍ରତିଶତ ଟିକସ ଦେବାକୁ ପଡେ ତେବେ ପ୍ରତି ବର୍ଷ ଭାରତକୁ ଆସୁଥିବା ଟଙ୍କା ଉପରେ ଅତିରିକ୍ତ ୧.୭ ବିଲିୟନ ଡଲାର ଦେବାକୁ ପଡିବ। ଏହା ଦ୍ୱାରା ଭାରତୀୟଙ୍କ ପ୍ରାୟ ୧୪.୫ ହଜାର କୋଟି ଟଙ୍କା କ୍ଷତି ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ପ୍ରସ୍ତାବିତ 'ଦ ୱାନ ବିଗ୍ ବ୍ୟୁଟିଫୁଲ ବିଲ୍'ରେ ଏହି ବ୍ୟବସ୍ଥା ରହିଛି। ଏଥିରେ ଆମେରିକାରେ ରହୁଥିବା ଏଚ୍-୧ ଭିସା ଏବଂ ଗ୍ରୀନ କାର୍ଡ ଧାରକଙ୍କ ଉପରେ ୫ ପ୍ରତିଶତ ଟିକସ ଲଗାଇବାର ପ୍ରସ୍ତାବ ରହିଛି। ୪ କୋଟିରୁ ଅଧିକ ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ିବ। ତେବେ ସର୍ବାଧିକ ଭାରତୀୟ ଏହା ଦ୍ୱାରା ପ୍ରଭାବିତ ହେବେ। ଭାରତୀୟଙ୍କୁ ପ୍ରତି ଲକ୍ଷେ ଟଙ୍କାରେ ଅତିରିକ୍ତ ୫ ହଜାର ଟଙ୍କା ଟିକସ ଦେବାକୁ ପଡିବ। ଏହା ଦ୍ୱାରା ଆମେରିକାରୁ ଆସୁଥିବା ଅର୍ଥ ମଧ୍ୟ ହ୍ରାସ ପାଇପାରେ। ବିଦେଶୀ ମୁଦ୍ରା ଭଣ୍ଡାର ଏବଂ ଘରୋଇ ଚାହିଦା ଉପରେ ପ୍ରଭାବ ପଡ଼ିପାରେ। ରିୟଲ ଇଷ୍ଟେଟ, ଶିକ୍ଷା ଏବଂ ପାରିବାରିକ ଖର୍ଚ୍ଚ ମଧ୍ୟ ପ୍ରଭାବିତ ହୋଇପାରେ। ବିଦେଶ ମନ୍ତ୍ରାଳୟର ରିପୋର୍ଟ ଅନୁଯାୟୀ ଏବେ ଆମେରିକାରେ ୪୫ ଲକ୍ଷ ଭାରତୀୟ ରହୁଛନ୍ତି। ଏଥିରୁ ୩୨ ଲକ୍ଷ ଭାରତୀୟ ବଂଶୋଦ୍ଭବ। ଏମାନେ ନିଜ ଘର ଲୋକଙ୍କୁ କିମ୍ବା ବନ୍ଧୁବାନ୍ଧବଙ୍କ ପାଖକୁ ବର୍ଷକୁ ବିପୁଳ ଟଙ୍କା ପଠାଉଛନ୍ତି। ଏଭଳି ସ୍ଥିତିରେ ଆମେରିକା ପ୍ରସ୍ତାବ ଦ୍ୱାରା ଏହି ଲୋକଙ୍କ ସମସ୍ୟା ବୃଦ୍ଧି ପାଇପାରେ।

ସୂଚନା ଅନୁଯାୟୀ ଗତ ଦଶନ୍ଧିରେ ବିଦେଶରୁ ଭାରତକୁ ଆସୁଥିବା ଅର୍ଥ ଦୁଇ ଗୁଣିତ ହୋଇଯାଇଛି। ୨୦୨୫ ମାର୍ଚ୍ଚରେ ଆସିଥିବା ଆରବିଆଇ ରିପୋର୍ଟ ଅନୁଯାୟୀ ୨୦୧୦-୧୧ରେ ପ୍ରବାସୀ ଭାରତୀୟ ୫୫.୬ ବିଲିୟନ ଡଲାର ଭାରତକୁ ପଠାଇ ଥିଲେ। ୨୦୨୩-୨୪ରେ ଏହା ୧୧୮.୭ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଆମେରିକା, ବ୍ରିଟେନ, ସିଙ୍ଗାପୁର, କାନାଡ଼ା ଏବଂ ଅଷ୍ଟ୍ରେଲିଆ ଭଳି ଦେଶରୁ ସର୍ବାଧିକ ଅର୍ଥ ଭାରତକୁ ଆସୁଛି। ଭାରତକୁ ଆସୁଥିବା ମୋଟ ଅର୍ଥରେ ଏହି ଦେଶଗୁଡିକର ଅଂଶ ଅଧାରୁ ଅଧିକ ରହିଛି। ଉପସାଗରୀୟ ଦେଶ ତୁଳନାରେ ଏହି ଦେଶଗୁଡିକର ଅଂଶରେ ଦ୍ରୁତ ବୃଦ୍ଧି ଦେଖାଦେଇଛି। ଆମେରିକାରେ ରହୁଥିବା ପ୍ରବାସୀ ଭାରତକୁ ସର୍ବାଧିକ ଟଙ୍କା ପଠାଉଛନ୍ତି। ୨୦୨୦-୨୧ରେ ଭାରତକୁ ଆସିଥିବା ଅର୍ଥରେ ଆମେରିକାର ଯୋଗଦାନ ୨୩.୪ ପ୍ରତିଶତ ଥିଲା। ୨୦୨୩-୨୪ରେ ଏହା ୨୭.୭ ପ୍ରତିଶତରେ ପହଞ୍ଚି ଯାଇଛି। ଆମେରିକାରୁ ପ୍ରବାସୀ ଭାରତୀୟ ପ୍ରାୟ ୩୨.୯ ବିଲିୟନ ଡଲାର ପଠାଇ ଥିଲେ। ସୂଚନାଯୋଗ୍ୟ ଯେ ଭାରତ ବିଶ୍ୱର ସର୍ବାଧିକ ରେମିଟାନ୍ସ ପାଉଥିବା ଦେଶ। ବିଶ୍ୱ ବ୍ୟାଙ୍କ ତଥ୍ୟ ଅନୁଯାୟୀ ୨୦୦୮ରୁ ଭାରତ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଆସିଛି। ୨୦୦୧ରେ ବିଶ୍ୱ ରେମିଟାନ୍ସରେ ଭାରତର ଅଂଶ ୧୧ ପ୍ରତିଶତ ଥିଲା। ଏହା ୨୦୨୪ରେ ୧୪ ପ୍ରତିଶତକୁ ପହଞ୍ଚି ଯାଇଛି। ଏହି ବର୍ଷ ପ୍ରମୁଖ ୫ ଦେଶରୁ ଭାରତକୁ ୧୨୯ ବିଲିୟନ ଡଲାର ଆସିଥିଲା। ଏହା ପରେ ମେକ୍ସିକୋ (୬୮ ବିଲିୟନ ଡଲାର), ଚୀନ୍ (୪୮ ବିଲିୟନ ଡଲାର), ଫିଲିପିନ୍ସ (୪୦ ବିଲିୟନ ଡଲାର) ଏବଂ ପାକିସ୍ତାନ (୩୩ ବିଲିୟନ ଡଲାର) ରହିଥିଲା।

### ● ପୁଣି ଟ୍ରମ୍ପଙ୍କ ଦାବି

## ଭାରତ ୧୦୦% ଶୁଳ୍କ ହଟାଇବାକୁ ରାଜି

**ୱାଶିଂଟନ, ୧୭।୫ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତକୁ ନେଇ ବଡ଼ ଦାବି କରିଛନ୍ତି। ଆମେରିକା ସାମଗ୍ରୀ ଉପରେ ଭାରତ ଶତ ପ୍ରତିଶତ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଯାଇଛି ବୋଲି ଟ୍ରମ୍ପ କହିଛନ୍ତି। ଏହା ସହିତ ଖୁବଶୀଘ୍ର ଭାରତ ଏବଂ ୱାଶିଂଟନ ମଧ୍ୟରେ ବାଣିଜ୍ୟ ଚୁକ୍ତି ହେବ ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ତରବରିଆ ଭାବେ ଏହି ଚୁକ୍ତି ସ୍ୱାକ୍ଷର କରିବେ ନାହିଁ ବୋଲି ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି। ଆମେରିକୀୟ ସାମଗ୍ରୀ ଉପରେ ସମସ୍ତ ଶୁଳ୍କ ହଟାଇବା ପାଇଁ ଭାରତ ପ୍ରସ୍ତାବ ଦେଉଛି ବୋଲି ଟ୍ରମ୍ପ ବାରମ୍ବାର ଦାବି କରିଆସୁଛନ୍ତି। ଏହାକୁ ନେଇ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଗୁରୁବାର ନୂଆଦିଲ୍ଲୀରେ କହିଥିଲେ ଯେ ଯେକୌଣସି ବାଣିଜ୍ୟ ଚୁକ୍ତି ପାରସ୍ପରିକ ଭାବରେ ଲାଭଦାୟକ ହେବା ଉଚିତ। ଏହାର ଦୁଇ ଦିନ ପରେ ଟ୍ରମ୍ପ ପୁଣିଥରେ ବିଶ୍ୱର ସର୍ବାଧିକ ଶୁଳ୍କ ନେଉଥିବା ଦେଶ ମଧ୍ୟରେ ଭାରତ ଅନ୍ୟତମ ବୋଲି କହିଛନ୍ତି। ସେ ସାକ୍ଷାତକାରରେ ଭାରତକୁ ସମାଲୋଚନା ମଧ୍ୟ କରିଛନ୍ତି। ଟ୍ରମ୍ପ କହିଥିଲେ ଯେ ସେମାନେ ବ୍ୟବସାୟ କରିବାକୁ ପ୍ରାୟ ଅସମ୍ଭବ କରିଦିଅନ୍ତି। କିନ୍ତୁ ଶତ ପ୍ରତିଶତ ଶୁଳ୍କ ହ୍ରାସ କରିବାକୁ ଭାରତ ରାଜି ହୋଇଛି। ଭାରତ ସହିତ ବାଣିଜ୍ୟ ଚୁକ୍ତି ଶୀଘ୍ର ହେବାକୁ ଯାଉଛି। କିନ୍ତୁ ସେ ଶୀଘ୍ର ହେଉ ବୋଲି ଚାହୁଁନାହାନ୍ତି। ଆଜି ସମସ୍ତେ ଆମେରିକା ସହିତ ଚୁକ୍ତି କରିବାକୁ ଚାହୁଁଛନ୍ତି। କିନ୍ତୁ ସେ କାହା ସହିତ ସାଲିସ କରିବେ ନାହିଁ ବୋଲି ଟ୍ରମ୍ପ କହିଥିଲେ।

## ତୁର୍କୀ ବୟକଟ୍ ଅଭିଯାନ ଜୋର୍‌ଦାର

**ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି):** ପାକିସ୍ତାନକୁ ସମର୍ଥନ କରିଥିବାରୁ ଭାରତରେ ତୁର୍କୀ ବୟକଟ୍ ଅଭିଯାନ ଜୋରଦାର ହୋଇଛି। ଏବେ ଏହି ଦେଶ ବିରୋଧରେ କଠୋର ପଦକ୍ଷେପ ନେବାକୁ ଭାରତୀୟ ଦାବି କରୁଛନ୍ତି। କେବଳ ପର୍ଯ୍ୟଟକ ଯାତ୍ରା ରଦ୍ଦ କରୁନାହାନ୍ତି, ବରଂ ବ୍ୟବସାୟୀ ତୁର୍କୀରୁ ସେଓ ଏବଂ ମାର୍ବଲ ଆଣିବା ବନ୍ଦ କରିଦେଇଛନ୍ତି। ତୁର୍କୀରୁ କୌଣସି ଜିନିଷ ନ ଆଣିବାକୁ ଆହ୍ୱାନ ଦେଇଛନ୍ତି। ଏବେ ପାକିସ୍ତାନକୁ ସମର୍ଥନ ଦେବା ତୁର୍କୀ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ସେହିପରି ଆଜିଓ ଏବଂ ମିନ୍ତ୍ରା ଆଦି ସପିଂ ସାଇଟ ତୁର୍କୀ ସାମଗ୍ରୀ ବିକ୍ରି କରିବା ବନ୍ଦ କରିଦେଇଛନ୍ତି। ତୁର୍କୀ ଏବଂ ଅଜରବୈଜାନ ସହ ବ୍ୟବସାୟ ରଦ୍ଦ କରିବା ପାଇଁ ସିଏଆଇଟି ଶୁକ୍ରବାର ଘୋଷଣା କରିଛି। ଦିଲ୍ଲୀରେ ହୋଇଥିବା ବୈଠକରେ ଦେଶର ୨୪ ରାଜ୍ୟରୁ ଯୋଗ ଦେଇଥିବା ବ୍ୟବସାୟୀ ଏହି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ଗତ ୫ ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ୨୦୨୪ ଏପ୍ରିଲରୁ ୨୦୨୫ ଫେବୃଆରୀ ମଧ୍ୟରେ, ଭାରତ ତୁର୍କୀକୁ ୫.୨ବିଲିୟନ ଡଲାର( ୪୪,୫୦୦ କୋଟି) ମୂଲ୍ୟର ସାମଗ୍ରୀ ବିକ୍ରି କରିଥିଲା। ୨୦୨୩-୨୪ ମସିହାରେ ଏହି ସଂଖ୍ୟା ୬.୬୫ ବିଲିୟନ ଡଲାର (୫୬,୮୭୩ କୋଟି ଟଙ୍କା) ଥିଲା। ଏହି ସମୟ ମଧ୍ୟରେ, ଭାରତ ତୁର୍କୀରୁ ୨.୮୪ ବିଲିୟନ ଡଲାର (ପ୍ରାୟ ୨୪,୩୨୦ କୋଟି ଟଙ୍କା) ମୂଲ୍ୟର ସାମଗ୍ରୀ କିଣିଛି। କିନ୍ତୁ ଆତଙ୍କବାଦକୁ ନେଇ ତୁର୍କୀ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ସହାୟତା ଦେବା ପରେ ତିକ୍ତତା ବୃଦ୍ଧି ପାଇଛି।


## କଳାହାଣ୍ଡିରେ ମହିଳାଙ୍କ ନେତୃତ୍ୱାଧୀନ କ୍ଷୁଦ୍ର ଉଦ୍ୟୋଗକୁ ବେଦାନ୍ତର ପ୍ରୋତ୍ସାହନ




**ଭବାନୀପାଟଣା, ୧୭।୫ (ସମିସ):** ଗ୍ରାମୀଣ ମହିଳାଙ୍କ ମଧ୍ୟରେ ବ୍ୟବସାୟିକ ମନୋଭାବକୁ ପ୍ରୋତ୍ସାହନ ଦେବା ପାଇଁ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ କାର୍ଯ୍ୟ କରୁଛି। କଳାହାଣ୍ଡିର ଗୁଣପୁର ଗ୍ରାମରେ ସକ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀକୁ କମ୍ପାନୀ ସହାୟତାର ହାତ ବଢ଼ାଇଛି। ଚପଲ ତିଆରି, କାଗଜ ପ୍ଲେଟ୍ ଉତ୍ପାଦନ, ଚାଉଳ ମିଲିଂ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇ ମହିଳାଙ୍କ ପାଇଁ ରୋଜଗାରର ପନ୍ଥାକୁ ସୁଦୃଢ କରିବା ସହିତ କ୍ଷୁଦ୍ର ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହନ ଏବଂ ଏହି ଅଞ୍ଚଳର ମହିଳାଙ୍କ ଆର୍ଥିକ ସ୍ୱାଧୀନତା ପାଇଁ ବେଦାନ୍ତ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି।

କମ୍ପାନୀ ତିନୋଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୫ ଜଣ ମହିଳାଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଉପରେ ଏକ ବ୍ୟାପକ କର୍ମଶାଳାର ଆୟୋଜନ କରିଥିଲା। ଏହି କର୍ମଶାଳା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ମାର୍କେଟିଂ ଏବଂ ବିକ୍ରୟ ଦକ୍ଷତା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେଇଥିଲା। ବିଶେଷଜ୍ଞଙ୍କ ଦ୍ୱାରା ମାର୍ଗଦର୍ଶନ କରାଯାଇ ଅଂଶଗ୍ରହଣକାରୀଙ୍କୁ ଆର୍ଥିକ ସହାୟତା ହାସଲ ଦିଗରେ ପ୍ରଭାବଶାଳୀ ଏବଂ ଆତ୍ମବିଶ୍ୱାସର ସହିତ ଉଦ୍ୟୋଗଗୁଡ଼ିକୁ ପରିଚାଳନା କରିବାର ଜ୍ଞାନ ଏବଂ ବ୍ୟବହାରିକ ଦକ୍ଷତା ପ୍ରଦାନ କରାଯାଇଥିଲା। ଏହାକୁ ନେଇ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଥିଲେ ଯେ ମହିଳାଙ୍କ ସ୍ୱପ୍ନ ସାକାର କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। କଳାହାଣ୍ଡି ଏବଂ ସମଗ୍ର ଓଡ଼ିଶାରେ ଆମର ପଦକ୍ଷେପଗୁଡ଼ିକ ଲିଙ୍ଗ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ମହିଳା ଉଦ୍ୟୋଗୀଙ୍କୁ ପୋଷଣ କରିବା ପ୍ରତି ଆମର ଉତ୍ସର୍ଗକୁ ପ୍ରତିଫଳିତ କରେ। ଏକଦା ଯେଉଁ ଅଞ୍ଚଳରେ ମହିଳା ଜୀବନ ବଞ୍ଚାଇବା ପାଇଁ ପିଲାଙ୍କୁ ବିକ୍ରି କରୁଥିଲେ, ସେମାନେ ଏବେ ଆତ୍ମବିଶ୍ୱାସୀ, ଆର୍ଥିକ ଭାବରେ ସ୍ୱାଧୀନ ଏବଂ ପରିବର୍ତ୍ତନକାରୀ ଭୂମିକାରେ ପାଦ ଦେଉଛନ୍ତି। ନିଜ ଜୀବନ ସମେତ ସମଗ୍ର ସମ୍ପ୍ରଦାୟର ଜୀବନକୁ ପରିବର୍ତ୍ତନ କରୁଛନ୍ତି। ବେଦାନ୍ତର ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକ କଳାହାଣ୍ଡିର ୬୭ଟି ଗାଁର ୧.୫ ଲକ୍ଷ ଲୋକଙ୍କ ଏବଂ ସାରା ଓଡ଼ିଶାରେ ୫ ଲକ୍ଷ ଲୋକଙ୍କ ଜୀବନକୁ ସ୍ପର୍ଶ କରିଛି।

## ବଜାରକୁ ଆସିବ ନୂଆ ୨୦ ଟଙ୍କିଆ ନୋଟ୍




**ମୁମ୍ବାଇ, ୧୭।୫ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପୁଣି ୨୦ ଟଙ୍କିଆ ନୂଆ ନୋଟ ଆଣିବାକୁ ଯାଉଛି। ଏହି ନୋଟ୍‌ରେ ମହାତ୍ମା ଗାନ୍ଧୀଙ୍କ ଫଟୋ ସହିତ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ସ୍ୱାକ୍ଷର ରହିବ। ଏହି ନୋଟଗୁଡ଼ିକର ଡିଜାଇନ୍ ମହାତ୍ମା ଗାନ୍ଧୀ ସିରିଜର ନୂଆ ନୋଟ୍ ସହ ସମାନ ରହିବ। ତେବେ ପୂର୍ବରୁ ଥିବା ୨୦ ଟଙ୍କିଆ ନୋଟ୍ ଅକାମୀ ହେବ ନାହିଁ। ଏହା ପୂର୍ବଭଳି ଜାରି ରହିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ଏ ନେଇ ଶନିବାର ବିଜ୍ଞପ୍ତି ଜାରି କରାଯାଇଛି।

## ସାବିତ୍ରୀ ଉପଲକ୍ଷେ ଚାନ୍ଦି ଭଣ୍ଡାରର 'ସଙ୍ଗମ' କଲେକ୍ସନ

**ଭୁବନେଶ୍ୱର, ୧୭।୫ (ସମିସ):** ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ଏକ୍ସକ୍ଲୁସିଭ ସୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି 'ସଙ୍ଗମ' କଲେକ୍ସନ। ଏହି କଲେକ୍ସନରେ ଷ୍ଟର୍ଲିଂ ସିଲଭରରେ ଅତି ଯତ୍ନର ସହ ପ୍ରସ୍ତୁତ ପ୍ରତ୍ୟେକ ମଙ୍ଗଳସୂତ୍ର ପରମ୍ପରା ଏବଂ ସମସାମୟିକ ଆକର୍ଷଣର ମିଶ୍ରଣକୁ ଦର୍ଶାଉଛି। ଚମତ୍କାର ଜିରକନ୍ ପଥର, ସୂକ୍ଷ୍ମ ମୁକ୍ତା ଏବଂ ଜଟିଳ ଅକ୍ସିଡାଇଜଡ଼ ଡିଟେଲିଂରେ ସୁସଜ୍ଜିତ ଏହି ମଙ୍ଗଳସୂତ୍ରଗୁଡ଼ିକ ବିବାହର ଅନନ୍ତ ପବିତ୍ରତାର ପ୍ରତୀକ ଏବଂ ନାରୀତ୍ୱର ସୁନ୍ଦର ଶକ୍ତିକୁ ପରିପ୍ରକାଶ କରୁଛି। ହଲମାର୍କ ରୁପା ବାସନକୁସନଠାରୁ ଆରମ୍ଭ କରି ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ ରୁପା ଆଇଟମ୍ ଚାନ୍ଦି ଭଣ୍ଡାର ଉପଲବ୍ଧ। ମହିଳାଙ୍କ ପାଇଁ ଜିରକନ୍‌ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆଦି ରହିଛି। ପୁରୁଷଙ୍କ ପାଇଁ ଷ୍ଟୋରରେ ରୁପାର ବ୍ରେସ୍‌ଲେଟ୍, ମୁଦି, କଫଲିଙ୍କ୍ ଏବଂ ଚେନ୍ ଆଦି ରହିଛି । ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍‌ସ ରେଞ୍ଜ୍ ଉପଲବ୍ଧ। ଚାନ୍ଦି ଭଣ୍ଡାର ମଧ୍ୟ ପରିବର୍ଷିତ ଲାଇଫଷ୍ଟାଇଲ୍ ବର୍ଗର ଶୁଭାରମ୍ଭ କରିଛି। ଏଥିରେ ରୁପାରେ ପ୍ରସ୍ତୁତ ୱାଇନ୍ ଗ୍ଲାସ, ହ୍ୱିସ୍କି ଗ୍ଲାସ ଏବଂ ବଟଲ୍ ଆଦି ରହିଛି। ଏହି କଲେକ୍ସନରେ ସୁନ୍ଦର ଟି' ସେଟ୍, ଭଡେନ୍ ସିଲ୍‌ଭର-ଓ୍ୱାର୍କ ଟ୍ରେ ଏବଂ ପ୍ରିମିୟମ୍ ଉପହାର ସାମଗ୍ରୀ ରହିଛି। ସାବିତ୍ରୀରେ ଉପହାର ଦେବା ପାଇଁ ଏହା ଉପଯୁକ୍ତ। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି ଯେ ଆମେ ମହିଳାଙ୍କ ଭୂମିକାର ଶକ୍ତି, ଅନୁଗ୍ରହ ଏବଂ ଗୁରୁତ୍ୱକୁ ସ୍ୱୀକୃତି ଦେଇ ସାବିତ୍ରୀର ମହତ୍ତ୍ୱକୁ ସମ୍ମାନ ଦେଉଛୁ। ଆମ କଲେକ୍ସନ ମହିଳାଙ୍କ ଅନନ୍ୟ ପରିଚୟ ଏବଂ କାଳଜୟୀ ଶୋଭାଙ୍କୁ ପରିପ୍ରକାଶ କରିବ । ସାବିତ୍ରୀ ଅବସରରେ ଗ୍ରାହକଙ୍କ ପାଇଁ ମେ' ୧୭ରୁ ୨୬ ଯାଏ ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି ପାଇପାରିବେ । ବର୍ଷ ବର୍ଷ ଧରି ଗ୍ରାହକଙ୍କଠାରୁ ପାଇଥିବା ସମର୍ଥନ ଏବଂ ପ୍ରେମକୁ ସମ୍ମାନ ଜଣାଇ ଏ ଅଫର ପ୍ରଦାନ କରାଯାଉଛି ।





### ● ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିଆତି

## ନୟାପଲ୍ଲୀରେ ଖୋଲିଲା ଶ୍ରୀଧର ସିସିଇ




**ଭୁବନେଶ୍ୱର, ୧୭।୫ (ସମିସ):** ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନାରେ ତିରିଶ ବର୍ଷ ହେଲା ସଫଳତାର ସହ ପରିଚାଳିତ ଶ୍ରୀଧର କଲେଜ ଫର୍ କମ୍ପିଟେଟିଭ ଏକଜାମ (ସିସିଇ)ର ଶାଖା ଭୁବନେଶ୍ୱରର ନୂଆପଲ୍ଲୀରେ ଖୋଲିଛି। ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଏହା ଛାତ୍ରଛାତ୍ରୀଙ୍କୁ ସଫଳତା ହାସଲ କରିବାରେ ସହାୟକ ହେଉଛି। ଓଡ଼ିଶା ଛାତ୍ରଛାତ୍ରୀ ପ୍ରତିଯୋଗିତା ମୂଳକ ପରୀକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କୁ ଏ ଦିଗରେ ପ୍ରସ୍ତୁତିରେ ସହାୟତା କରିବା ପାଇଁ ଶ୍ରୀଧର ସିସିଇ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଉତ୍ତର ପ୍ରସ୍ତୁତି ଏବଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଠାରେ ବ୍ୟାଙ୍କିଂ, ଏସ୍‌ଏସ୍‌ସି, ରେଲୱେ, ଓଏସଏସସି, ଓଏସଏସଏସସି, ଓପିଏସ୍‌ସି (ଏଏସ୍‌ଓ), ଓପିଆରବି ଆଦି ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରସ୍ତୁତି ପାଇଁ କୋର୍ସ ଉପଲବ୍ଧ। ଏପ୍ରିଲ ୩୦ରେ ଏହି କେନ୍ଦ୍ରର ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ଶ୍ରୀଧରସ୍ ସିସିଇର ପ୍ରତିଷ୍ଠାତା ଶ୍ରୀଧର କୋମୁରୁ ମୁଖ୍ୟ ଅତିଥି ଭାବେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟୱାଡା ସ୍ଥିତ ଶ୍ରୀଧରସ ସିସିଇର ନିର୍ଦ୍ଦେଶକ ସୀତା ରାମ ରେଡ୍ଡୀ, ହାଇଦରାବାଦ କେନ୍ଦ୍ରର ନିର୍ଦ୍ଦେଶକ ସୁଧୀର ଚକ୍ରବର୍ତ୍ତୀ ଏବଂ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଅଭିଷେକ ପ୍ରଧାନ ଉପସ୍ଥିତ ଥିଲେ।

## ୧୮ ରାଜ୍ୟର ୨.୫ ଲକ୍ଷ ଛାତ୍ରୀଙ୍କ ପାଇଁ ଅଜୀମ ପ୍ରେମଜୀ ସ୍କଲାରସିପ୍



**ଭୁବନେଶ୍ୱର, ୧୭।୫ (ସମିସ):** ଅଜୀମ ପ୍ରେମଜୀ ଫାଉଣ୍ଡେସନ ପକ୍ଷରୁ ଛାତ୍ରୀଙ୍କ ନିମନ୍ତେ ଅଜୀମ ପ୍ରେମଜୀ ସ୍କଲାରସିପ୍ ଘୋଷଣା କରାଯାଇଛି। ଛାତ୍ରୀଙ୍କୁ ଏହି ସ୍କଲାରସିପ୍ ସେମାନଙ୍କର ଉଚ୍ଚ ଶିକ୍ଷା (ସ୍ନାତକ) ଜାରି ରଖିବା ଅଥବା ହାସଲ କରିବାକୁ ପ୍ରଦାନ କରାଯିବ। ଏହି ସ୍କଲାରସିପ୍‌ର ମୁଖ୍ୟ ବିଶେଷତ୍ୱଗୁଡିକ ହେଉଛି ହେଲା ଅଜୀମ ପ୍ରେମଜୀ ସ୍କଲାରସିପ୍ ପାଇଁ ଆବେଦନ କରିବାକୁ ଛାତ୍ରୀ ଯେକୌଣସି ସରକାରୀ ଅଥବା ପୌରସଂସ୍ଥା ଦ୍ୱାରା ପରିଚାଳିତ ସ୍କୁଲରୁ ୧୦ମ ଏବଂ ୧୨ଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବେ। ଆବେଦନ ସମୟରେ କୌଣସି ସରକାରୀ ପ୍ରତିଷ୍ଠାନ ଅଥବା ବିଶ୍ୱସନୀୟ ପ୍ରମାଣିତ ଘରୋଇ କଲେଜ ଅଥବା ବିଶ୍ୱବିଦ୍ୟାଳୟରେ ମାନ୍ୟତାପ୍ରାପ୍ତ ସ୍ନାତକ ଉପାଧି ଅଥବା ଡିପ୍ଲୋମାର ପ୍ରଥମ ବର୍ଷରେ ନିୟମିତ ଛାତ୍ର ଭାବରେ ନାମ ଲେଖାଇଥିବା ଆବଶ୍ୟକ। ଏହି ସ୍କଲାରସିପ୍ ହାସଲ କରୁଥିବା ଛାତ୍ରୀଙ୍କୁ ସେମାନଙ୍କର ସ୍ନାତକ/ଡିପ୍ଲୋମା ପାଠ ଶେଷ କରିବା ପର୍ଯ୍ୟନ୍ତ ପ୍ରତିବର୍ଷ ୩୦, ୦୦୦ ଟଙ୍କା ପ୍ରଦାନ କରାଯିବ। ଯଦି କୌଣସି ଛାତ୍ର ୪ବର୍ଷର ବିଏସ୍‌ସି ନର୍ସିଂ କୋର୍ସ କରୁଥାନ୍ତି, ତେବେ ସେ ଏହି ଚାରିବର୍ଷରେ ୧, ୨୦, ୦୦୦ ଟଙ୍କାର ସହାୟତା ପାଇବେ। ଏହି ଅର୍ଥରାଶି ପ୍ରତିବର୍ଷ ଦୁଇଟି କିସ୍ତିରେ ଛାତ୍ରୀଙ୍କର ବ୍ୟାଙ୍କ ଖାତାରେ ସିଧା ଜମା କରାଯିବ। ଶିକ୍ଷାବର୍ଷ ୨୦୨୫-୨୬ରେ ପ୍ରାୟ ୨.୫ ଲକ୍ଷ ଛାତ୍ରୀଙ୍କୁ ଅଜୀମ ପ୍ରେମଜୀ ସ୍କଲାରସିପ୍ ପ୍ରଦାନ କରାଯିବ। ଏଥର ଦେଶର ୧୮ଟି ରାଜ୍ୟର ଛାତ୍ର ଛାତ୍ରୀ ସ୍କଲାରସିପ୍ ପାଇଁ ଆବେଦନ କରିପାରିବେ। ଅଜୀମ ପ୍ରେମଜୀ ଫାଉଣ୍ଡେସନର ଚିଫ୍ ଏକଜିକ୍ୟୁଟିଭ ଅଫିସର ଅନୁରାଗ ବେହାର କହିଛନ୍ତି ଯେ ଉତ୍ତମ ସ୍କୁଲ ଶିକ୍ଷା ଜୀବନର ଭିତ୍ତି ପ୍ରସ୍ତର, ଯେତେବେଳେ ଉଚ୍ଚ ଶିକ୍ଷା ଜୀବନର ସାମାଜିକ ଏବଂ ଆର୍ଥିକ ସମ୍ଭାବନାଗୁଡିକରେ ପରିବର୍ତ୍ତନ ଆଣିଥାଏ। ଦେଶ ସବୁ କ୍ଷେତ୍ରରେ ପ୍ରଗତି କରୁଛି, ଏହା ସତ୍ତ୍ୱେ ଦେଶର ଛାତ୍ରୀମାନେ ଶିକ୍ଷା ହାସଲ କରିବା ପଥରେ ଅନେକ ସାମାଜିକ ଏବଂ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଏହି ଛାତ୍ରୀଙ୍କୁ ସେମାନଙ୍କର ଉଚ୍ଚଶିକ୍ଷା ଯାତ୍ରାରେ ଜରୁରୀ ସହଯୋଗ ଯୋଗାଇଦେବାକୁ ଆମେ ପ୍ରତିଶ୍ରୁତି ଦେଉଛୁ। ୨୦୨୪-୨୫ରେ ମଧ୍ୟ ପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର କିଛି ଜିଲ୍ଲା ଏବଂ ଝାଡଖଣ୍ଡର କିଛି ବ୍ଲକକୁ ସାମିଲ କରାଯାଇଥିଲା। ଗତ ବର୍ଷ ଅଜୀମ ପ୍ରେମଜୀ ଫାଉଣ୍ଡେସନ ୨୫, ୦୦୦ ଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ କରିଥିଲା।

## ପାକିସ୍ତାନ ପାଇଁ ସବୁ ବାଣିଜ୍ୟିକ ମାର୍ଗ ବନ୍ଦ କଲା ଭାରତ

- ୟୁଏଇ ଦେଇ ସାମଗ୍ରୀ ପଠାଉଥିଲା ଇସଲାମାବାଦ
- ଉପସାଗରୀୟ ଦେଶରୁ ଆସୁଥିବା ସିପ୍‌ମେଣ୍ଟ ଯାଞ୍ଚ ହେବ

**ନୂଆଦିଲ୍ଲୀ, ୧୭।୫ (ଏଜେନ୍ସି):** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଗୋଟିଏ ପରେ ଗୋଟିଏ କଠୋର କାର୍ଯ୍ୟାନୁଷ୍ଠାନ ନେଇ ଚାଲିଛି। ପାକିସ୍ତାନ ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ବାଣିଜ୍ୟ ବ୍ୟବସାୟ ବନ୍ଦ କରିଦେବା ପରେ ଏହି ଦେଶ ଲୁଚାଛପାରେ ଉପସାଗରୀୟ ଦେଶ ଦେଇ ଭାରତକୁ ସାମଗ୍ରୀ ପଠାଉ ଥିଲା। କିନ୍ତୁ ଏବେ ଭାରତ ସରକାର ପାକିସ୍ତାନ ପାଇଁ ସମ୍ପୂର୍ଣ୍ଣ ବାଣିଜ୍ୟିକ ମାର୍ଗ ବନ୍ଦ କରିଦେଇଛନ୍ତି। ୟୁଏଇ, ଇରାନ ଏବଂ ଅନ୍ୟ ଉପସାଗରୀୟ ଦେଶ ଦେଇ ଆସୁଥିବା ସିପ୍‌ମେଣ୍ଟର କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। କୌଣସି ବି ରାସ୍ତା ଦେଇ ପାକିସ୍ତାନର କିଛି ବି ସାମଗ୍ରୀ ଭାରତ ନ ଆସିବା ପାଇଁ ସୁନିଶ୍ଚିତ କରାଯାଉଛି। ଟ୍ରାନ୍ସସିପମେଣ୍ଟ ହବ୍‌ରୁ ଆସୁଥିବା ସାମଗ୍ରୀକୁ ସରକାର ଯାଞ୍ଚ କରୁଛନ୍ତି। ପାକିସ୍ତାନୀ ସାମଗ୍ରୀ କୌଣସି ତୃତୀୟ ଦେଶ ଦେଇ ଭାରତରେ ପହଞ୍ଚୁଛି କି ନାହିଁ ତାହା ଉପରେ ମଧ୍ୟ ଅଧିକାରୀ ନଜର ରଖିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ୟୁଏଇ ଏବଂ ଉପସାଗରୀୟ ଦେଶଗୁଡ଼ିକରୁ ଆମଦାନୀ ହେଉଥିବା ସାମଗ୍ରୀର ଲେବଲ ଏବଂ କେଉଁଠୁ ଆସିଛି ତାହାର କଡ଼ାକଡ଼ି ଯାଞ୍ଚ କରାଯାଉଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ ଜାତୀୟ ସୁରକ୍ଷା ନିୟମ ଅଧୀନରେ ଏହି କଟକଣା ଲଗାଯାଇଛି। ପାକିସ୍ତାନ ସହିତ ବାଣିଜ୍ୟ ବନ୍ଦ କରିବା ପରେ ମଧ୍ୟ ୟୁଏଇ ଦେଇ ପାକିସ୍ତାନୀ ଖଜୁରି ଦେଶକୁ ଆସୁଥିଲା। ଭାରତ ୟୁଏଇ ନିକଟରେ ଏହି ପ୍ରସଙ୍ଗ ଉଠାଇ ଥିଲା। ଏହା ଭାରତ-ୟୁଏଇ ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମାର ଅପବ୍ୟବହାର ବୋଲି କୁହାଯାଇଥିଲା।



## ଜାଭେଲିନ୍‌ରେ ୯୦ ମିଟର ପାର

# ନୀରଜଙ୍କ ସ୍ୱପ୍ନ ସାକାର

ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ଶେଷରେ ତାଙ୍କର ବହୁ ପ୍ରତିକ୍ଷୀତ ସ୍ୱପ୍ନକୁ ସାକାର କରିଛନ୍ତି । ଜାଲେଭିନ୍ ଥ୍ରୋ'ରେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ପ୍ରାୟ ସବୁ ବିଶ୍ୱସ୍ତରୀୟ ଇଭେଣ୍ଟରେ ସଫଳତାର ଶୀର୍ଷକୁ ଛୁଇଁସାରିଛନ୍ତି ଏହି ତାରକା ଖେଳାଳି । କିନ୍ତୁ ସେ କେବେବି ୯୦ ମିଟରରୁ ଅଧିକ ଜାଭେଲିନ ଫିଙ୍ଗିପାରି ନଥିଲେ । ଶେଷରେ ସେ ଏହି ଦୂରତାକୁ ପଛରେ ପକାଇଛନ୍ତି । କତାର ରାଜଧାନୀ ଦୋହାରେ ଶୁକ୍ରବାର ଅନୁଷ୍ଠିତ ଡାଏମଣ୍ଡ ଲିଗ୍ ଇଭେଣ୍ଟରେ ସେ ତାଙ୍କ ତୃତୀୟ ପ୍ରୟାସରେ ୯୦.୨୩ ମିଟର ଜାଭେଲିନ ଫିଙ୍ଗିବାକୁ ସକ୍ଷମ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି । କିନ୍ତୁ ଏହି ଐତିହାସିକ ସଫଳତା ସତ୍ତ୍ୱେ ସେ ଟାଇଟଲ ହାସଲ କରିପାରି ନଥିଲେ । ଜର୍ମାନୀର ଜୁଲିଆନ ୱେବେର ୯୧.୦୬ ମିଟର ଫିଙ୍ଗି ତାଙ୍କଠାରୁ ଟାଇଟଲ ଛଡାଇ ନେଇଥିଲେ ।



### ତୃତୀୟ ଏସୀୟ, ବିଶ୍ୱର ୨୫ତମ ଆଥଲେଟ୍

ନୀରଜ ତୃତୀୟ ଏସୀୟ ଖେଳାଳି ଭାବେ ଜାଭେଲିନ୍ ଥ୍ରୋରେ ୯୦ମି ପାର କରିଛନ୍ତି । ସେହିପରି ସେ ୨୫ତମ ଖେଳାଳି ଭାବେ ଏହି ଦୂରତାର ଅଧିକ ଦୂର ଜାଭେଲିନ୍ ଥ୍ରୋ କରିଛନ୍ତି । ନୀରଜଙ୍କ ପୂର୍ବରୁ ପାକିସ୍ତାନର ଅର୍ସଦ ନଦିମ୍ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୯୨.୯୭ ମି. ଥୋ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ସେହିପରି ଚାଇନିଜ ତାଇପେର ଚାଓ ସୁନ୍ ଚେଙ୍ଗ୍ ପ୍ରଥମ ଏସୀୟ ଭାବେ ୨୦୧୭ ଏସିଆନ ଚାମ୍ପିଅନସିପ୍‌ରେ ୯୧.୩୬ ମି. ଥ୍ରୋ କରି ଏହି ସଫଳତା ପାଇଥିଲେ । ଏବେ ତୃତୀୟ ଏସୀୟ ଭାବେ ନୀରଜ ଏହି କ୍ଲବରେ ସାମିଲ ହୋଇଛନ୍ତି ।

### ୨୦୨୨ ଜୁରିକ୍ ଡାଏମଣ୍ଡ ଲିଗ୍‌ରେ ପ୍ରଥମ ହୋଇଥିଲେ

୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ନୀରଜ ଡାଏମଣ୍ଡ ଲିଗ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଛନ୍ତି । ସେ ୨୦୨୨ ଜୁରିକ ସଂସ୍କରଣରେ ପ୍ରଥମ ହୋଇଥିବା ବେଳେ ୨୦୨୩ ୟୁଜିନ ଓ ୨୦୨୪ ବ୍ରସେଲ୍ସ ସଂସ୍କରଣରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ।

### କିପରି ପାର କଲେ ୯୦ମି.

ଜାଭେଲିନ୍‌ରେ ବିଶ୍ୱ ରେକର୍ଡ (୯୮.୪୮ ମି.) ସୃଷ୍ଟି କରିଥିବା ଜାନ ଜେଲେଜ୍ନିଙ୍କଠାରୁ ସେ ଟ୍ରେନିଂ ନେବାକୁ ନିଷ୍ପତ୍ତି ନେଇଥିଲେ । ୨୦୨୪ ନଭେମ୍ବରରେ ଚେକ ଗଣରାଜ୍ୟର ଜେଲେଜ୍ନିଙ୍କୁ ନିଜର କୋଚ୍ ବନାଇଥିଲେ ଓ ଏହା ବେଶ ଫଳପ୍ରଦ ହୋଇଥିଲା । ଏହି ନୂଆ କୋଚ୍ ତାଙ୍କ ତ୍ରୁଟିକୁ ଠାବ କରିଥିଲେ ଓ କିପରି ଏହାକୁ ପାର କରି ହେବ ସେ ନେଇ ବୈଷୟିକ ପରାମର୍ଶ ଦେଇଥିଲେ । ପୁଣି ତାଙ୍କ ପରାମର୍ଶ ଅନୁସାରେ ଜଣେ ଡାକ୍ତରଙ୍କ ପାଖରେ ନୀରଜ ତାଙ୍କ ଚିକିତ୍ସା କରାଇଥିଲେ । ଜାଭେଲିନ୍ ଫିଙ୍ଗିବା ବେଳେ ସେ ବାମ ଆଡକୁ ଢ଼ଳି ପଡୁଥିଲେ, ଯାହା ଫଳରେ ଥ୍ରୋ କରିବା ବେଳେ ଅଧିକ ବଳ ମିଳୁ ନଥିଲା । ପୁଣି ସେ ତଳୁ ଫିଙ୍ଗୁଥିଲେ, ଯାହା ଦ୍ୱାରା ଜାଭେଲିନ ବେଶି ଦୂର ଯାଇପାରୁ ନଥିଲା । ନୀରଜ ଜେଲେଜ୍ନିଙ୍କ ପରାମର୍ଶ କ୍ରମେ ନିଜର ତ୍ରୁଟି ସୁଧାରିଥିଲେ । ଏବେ ସେ ଆଗକୁ ଆହୁରି ଅଧିକ ଦୂର ଜାଭେଲିନ ଫିଙ୍ଗିବେ ବୋଲି ଆଶା କରାଯାଉଛି ।

### ଟ୍ରେନିଂ ପାଇଁ ତରବରରେ ବିବାହ

ସେ ଶୀଘ୍ର ଟ୍ରେନିଂ କରିବା ପାଇଁ ତରବରରେ ବିବାହ କରିଥିଲେ । କେବଳ ସେତିକି ନୁହଁ, ତାଙ୍କୁ ବିବାହ ଭୋଜି ଦେବାକୁ ସମୟ ହୋଇ ନଥିଲା ଓ ସେ ରିସିପସନର ଆୟୋଜନ କରିପାରି ନଥିଲେ । ସେ ମଧ୍ୟ ଅତ୍ୟନ୍ତ ବ୍ୟକ୍ତିଗତ ଭାବେ ବିବାହ କରିଥିଲେ ଓ ଏହା କାହାକୁ ଜଣା ନଥିଲା । ବିବାହରେ କେବଳ ପରିବାର ଓ ବନ୍ଧୁ ଉପସ୍ଥିତ ଥିଲେ ।

### ବାକି ଅଛି ସର୍ବଶ୍ରେଷ୍ଠ ପ୍ରଦର୍ଶନ

ଦୋହରେ ୯୦ମି. ରୁ ଅଧିକ ଜାଭେଲିନ୍ ଫିଙ୍ଗିଥିଲେ ମଧ୍ୟ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ନୀରଜ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ମୋର ଶ୍ରେଷ୍ଠ ପ୍ରଦର୍ଶନ ବାକି ଅଛି । ନୀରଜ କେବେ ୯୦ମି. ଜାଭେଲିନ ଫିଙ୍ଗିବେ ବୋଲି ପ୍ରଶ୍ନ କରାଯାଉଥିଲା । ଏବେ ଏଥିରେ ସଫଳ ହୋଇଛି ବୋଲି ସେ କହିଛନ୍ତି ।



### ଡାଏମଣ୍ଡ ଲିଗ୍ କ'ଣ?


ଡାଏମଣ୍ଡ ଲିଗ୍ ହେଉଛି ଆଥଲେଟିକ୍ସ ଅର୍ଥାତ ଦୌଡ଼କୁଦର ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା । ଏଥିରେ ପୁରୁଷ ଓ ମହିଳା ବିଭାଗରେ ୧୬ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥାଏ । ବିଶ୍ୱର ଶ୍ରେଷ୍ଠ ଆଥଲେଟମାନଙ୍କୁ ନେଇ ପ୍ରତ୍ୟେକ ବର୍ଷ ବିଶ୍ୱର ଭିନ୍ନ ଭିନ୍ନ ସହରରେ ଏହା ଆୟୋଜିତ ହୋଇଥାଏ । ପ୍ରତ୍ୟେକ ବର୍ଷ ମେ ମାସରୁ ସେପ୍ଟେମ୍ବର ମଧ୍ୟରେ ଡାଏମଣ୍ଡ ଲିଗ୍ ଆଥଲେଟିକ ସିରିଜ ଆୟୋଜିତ ହୋଇଥାଏ ଓ ଡାଏମଣ୍ଡ ଲିଗ୍ ଫାଇନାଲ ସହିତ ସିଜିନ ଶେଷ ହୋଇଥାଏ । ପ୍ରତ୍ୟେକ ଇଭେଣ୍ଟର ଶ୍ରେଷ୍ଠ-୮ ଖେଳାଳିଙ୍କୁ ପଏଣ୍ଟ ମିଳିଥାଏ । ୧ ନଂ ଖେଳାଳିଙ୍କୁ ୮ ଓ ୮ ନଂ ଖେଳାଳିଙ୍କୁ ୧ ପଏଣ୍ଟ ମିଳିଥାଏ । ୧୩ଟି ଇଭେଣ୍ଟ ପରେ ପ୍ରତ୍ୟେକ ଖେଳାଳିଙ୍କ ପଏଣ୍ଟ ଗଣା ଯାଇଥାଏ । ଶ୍ରେଷ୍ଠ-୧୦ରେ ରହିଥିବା ଖେଳାଳିଙ୍କୁ ଡାଏମଣ୍ଡ ଲିଗ୍ ଫାଇନାଲରେ ସ୍ଥାନ ମିଳିଥାଏ ଓ ଫାଇନାଲରେ ବିଜୟୀ ଖେଳାଳିଙ୍କୁ ଡାଏମଣ୍ଡ ଲିଗ୍ ବିଜେତା ଘୋଷିତ କରାଯାଇଥାଏ ଏବଂ ତାଙ୍କୁ ଟ୍ରଫି ସହ ପୁରସ୍କାର ରାଶି ମିଳିଥାଏ । ସା ଧାରଣତଃ ଡାଏମଣ୍ଡ ଲିଗ୍ ସିଜନ୍‌ରେ ପ୍ରତିଯୋଗିତା ସଂଖ୍ୟା ୧୪ ହୋଇଥାଏ ଓ ଏଥିରେ ଫାଇନାଲ ମଧ୍ୟ ସାମିଲ ରହିଥାଏ । କିନ୍ତୁ ବେଳେ ବେଳେ ପ୍ରତିଯୋଗିତା ସଂଖ୍ୟାରେ ପରିବର୍ତ୍ତନ ହୋଇଥାଏ । ଅଲିମ୍ପିକ୍ସ ପରେ ବିଶ୍ୱ ଚାମ୍ପିଅନସିପ ଭଳି ଡାଇମଣ୍ଡ ଲିଗ୍‌ର ମହତ୍ତ୍ୱ ରହିଥାଏ । ଦକ୍ଷ ଓ ପ୍ରତିଭା ସମ୍ପର୍ଣ୍ଣ ଆଥଲେଟମାନେ ସମ୍ମାନଜନକ ଡାଇମଣ୍ଡ ଲିଗ୍ ଚାମ୍ପିଅନ ହେବାକୁ ସବୁବେଳେ ପ୍ରୟାସରତ ଥାନ୍ତି ।



### ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ପ୍ୟାରିସ୍‌ରେ ଜିତିଥିଲେ ରୌପ୍ୟ

ହରିୟାଣାର ଖାଣ୍ଡ୍ରାରେ ଜନ୍ମିତ ୨୭ ବର୍ଷୀୟ ନୀରଜଙ୍କ ସଫଳତା ତଥା ପଦକ ତାଲିକା ବେଶ୍ ଲମ୍ବା ରହିଛି । ପ୍ରୟ ସବୁ ବିଶ୍ୱସ୍ତରୀୟ ଇଭେଣ୍ଟରେ ସେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି । ଗତ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୮୯.୪୫ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲେ । ପାକିସ୍ତାନର ଅର୍ଶଦ ନଦୀମ ୯୨.୯୭ ମିଟର ଥ୍ରୋ କରି ନୂଆ ଅଲିମ୍ପିକ୍ ରେକର୍ଡ ସୃଷ୍ଟି କରିବା ସହ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ । ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସେ ୮୭.୫୮ ମିଟର ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ । ସେ ଏକମାତ୍ର ଭାରତୀୟ ଦୌଡ଼କୁଦ ଖେଳାଳି ତଥା ଜାଭେଲିନ ଫିଙ୍ଗାଳି ଭାବେ ଦୁଇଟି ଅଲିମ୍ପିକ୍ସ ପଦକ ହାସଲ କରିଛନ୍ତି । ଅନ୍ତର୍ଜାତୀୟ ଇଭେଣ୍ଟରେ ନୀରଜଙ୍କ ପଦକ ତାଲିକା ବେଶ୍ ଲମ୍ବା ରହିଛି । ଅଲିମ୍ପିକ୍ସ ସମେତ ସେ ବିଶ୍ୱ ଚାମ୍ପିଅନସିପ୍, ଡାଇମଣ୍ଡ ଲିଗ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ, ଏସିଆନ ଚାମ୍ପିଅନସିପ୍, ସାଉଥ ଏସିଆନ ଗେମ୍ସ, ପାଭୋ ନୁର୍ମି ଗେମ୍ସ, ୨୦ ବର୍ଷରୁ କମ୍ ବିଶ୍ୱ ଓ ଏସିଆନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି ।

## ଚେଜ୍ ୱେଷ୍ଟଇଣ୍ଡିଜର ନୂଆ ଟେଷ୍ଟ ଅଧିନାୟକ



ଆଣ୍ଟିଗୁଆ, ୧୭ ।୫ (ଏଜେନ୍ସି): ସ୍ପିନ ଅଲ୍‌ରାଉଣ୍ଡର ରୋଷ୍ଟନ ଚେଜ୍‌ଙ୍କୁ ୱେଷ୍ଟଇଣ୍ଡିଜ ଟେଷ୍ଟ କ୍ରିକେଟ୍ ଦଳର ନୂଆ ଅଧିନାୟକ ନିଯୁକ୍ତ କରାଯାଇଛି । ସେ କ୍ରେଗ୍ ବ୍ରାଥୱେଟ୍‌ଙ୍କ ସ୍ଥାନରେ ରେଡ୍ ବଲ୍ କ୍ରିକେଟ୍‌ରେ କାରବୀୟ ଦଳର ନେତୃତ୍ୱ ସମ୍ଭାଳିବେ । ୩୩ ବର୍ଷୀୟ ଚେଜ୍ ଦୀର୍ଘ ୮୦୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଟେଷ୍ଟ ଫର୍ମାଟ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଖେଳି ନାହାନ୍ତି । ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଆଗାମୀ ସିଜନରେ ୱେଷ୍ଟଇଣ୍ଡିଜ ଗସ୍ତରେ ଆସି ଟେଷ୍ଟ ସିରିଜ ଖେଳିବ । ଏହି ସିରିଜରୁ ହିଁ ଚେଜ୍ ନୂଆ ଦାୟିତ୍ୱ ସମ୍ଭାଳିବେ । ଚେଜ୍ ୱେଷ୍ଟଇଣ୍ଡିଜ ପାଇଁ ୪୯ ଟେଷ୍ଟ ମ୍ୟାଚ୍ ଖେଳି ୨୬.୩୩ ହାରରେ ୫ ଶତକ ସହ ୨୨୬୫ ରନ ସଂଗ୍ରହ କରିଛନ୍ତି । ସେହିଭଳି ତାଙ୍କ ନାମରେ ୮୫ଟି ୱିକେଟ୍ ଲିପିବଦ୍ଧ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ, ବ୍ରାଥ୍‌ୱେଟ୍ ଗତ ମାର୍ଚ୍ଚରେ ଅଧିନାୟକ ପଦରୁ ଇସ୍ତଫା ଦେବାପରେ ଏହା ଖାଲି ପଡ଼ିଥିଲା । ଟେଷ୍ଟ ଅଧିନାୟକ ଲାଗି ଏକାଧିକ ଖେଳାଳିଙ୍କ ନାମ ବିଚାରକୁ ନିଆଯାଇଥିଲା । ସାଇ ହୋପ୍ ୱେଷ୍ଟଇଣ୍ଡିଜର ଏକଦିବସୀୟ ଓ ଟି-୨୦ ଫର୍ମାଟ୍‌ରେ ନେତୃତ୍ୱ ଭାର ସମ୍ଭାଳୁଥିବାରୁ କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ତାଙ୍କ ନାମକୁ ନେତୃତ୍ୱ ଲାଗି ବିଚାରକୁ ନେଇ ନ ଥିଲା ।

## ଖେଲୋ ଇଣ୍ଡିଆ ବିଚ୍ ଫୁଟବଲ ଲାଗି ଓଡ଼ିଶା ଦଳ ଘୋଷିତ



ଭୁବନେଶ୍ୱର,୧୭।୫ (ସମିସ): ଖେଲୋ ଇଣ୍ଡିଆ ଆନୁକୂଲ୍ୟରେ ପ୍ରଥମ ବିଚ୍ ଗେମ୍ସ ଦାମନ ଓ ଡିଉରେ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ପ୍ରତିଯୋଗିତାର ବିଚ୍ ଫୁଟବଲ୍ ଖେଳରେ ଭାଗନେବ ଓଡ଼ିଶା । ଏଥିଲାଗି ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଏକ ୧୨ ଜଣିଆ ଦଳ ଘୋଷଣା କରାଯାଇଛି । ଘୋଷିତ ଦଳର ଖେଳାଳି ଓ କର୍ମକର୍ତ୍ତା ଆଜି ବା ଶନିବାର ଦାମନ ଓ ଡିଉ ଅଭିମୁଖେ ଯାତ୍ରା କରିଛନ୍ତି । ଏଥିଲାଗି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଦଳକୁ ଶୁଭକାମନା ଜଣାଇଚନ୍ତି ।

ମନୋନୀତ ଖେଳାଳିମାନେ ହେଲେ ଦୁଇ ଗୋଲରକ୍ଷକ ସାକ୍ରୋ ହେମ୍ବ୍ରମ ଓ ସସ୍ମିତା ପରିଡ଼ା, ୪ ଡିଫେଣ୍ଡର ଆକର୍ଷି ନାଏକ, ଶିବାନି ମୁଣ୍ଡାରୀ, ସୁଲେଖା କହଁର ଓ ଅଙ୍କିତା ନାଏକ । ଦଳରେ ୩ଜଣ ମିଡ୍‌ଫିଲ୍ଡର ଯଶୋଦା ମୁଣ୍ଡା, ଜ୍ୟୋତ୍ସ୍ନା ମୁଣ୍ଡାରୀ ଓ ସତ୍ୟବତୀ ଖାଡିଆ, ୩ଜଣ ଫରୱାର୍ଡ ଲକ୍ଷ୍ମୀପ୍ରିୟା ଲେଙ୍କା, ସୁଭଦ୍ରା ସାହୁ ଓ କୁନି ମୁଣ୍ଡାଙ୍କୁ ସାମିଲ କରାଯାଇଛି । ଗୀତାଞ୍ଜଳି ଖୁଣ୍ଟିଆଙ୍କୁ ହେଡ୍ କୋଚ୍ ଓ ଗୋମତି ବାରାଙ୍କୁ ପ୍ରବନ୍ଧକ ଭାବେ ଦଳ ସହ ଯାଇଛନ୍ତି । ସୁଚିତ୍ରା ସ୍ୱାଇଁ ଫିଜିଓ ଦାୟିତ୍ୱ ତୁଲାଇବେ ।

## ଚତୁଃରାଷ୍ଟ୍ରୀୟ କନିଷ୍ଠ ବାଳିକା ହକି: ଭାରତୀୟ ଦଳରେ ଓଡ଼ିଶାରୁ ୪

ଭୁବନେଶ୍ୱର,୧୭।୫ (ସମିସ): ଆର୍ଜେଣ୍ଟିନାରେ ମେ ୨୫ରୁ ଜୁନ୍ ୨ ତାରିଖଯାଏ ଚତୁଃରାଷ୍ଟ୍ରୀୟ କନିଷ୍ଠ ବାଳିକା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଭାରତ ବ୍ୟତୀତ ଆୟୋଜକ ଆର୍ଜେଣ୍ଟିନା, ଉରୁଗୁଏ ଓ ଚିଲି ଅଂଶଗ୍ରହଣ କରିବ ।



ଏହି ପ୍ରତିଯୋଗିତାରେ ଭାଗନେବାକୁ ଭାରତୀୟ ଦଳ ଘୋଷଣା କରାଯାଇଛି । ଭାରତୀୟ ଦଳର ନେତୃତ୍ୱ ନେବେ ଗୋଲରକ୍ଷକ ନିଧି । ଫରୱାର୍ଡ ଖେଳାଳି ହିନା ବାନୋଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି । ଓଡ଼ିଶାରୁ ୪ଜଣ ଖେଳାଳି ଯଥା ଗୋଲରକ୍ଷକ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ମମିତା ଓରାମ ଓ ପୂଜା ସାହୁ, ମିଡ୍‌ଫିଲ୍ଡର ସୁପ୍ରିୟା କୁଜୁରଙ୍କୁ ସାମିଲ କରାଯାଇଛି । କନିଷ୍ଠ ବାଳିକା ବିଶ୍ୱକପ୍ ଲାଗି ଏହି ଦଳରୁ ଖେଳାଳି ଚୟନ କରାଯିବ ବୋଲି ହେଡ୍ କୋଚ୍ ତୁଷାର ଖାଣ୍ଡେକର କହିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଖେଳି ଭାରତୀୟ ଖେଳାଳିଭାବେ ବେଶ ଅଭିଜ୍ଞତା ହାସଲ କରିବେ ବୋଲି ଖାଣ୍ଡେକର ଆଶା ପ୍ରକାଶ କରିଛନ୍ତି ।

## କଳିଙ୍ଗରେ ରାଜ୍ୟ ଶିଶୁ ଚେସ୍ ଆରମ୍ଭ

ଭୁବନେଶ୍ୱର,୧୭।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ରାଜ୍ୟ ୭ ବର୍ଷରୁ କମ୍ ଶିଶୁ ଚେସ୍ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସମ୍ମିଳନୀ କକ୍ଷରେ ଶନିବାର ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାର ଓପନ କାଟାଗୋରୀରେ ୪୫ଜଣ ଓ ବାଳିକା ବିଭାଗରେ ୨୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ପୁରସ୍କାର ବାବଦରେ ମୋଟ ୩୨ଟି ଟ୍ରଫି ସହ ୨୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଇଣ୍ଟରନ୍ୟାସନାଲ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ପ୍ରଥମ ଦିନ ୩ ରାଉଣ୍ଡ ଖେଳ ହୋଇଥିଲାବେଳେ କ୍ରୀଡ଼ା



ବିଭାଗର ୩ ଅଧିକାରୀ ବିଜୟକୁମାର ସ୍ୱାଇଁ, ପଦ୍ମଚରଣ ସାହୁ ଓ ସୋନାଲି ଚାନ୍ଦ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ୮ ଦିନ ଧରି ଖେଳାଯିବ । ପ୍ରଥମଦିନ ଖେଳର ଓପନ ବିଭାଗରେ ୬ଜଣ ଖେଳାଳି ଅବନୀତ ସାହୁ, ପ୍ରଜ୍ଞାନ ମିଶ୍ର, କାବ୍ୟାଂଶ ଚକ୍ରବର୍ତ୍ତୀ, ଶ୍ରୀୟଂଶ ସାହୁ, ରଚିତ ସେନାପତି ଓ ରିୟାଂଶ ଅଗରୱାଲ ୩ ରାଉଣ୍ଡରୁ ୨ ପଏଣ୍ଟ ଲେଖାଏଁ ହାସଲ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ବାଳିକା ବିଭାଗରେ ପ୍ରତ୍ୟାକ୍ଷା ଶାମ୍ଭବୀ, ଅନନ୍ୟା ଅନ୍ୱେଷା ମିଶ୍ର, ସମ୍ୟରା ସ୍ୱାଇଁ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି ।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଆଜିଠାରୁ

ଭୁବନେଶ୍ୱର,୧୭।୫ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ଆସନ୍ତାକାଲିଠାରୁ କଟକ ଓ ଏହାର ଆଖପାଖରେ ଥିବା ଖେଳ ପଡ଼ିଆରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ । ପୁରୁଷ ବିଭାଗରେ ଏହା ୫୦ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯିବ ବୋଲି ଓସିଏ ପକ୍ଷରୁ ଘୋଷଣା କରାଯାଇଛି । ଅଂଶଗ୍ରହଣକାରୀ ଦଳ ଗୁଡିକୁ ଭିନ୍ନ ଭିନ୍ନ ଗ୍ରୁପ୍‌ରେ ଭାଗ କରାଯାଇଛି । ପ୍ରଥମେ ଗ୍ରୁପ୍-ଏ ଓ ବି'ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ମେ ୧୮ ରୁ ଆରମ୍ଭ ହୋଇ ୨୩ରେ ଶେଷ ହେବ । ଏହି ପ୍ରତିଯୋଗିତା ଲାଗି ଗ୍ରୁପ୍-ଏ'ରେ ଯାଜପୁର, ଭଦ୍ରକ, ଝାରସୁଗୁଡ଼ା, ସମ୍ବଲପୁର-ବି', ସୋନପୁର ଓ ରାୟଗଡ଼ାକୁ ସାମିଲ କରାଯାଇଛି । ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି କିଟ୍, ନୟାଗଡ, ନବରଙ୍ଗପୁର,ବୌଦ୍ଧ, ଖୋର୍ଦ୍ଧା ଓ ଭୁବନେଶ୍ୱର-ବି'କୁ ସ୍ଥାନ ମିଳିଛି । ଏଥିଲାଗି ରେଭେନ୍‌ଶାରେ ୨ଟି, ଅଡଶପୁର, ଡ୍ରିମ୍ସ, ସନ୍‌ସାଇନ୍ ଓ ବିଡାନାସୀ ଗ୍ରାଉଣ୍ଡରେ ଖେଳ ହେବାକୁ ସ୍ଥିର କରାଯାଇଛି । ପ୍ରତ୍ୟେକଦିନ ୬ଟି ଲେଖାଏଁ ମ୍ୟାଚ୍ ଖେଳାଯିବ । ମେ ୨୧ ତାରିଖ ବିଶ୍ରାମ ଦିବସ ରଖାଯାଇଛି । ପରେ ଅନ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳଗୁଡିକ ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଇଛି ।

## ଆଇପିଏଲ୍-୧୮ : ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ, ଟେଷ୍ଟ ଜର୍ସି ପିନ୍ଧି କୋହଲିଙ୍କୁ ସମର୍ଥନ

# ଶୀର୍ଷରେ ବେଙ୍ଗାଲୁରୁ; କୋଲକାତା ବାଦ୍





ବେଙ୍ଗାଲୁରୁ,୧୭।୫ (ଏଜେନ୍ସି)

କ୍ରମାଗତ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଏହା ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ଭାଗକରିଛନ୍ତି। ୧୨ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ ପାଇ ଟେବଲ ଶୀର୍ଷରେ ଥିବା ବେଙ୍ଗାଲୁରୁ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ରେ ଖେଳିବା ସ୍ପଷ୍ଟ କରିଛି। ଆସନ୍ତାକାଲି ଦିଲ୍ଲୀ କିମ୍ବା ପଞ୍ଜାବ ପରାଜିତ ହେଲେ ବେଙ୍ଗାଲୁରୁ ପ୍ଲେଅଫ୍‌ରେ ପ୍ରବେଶ କରିବ। ଅନ୍ୟପକ୍ଷରେ କୋଲକାତା ୧୩ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସଂଗ୍ରହ କରି ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି।

ସୂଚନାଯୋଗ୍ୟ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଏକ ସପ୍ତାହ ପୂର୍ବରୁ ଆଇପିଏଲ୍‌କୁ ସ୍ଥଗିତ ରଖାଯାଇଥିଲା। ଉତ୍ତେଜନା ହ୍ରାସ ପାଇବା ପରେ ମେ ୧୭ରୁ ବା ଆଜିଠାରୁ ବାକିଥିବା ୧୭ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ବର୍ଷା ଯୋଗୁଁ ବାତିଲ ମ୍ୟାଚ୍‌ରୁ ଏହା ଆରମ୍ଭ ହୋଇଥିଲା। ଏଠାରେ କ୍ରମାଗତ ବର୍ଷା ଯୋଗୁଁ ପଡ଼ିଆ ଓଦା ରହିଥିଲା। ଖେଳ ଦିନ ଅର୍ଥାତ୍ ଶନିବାର ମଧ୍ୟ ବର୍ଷା ହୋଇଥିଲା। ଷ୍ଟାଡିୟମ୍‌ରେ ଉଭୟ ଦଳ ମୁକାବିଲା ଲାଗି ପ୍ରସ୍ତୁତ ଥିଲେ। କିନ୍ତୁ ବର୍ଷା ଛାଡ଼ି ନ ଥିଲା। ପଡ଼ିଆର କିଛି ସ୍ଥାନରେ ପାଣି ମଧ୍ୟ ଜମିରହିଥିଲା। ଫଳରେ ଅନ୍ୟ ଉପାୟ ନ ପାଇ ଦୁଇ ଫିଲ୍ଡ ଅମ୍ପାୟାର ନୀତିନ ମେନନ ଓ କେଏନ୍ ପଦ୍ମନାଭନ ମ୍ୟାଚ୍ ରେଫରି ଅମିତ ଶର୍ମାଙ୍କ ସହ ପରାମର୍ଶ କରିବା ପରେ ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଫଳରେ ଦର୍ଶକଙ୍କ ସହ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟ ନିରାଶ ହୋଇଛି।

### ■ ଚିନ୍ନାସ୍ୱାମୀରେ କୋହଲି ମାନିଆ

ଆଇପିଏଲ୍ ଏକ ସପ୍ତାହ ସ୍ଥଗିତ ରହିବା ପରେ ବିରାଟ 'କିଙ୍ଗ୍' କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇବା ଲାଗି ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ କୋହଲି ମାନିଆ ଦେଖିବାକୁ ମିଳିଛି। ସମର୍ଥକମାନେ ତାଙ୍କ ଟେଷ୍ଟ ଜର୍ସି ପିନ୍ଧି ବହୁସଂଖ୍ୟାରେ ଷ୍ଟାଡିୟମ୍‌ରେ ଉପସ୍ଥିତ ରହିଥିଲେ। ଏପରିକି ତାଙ୍କ ଜର୍ସି ପିନ୍ଧିବାକୁ ଅନେକ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ କୋହଲି ସବୁଦିନ ଭଳି ଆଜି ମଧ୍ୟ ସ୍ଥିର ରହିଥିଲେ। ଦୀର୍ଘ ୧୪ ବର୍ଷ ଧରି ଟେଷ୍ଟ ଖେଳିବା ପରେ ବିରାଟ କୋହଲି ଏହି ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଏହି ଫର୍ମାଟରେ ୩୬ ବର୍ଷୀୟ ମାଷ୍ଟର ୧୨୩ଟି ମ୍ୟାଚ୍ ଖେଳି ୯,୨୩୦ ରନ୍ ପୂରଣ କରିଥିଲେ। ଇନିଂସ ପ୍ରତି ହାରାହାରି ୪୬.୮୫ ରନ୍ ସଂଗ୍ରହ କରିଥିଲାବେଳେ ୩୦ଟି ଶତକ ଓ ୩୧ଟି ଅର୍ଦ୍ଧଶତକ ହାସଲ କରି ଜଣେ କିଂବଦନ୍ତୀ ଖେଳାଳିରେ ପରିଣତ ହୋଇଥିଲେ। ରୋହିତ ଶର୍ମାଙ୍କ ସହ କୋହଲି ଅବସର ନେବା ସହ ଏକ ଯୁଗର ଅବସାନ ଘଟିଲା ବୋଲି କୁହାଯାଉଛି।

### ■ ଅରେଞ୍ଜ କ୍ୟାପ୍ ଦୌଡ଼ରେ

ବେଙ୍ଗାଲୁରୁର ଏହି ପୂର୍ବତନ ଅଧିନାୟକ ବିରାଟ କୋହଲି ଚଳିତ ସିଜନରେ ୭ଟି ଅର୍ଦ୍ଧଶତକ ସହ ୫୦୫ ରନ୍ ସଂଗ୍ରହ କରିଛନ୍ତି। ସର୍ବାଧିକ ରନ୍ ସଂଗ୍ରହକାରୀଙ୍କ ମଧ୍ୟରେ ତାଙ୍କ ସ୍ଥାନ ଚତୁର୍ଥରେ ରହିଛି। ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ ୫୧୦ ରନ୍ କରି ପ୍ରଥମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଗୁଜରାଟ ଟାଇଟନ୍ସର ବି ସାଇ ସୁଦର୍ଶନ ୫୦୯ ଓ ଶୁବମାନ ଗିଲ୍ ୫୦୮ ରନ୍ କରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। କୋହଲି ଚତୁର୍ଥରେ ଥିଲାବେଳେ ଗୁଜରାଟର ଆଉ ଜଣେ ଖେଳାଳି ଜୋଶ ବଟ୍ଲର ୫୦୦ ରନ୍ କରି ପଞ୍ଚମ ସ୍ଥାନରେ ଅଛନ୍ତି। କୋହଲି ଆଉ ୬ରନ୍ କଲେ ଅରେଞ୍ଜ କ୍ୟାପ୍ ଫେରିପାଇବେ।


## ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ଗୁଜରାଟ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ପଞ୍ଜାବ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ହାଇଦରାବାଦ୍ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

## ଆଜିର ଆଇପିଏଲ୍ ମ୍ୟାଚ୍

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ରାଜସ୍ଥାନ ବନାମ ପଞ୍ଜାବ | ଅପରାହ୍ନ ୩.୩୦ | ଜୟପୁର |
| ଦିଲ୍ଲୀ ବନାମ ଗୁଜରାଟ | ରାତି ୭.୩୦ | ଦିଲ୍ଲୀ |

## ୫୬୯ କୋଟି ଟଙ୍କାରେ ମାଦ୍ରିଦ୍ ସହ ହୁଇଜ୍‌ସେନ୍‌ଙ୍କ ଚୁକ୍ତି




ମାଦ୍ରିଦ, ୧୭।୫ (ଏଜେନ୍ସି): ସ୍ପାନିଶ ଫୁଟ୍‌ବଲ କ୍ଲବ ରିଅଲ୍ ମାଦ୍ରିଦ ନିଜ ଦେଶର ଯୁବ ଡିଫେଣ୍ଡର ଡିନ୍ ହୁଇଜସେନଙ୍କ ସହ ୫ ବର୍ଷୀୟା ଚୁକ୍ତି କରିଛି। ୨୦ ବର୍ଷୀୟ ଡିନ୍‌ଙ୍କ ସହ ରିଅଲ୍ ମାଦ୍ରିଦର ହୋଇଥିବା ଏହି ଚୁକ୍ତି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ୧ ଜୁନ ୨୦୨୫ରୁ ୩୦ ଜୁନ ୨୦୩୦ ପର୍ଯ୍ୟନ୍ତ ହୁଇଜସେନ ରିଅଲ୍ ମାଦ୍ରିଦ ପାଇଁ ଖେଳିବେ। ଏଥିଲାଗି ସେ ୬୬.୩୬ ମିଲିୟର ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୫୬୯ କୋଟି ଟଙ୍କା) ପ୍ରାପ୍ୟ ଆକାରରେ ନେବେ ବୋଲି ରିଅଲ୍ ମାଦ୍ରିଦ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଇଟାଲୀ ଦଳ ପାଇଁ ସିନିଅର ବର୍ଗରେ ଖେଳିସାରିଥିବା ଡିନ୍ କ୍ଲବ ଫୁଟ୍‌ବଲରେ ଇଟାଲୀର ଜୁଭେଣ୍ଟସ ପାଇଁ ସିରି ଏ' ଟୁର୍ଣ୍ଣାମେଣ୍ଟରେ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିଭଳି ଡିନ୍ ପ୍ରିମିଅର୍ ଲିଗ୍‌ରେ ଇଂଲିଶ କ୍ଲବ ବୌର୍ନେମାଉଥ ପକ୍ଷରୁ ଖେଳୁଛନ୍ତି। ପ୍ରିମିୟର ଲିଗ୍‌ରେ ସେ ଶ୍ରେଷ୍ଠ ଯୁବ ଖେଳାଳି ବିବେଚିତ ହୋଇଥିଲେ। ଆସନ୍ତା ମାସରେ କ୍ଲବ ବିଶ୍ୱକପ୍ ଖେଳାଯିବାକୁ ଥିବାବେଳେ ହୁଇଜସେନ ରିଅଲ୍ ମାଦ୍ରିଦ ପକ୍ଷରୁ ଖେଳି ଏହି ଚର୍ଚ୍ଚିତ କ୍ଲବରେ ପଦାର୍ପଣ କରିବେ।

## ଇଣ୍ଡିଆନ ଗ୍ରାଁପ୍ରି-୨

# ୧୦୦ ମିଟରରେ ପଦକ ପୋଛିନେଲା ଓଡ଼ିଶା

### ଅନିମେଶଙ୍କୁ ଡବଲ୍ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୭।୫ (ସମିସ): କେରଳରେ ଶନିବାର ଇଣ୍ଡିଆନ ଗ୍ରାଁପ୍ରି-୨ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟଦୌଡ଼କୁଦମହାସଂଘ (ଏଏଏଫ୍‌ଆଇ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପୁରୁଷ ୧୦୦ ଓ ୨୦୦ ମିଟରରେ ଓଡ଼ିଶାର ତାରକା ଧାବକ ଅନିକେଶ କୁଜୁର ପ୍ରଥମ ସ୍ଥାନରେ ରହି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସେ ୧୦୦ ମିଟର ରେସକୁ ୧୦.୩୧ ସେକେଣ୍ଡ ଓ ୨୦୦ ମିଟରକୁ ୨୦.୫୫ ସେକେଣ୍ଡରେ ଫିନିଶ କରିଥିଲେ। ସେହିଭଳି ପୁରୁଷ ୧୦୦ ମିଟର ରେସରେ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହି ଓଡ଼ିଶା ଧାବକ ପଦକ ପୋଛିନେଇଛନ୍ତି। ଅନିମେଶ ପ୍ରଥମ ସ୍ଥାନରେ ରହିଥିବାବେଳେ ଲାଲୁ ପ୍ରସାଦ ଭୋଇ (୧୦.୫୬୫ ସେକେଣ୍ଡ) ଓ ଦଣ୍ଡପତି ଜୟରାମ (୧୦.୫୬୯ ସେକେଣ୍ଡ) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଅପରପକ୍ଷରେ ମହିଳା ୮୦୦ ମିଟର ରେସରେ ଲକ୍ଷ୍ମୀପ୍ରିୟା କିଶାନ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ସଫଳତା ପାଇଛନ୍ତି। ସେ ଏହି ଦୂରତାକୁ ୨ ମିନିଟ୍ ୦୯.୧୦ ସେକେଣ୍ଡରେ ଫିନିଶ କରିଥିଲେ। ସେହିଭଳି ମହିଳା ୧୦୦ ମିଟର ହର୍ଡଲ୍ସରେ ମଧ୍ୟ ଓଡ଼ିଶାକୁ ଆଉ ୨ଟି ପଦକ ମିଳିଥିଲା। ଏଥିରେ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୨୬୮ ସେକେଣ୍ଡ) ଓ ସବିତା ଟପ୍ପୋ (୧୪.୨୦ ସେକେଣ୍ଡ) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ।

ସକାଳ THE SAKALA
ନନ୍ଦିଘୋଷ
ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୫
୨୦୨୫ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲା ଓ ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ରଖି
ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ 'ସକାଳ' ଓ 'ନନ୍ଦିଘୋଷ' ତରଫରୁ
ନିମ୍ନୋକ୍ତ ସ୍ଥାନମାନଙ୍କରେ ସମ୍ମାନିତ କରାଯିବ
Supported by
ଓମ୍‌ଫେଡ୍ କ୍ଷୀର ଓଡ଼ିଶାର
JUPITER GROUP OF INSTITUTIONS
Krishna Vikash Group of Institutions
AIPH University Bhubaneswar (Odisha)
SVM SHYAM CLASSES BARIPADA, MAYURBHANJ
Balasore Institute of Hospitality Management & Tourism Remuna, Balasore
NIST HIGHER SECONDARY SCHOOL BALASORE
KALINGA TUTORIAL BALASORE
SIDDHI VINAYAK HIGHER SECONDARY SCHOOL BALASORE
GANDHI HIGHER SECONDARY SCHOOL BALASORE
JHADESWAR GROUP OF INSTITUTIONS BALASORE
SULAGNA HIGHER SECONDARY SCHOOL BALASORE
PRINCE GROUP OF INSTITUTIONS
Mayurbhanj College of Accountancy & Management
EURO SCHOOL, CHATRAPUR
AIMS GROUP OF INSTITUTIONS
NEWTON Higher Secondary School of Science SAMBALPUR
VEDIC GROUP OF INSTITUTIONS | SAMBALPUR | RAIGARH | BARGARH
PINNACLE GROUP OF INSTITUTIONS
ଆଜି, ସକାଳ ୯ ଘଟିକା
ବାଲେଶ୍ୱର: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର — ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ
ବ୍ରହ୍ମପୁର: ଶିବକୁମାର ପଟନାୟକ ରିଡିଂ ରୁମ୍ ଛତ୍ରପୁର — ଗଞ୍ଜାମ, ଗଜପତି, କନ୍ଧମାଳ
ସମ୍ବଲପୁର: ହୋଟେଲ ଡଲଫିନ୍, ଅଇଁଠାପାଲ୍ଲୀ, ସମ୍ବଲପୁର — ସମ୍ବଲପୁର, ବରଗଡ, ସୁନ୍ଦରଗଡ,ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୂଆପଡା, କଳାହାଣ୍ଡି

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS